ବର୍ଷ-୨୫, ସଂଖ୍ୟା-୧୩୮
ଭୁବନେଶ୍ୱର
୨୧, ମଇ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 138
Bhubaneswar
21,May, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ବାଂଲାଦେଶୀ ଅଭିନେତ୍ରୀ ଗିରଫ



# ନୂଆ ରୂପ ନେବ ପର୍ଯ୍ୟଟନସ୍ଥଳୀ

ଭୁବନେଶ୍ୱର, ୨୦।୫(ମହାଭାରତ): ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଓଡିଶା ଦୁଃସାହସିକ ପର୍ଯ୍ୟଟନ ନିର୍ଦ୍ଦେଶାବଳୀ-୨୦୨୫ (ଓଡ଼ିଶା ଆଡଭେଂଚର ଟୁରିଜିମ୍ ଗାଇଡ୍‌ଲାଇନ୍ସ-୨୦୨୫)କୁ ଚୂଡାନ୍ତ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନ୍ୟାନ୍ୟ କ୍ଷେତ୍ର ସହିତ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଥିଙ୍କ୍ ଇଣ୍ଡିଆ, ଥିଙ୍କ ଓଡିଶା ଦୃଷ୍ଟିଭଙ୍ଗୀ ନେଇ ଓଡିଶାରେ ପର୍ଯ୍ୟଟନ ପ୍ରକଳ୍ପ ଗୁଡ଼ିକର ବିକାଶ କରାଯିବ। ଦୁଃସାହସିକ ପର୍ଯ୍ୟଟନ କ୍ଷେତ୍ରକୁ ଏପରି ଆକର୍ଷଣୀୟ କରାଯିବ, ଯେପରି ଲୋକ ଭାରତକୁ ଆସିବା କଥା ଚିନ୍ତା କଲେ, ପ୍ରଥମେ ଓଡିଶା କଥା ତାଙ୍କ ମନକୁ ଆସିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ବିକଶିତ ଭାରତ-୨୦୪୭ର ପରିକଳ୍ପନା ସହିତ ତାଳଦେଇ ଓଡିଶାର ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ଯୋଜନା କରାଯାଉଛି ଏବଂ ପର୍ଯ୍ୟଟନ ମଧ୍ୟ ଆମ ସରକାରଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଓଡିଶାର ବିକାଶ ପାଇଁ ଯେଉଁ ବ୍ୟାପକ ଦୃଷ୍ଟିଭଙ୍ଗୀ ରଖାଯାଇଛି, ଏହି ନିର୍ଦ୍ଦେଶାବଳୀ ତାହାର ଏକ ଅଂଶବିଶେଷ। ଓଡିଶାରେ ଥିବା ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟମୟ ଓ ରୋମାଞ୍ଚକ ସ୍ଥାନ ଗୁଡିକୁ ଦୁଃସାହସିକ ପର୍ଯ୍ୟଟନର ପ୍ରମୁଖ ଗନ୍ତବ୍ୟସ୍ଥଳୀ ଭାବରେ ବିକଶିତ କରିବା ଏହାର ଲକ୍ଷ୍ୟ। ଓଡିଶାର ସମସ୍ତ ୩୦ଟି ଜିଲ୍ଲାରେ ଏହି ଦୁଃସାହସିକ ପର୍ଯ୍ୟଟନର ସମ୍ଭାବନା ଥିବା ସ୍ଥାନ ଗୁଡିକର ମ୍ୟାପିଙ୍ଗ୍ କରାଯାଇ ଏଗୁଡିକର ବିକାଶ କରାଯିବ। ସାତକୋଶିଆରେ ରାଫ୍ଟିଙ୍ଗ୍ ଓ ହିରାକୁଦ ଉପରେ ହଟ୍ ଏୟାର ବେଲୁନ୍ ପର୍ଯ୍ୟଟନର ବିକାଶ ସହିତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏହିପରି ପର୍ଯ୍ୟଟନ ସୁବିଧାର ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରଖାଯାଇଛି।

ଏହି ପର୍ଯ୍ୟଟନ ଲୋକପ୍ରିୟ ହେବା ସହିତ ଏହା ରାଜ୍ୟର ଯୁବଶକ୍ତି ପାଇଁ ମଧ୍ୟ ବ୍ୟାପକ ସୁଯୋଗ ସୃଷ୍ଟି କରିବ। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ, ଜଳ, ସ୍ଥଳ ଓ ଆକାଶ- ବିଭିନ୍ନ ଦୁଃସାହସିକ ପର୍ଯ୍ୟଟନ ପାଇଁ ଯୁବବର୍ଗଙ୍କୁ ତାଲିମ ଓ ପ୍ରମାଣପତ୍ର ଦିଆଯିବ। ଏହା ଦ୍ୱାରା ସେମାନଙ୍କ ପାଇଁ ବ୍ୟାପକ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇପାରିବ। ଏଥିପାଇଁ ଘରୋଇ କ୍ଷେତ୍ରର ଅଂଶଗହଣକୁ ମଧ୍ୟ ପ୍ରୋତ୍ସାହନ ଦିଆଯିବ। ପୋର୍ଟାଲ ଜରିଆରେ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ଅନୁମୋଦନ ଦିଆଯିବ। ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ପାଇଁ ଘରୋଇ ସଂସ୍ଥା ଗୁଡିକୁ ଓଡିଶା ପର୍ଯ୍ୟଟନ ନୀତି-୨୦୨୨ ଅଧିନରେ ଆକର୍ଷଣୀୟ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ମଧ୍ୟ ବ୍ୟବସ୍ଥା ରଖା ଯାଇଛି। ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ପର୍ଯ୍ୟଟନ କ୍ଷେତ୍ରରେ ଓଡିଶାକୁ ଏକ ଆକର୍ଷଣୀୟ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଜାରି ରହିବ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଉପସ୍ଥିତ ଥିଲେ।



## ସାତକୋଶିଆରେ ରାଫ୍ଟିଙ୍ଗ୍, ହିରାକୁଦରେ ହଟ୍ ଏୟାର ବେଲୁନ

# ବଦଳିବ ରାଜ୍ୟ କ୍ୟାବିନେଟ ଢାଞ୍ଚା

ଭୁବନେଶ୍ୱର, ୨୦।୫(ମହାଭାରତ): ରାଜ୍ୟ କ୍ୟାବିନେଟର ଢାଂଚାର ପରିବର୍ତ୍ତନ ହେବ। ଏଥିନେଇ ରାଜ୍ୟ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ନୂଆ ଢାଞ୍ଚା ସମ୍ପର୍କରେ ସଂସଦୀୟ ବ୍ୟାପାର ସଚିବ ସବୁ ବିଭାଗକୁ ଚିଠି ଲେଖି ଅବଗତ କରାଇଛନ୍ତି।

ଚିଠିରେ ଉଲ୍ଲେଖ କରାଯାଇଛି ଯେ ୫ ଦିନ ପୂର୍ବରୁ କ୍ୟାବିନେଟ ବସିବାର ତାରିଖ ଚୂଡାନ୍ତ ହେବ। ୩ ଦିନ ପୂର୍ବରୁ କ୍ୟାବିନେଟର ସମସ୍ତ ପ୍ରସ୍ତାବ ଚୂଡାନ୍ତ ହେବ। ୨ ଦିନ ପୂର୍ବରୁ କ୍ୟାବିନେଟ ପ୍ରସ୍ତାବର ଫାଇଲ ମନ୍ତ୍ରୀଙ୍କ ପାଖକୁ ଯିବ। ମୁଖ୍ୟମନ୍ତ୍ରୀଙ୍କ ବିନାନୁମତିରେ କୌଣସି ପ୍ରସ୍ତାବ କ୍ୟାବିନେଟକୁ ଆସି ପାରିବନି କିମ୍ବା ମୁଖ୍ୟମନ୍ତ୍ରୀଙ୍କ ବିନାନୁମତିରେ ବିଭାଗୀୟ ସଚିବ କ୍ୟାବିନେଟରେ ବସି ପାରିବେନି।





ବିଭାଗୀୟ ସଚିବମାନେ କ୍ୟାବିନେଟ ରୁମରେ ନ ବସି ପାଖ ରୁମରେ ବସିବେ। ଆବଶ୍ୟକ ସ୍ଥଳେ ବିଭାଗୀୟ ସଚିବ କ୍ୟାବିନେଟ ବୈଠକ ରୁମକୁ ଯାଇ ପାରିବେ। କ୍ୟାବିନେଟ୍‌ରେ ମୁଖ୍ୟ ସଚିବ ଓ ଉନ୍ନୟନ କମିଶନର ବ୍ୟତୀତ ଅନ୍ୟଙ୍କୁ ବାରଣ କରାଯାଇଛି। ପ୍ରସ୍ତାବରେ ମୋହର ବାଜିବା ପରେ ତାକୁ କାର୍ଯ୍ୟକାରୀ କରାଇବା ମନ୍ତ୍ରୀଙ୍କ ଦାୟିତ୍ୱ ବୋଲି ସେଥିରେ ଉଲ୍ଲେଖ ଅଛି। ୮ ତାରିଖର ଏହି ନିର୍ଦ୍ଦେଶନାମା ଆଧାରରେ ୧୪ ତାରିଖ ଦିନ ବସିଥିଲା ରାଜ୍ୟ କ୍ୟାବିନେଟ। ବିଜେଡି ସରକାର ସମୟ ରେ କ୍ୟାବିନେଟ ଏଜେଣ୍ଡା ମନ୍ତ୍ରୀ ମାନଙ୍କ ପାଖକୁ ଯାଉନଥିବାର ଅଭିଯୋଗ କରୁଥିଲେବିରୋଧୀ । ମନ୍ତ୍ରୀ କହୁଥିଲେ କ୍ୟାବିନେଟ ପାରିତ ହୋଇଥିବା ପ୍ରସ୍ତାବ ବିଷୟରେ ସଚିବଙ୍କୁ ପଚାର। ନୂଆ ନିୟମ ଅନୁଯାୟୀ କ୍ୟାବିନେଟରେ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କ ବ୍ୟତୀତ ଅନ୍ୟ କେହି ବସି ପାରିବେ ନାହିଁ । ତିନି ଦିନ ପୂର୍ବରୁ ମନ୍ତ୍ରୀ ମାନଙ୍କୁ ପାଖକୁ ଯିବ ଏଜେଣ୍ଡା ।

# ଆଜି ଯୁକ୍ତ ଦୁଇ ପରୀକ୍ଷାଫଳ

ଭୁବନେଶ୍ୱର, ୨୦।୫(ମହାଭାରତ): ଆସନ୍ତାକାଲି ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇବ। ଅପରାହ୍ଣ ୪ଟାରେ ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏକକାଳୀନ କଳା, ବିଜ୍ଞାନ ଓ ବାଣିଜ୍ୟର ପରୀକ୍ଷା ଫଳ-୨୦୨୫ ପ୍ରକାଶ ପାଇବ। ଏଥି ସହିତ ଧନ୍ଦାମୂଳକ ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇ କହିଛନ୍ତି ଯେ, ଫଳ ପ୍ରକାଶନ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏବଂ ଆଉ କୌଣସି ବିଳମ୍ବ ହେବ ନାହିଁ।

ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି ଯେ, ପରୀକ୍ଷାର୍ଥୀମାନେ ସେମାନଙ୍କର ରେଜଲ୍ଟ ଡିଜି ଲକର ସମେତ ଡବ୍ଲୁଡବ୍ଲୁଡବ୍ଲୁ. ସିଏଚଏସଇଓଡିଶା.ଏନଆଇସି.ଇନ୍ ଏବଂ ଏଚଟିଟିପି://ଓଡିଶାରେଜଲ୍ଟସ୍.ଏନଆଇସି.ଇନ୍ ୱେବ୍‌ସାଇଟ୍‌ରେ ଦେଖିପାରିବେ। ଚଳିତ ବର୍ଷ ଫେବୃଆରୀ ୧୫ରୁ ମାର୍ଚ୍ଚ ୨୦ ମଧ୍ୟରେ ଅନୁଷ୍ଠିତ ଯୁକ୍ତ ୨ ପରୀକ୍ଷାରେ ମୋଟ ୩ ଲକ୍ଷ ୯୩ ହଜାର ୬୧୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରେ କଳା ବିଭାଗରେ ୨,୪୭,୩୯୧, ବିଜ୍ଞାନରେ ୧,୧୪,୯୮୦, ବାଣିଜ୍ୟରେ ୨୫,୫୨୬ ଏବଂ ଧନ୍ଦାମୂଳକ ବିଷୟରେ ୫,୭୨୧ ଜଣ ପରୀକ୍ଷାର୍ଥୀ ସାମିଲ ହୋଇଥିଲେ ପରୀକ୍ଷା ୧,୨୭୬ଟି କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରଶ୍ନପତ୍ର ମହଜୁଦ ପାଇଁ ୨୦୫ଟି ହବ୍ ବ୍ୟବସ୍ଥା କରାଯାଇଥିଲା। ଏହାସହ, ଯୁକ୍ତ ୩ ଆବେଦନର ଶେଷ ତାରିଖ ଚଳିତ ମାସରେ ଥିବାରୁ, ଉଚ୍ଚଶିକ୍ଷା ବିଭାଗକୁ ସମୟସୀମା ବୃଦ୍ଧି ପାଇଁ ନିବେଦନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଦୁଇ ପୋଲିସ ଅଧିକାରୀ ନିଲମ୍ବିତ

କଟକ, ୨୦।୫(ମହାଭାରତ): ଜଣେ ନିର୍ମାଣକାରୀଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ଓଡ଼ିଶା ଡିଜିପି ୱାଇ.ବି. ଖୁରାନିଆ। ଆଜି ଦୁଇ ପୁଲିସ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି। ଡିଜିପି ଇନ୍ସପେକ୍ଟର ରଞ୍ଜନ ବିଶ୍ୱାଳ ଏବଂ ସବ୍-ଇନ୍ସପେକ୍ଟର ଅଭିଷେକ ପ୍ରଧାନଙ୍କ ବିରୁଦ୍ଧରେ ଅଭିଯୋଗ ପାଇବା ପରେ ନିଲମ୍ବନ ଆଦେଶ ଜାରି କରିଛନ୍ତି। ଡିଜିପିଙ୍କ ଆଦେଶ ଅନୁସାରେ, ଏହି ଦୁଇ ପୁଲିସ କର୍ମଚାରୀ ନିଲମ୍ବନ ଅବଧି ମଧ୍ୟରେ ଉତ୍ତରାଞ୍ଚଳ ଆଇଜିପିଙ୍କ ନିକଟରେ ରିପୋର୍ଟ କରିବେ। ଏମାନେ ସମ୍ବଲପୁର ପୁଲିସ ମୁଖ୍ୟାଳୟରେ କାର୍ଯ୍ୟ କରୁଥିଲେ। ବିଶ୍ୱାଳ ସମ୍ବଲପୁର ପୁଲିସ ଷ୍ଟେସନରେ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ବିରୁଦ୍ଧରେ ଲାଞ୍ଚ ନେବା ଅଭିଯୋଗ ଉଠିଥିଲା।

# ପ୍ରିୟଙ୍କାଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଳତାଡ଼

ଭୁବନେଶ୍ୱର, ୨୦।୫(ମହାଭାରତ): ପାକିସ୍ତାନ ଗୁପ୍ତଚର ଭାବେ କାର୍ଯ୍ୟ କରି ଗିରଫ ହୋଇଥିବା ଜ୍ୟୋତି ମଲହୋତ୍ରାଙ୍କ ଗୁମର ଧୀରେ ଧୀରେ ଫିଟିବାରେ ଲାଗିଛି। ଗତବର୍ଷ ଜ୍ୟୋତି ପୁରୀ ଆସିବା, ଭିଡିଓ ବନେଇବା ଓ ସ୍ଥାନୀୟ ୟୁଟ୍ୟୁବର୍ ପ୍ରିୟଙ୍କା ସେନାପତିଙ୍କୁ ଭେଟିବା ଅନେକ ସନ୍ଦେହ ସୃଷ୍ଟି କରିଛି। ତେଣୁ ପୁଲିସ ସ୍କାନରରେ ଆସିଛନ୍ତି ପ୍ରିୟଙ୍କା। ସେ ପାକିସ୍ତାନୀ ସ୍ପାଏ ଜ୍ୟୋତି ମାଲହୋତ୍ରାଙ୍କ ଲିଙ୍କରେ ଥିବାରୁ ତାଙ୍କୁ ନେଇ ତଦନ୍ତ ଜାରି ରହିଛି। ଜାତୀୟ ତଦନ୍ତକାରୀ ସଂସ୍ଥା ପ୍ରିୟଙ୍କାଙ୍କ ଉପରେ କଡ଼ା ନଜର ରଖିଛି। ତେବେ ପ୍ରିୟଙ୍କା କିପରି କୋଟିପତି ହୋଇଛନ୍ତି ତାହାକୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା ତଦନ୍ତ କରୁଛି। ତାହା ସହ ତାଙ୍କ ଆକାଉଣ୍ଟ ଓ ତାଙ୍କ ବାପାଙ୍କ ଆକାଉଣ୍ଟ ମଧ୍ୟ ଯାଞ୍ଚ ଚାଲିଛି।

ପୁରୀ ଏସପି କହିଛନ୍ତି ଯେ ପ୍ରିୟାଙ୍କାଙ୍କ ଓ ତାଙ୍କ ପରିବାରର ଆର୍ଥିକ କାରବାରକୁ ନେଇ ଯାଞ୍ଚ ଚାଲିଛି। କେଉଁଠୁ ଟଙ୍କା ନେଇ ମଧ୍ୟ ତଦନ୍ତ ଚାଲିଥିବା ସେ କହିଛନ୍ତି। କେମିତି ସେ ୪ଟି ବିଳାସପୂର୍ଣ୍ଣ ହୋଟେଲର ମାଲିକାଣୀ ହୋଇଛନ୍ତି ତାହା ମଧ୍ୟ ତଦନ୍ତ ପରିସର ରହିଛି। କହିରଖୁଛୁ କି, ତଦନ୍ତରୁ ଏହା ମଧ୍ୟ ଜଣାପଡିଛି ଯେ ଉଭୟ ପ୍ରିୟଙ୍କା ଓ ଜ୍ୟୋତି ଏକାସାଙ୍ଗେ ଅନେକ ସ୍ଥାନ ବୁଲିଛନ୍ତି। ଲାଇଭ ଚାଟରେ ସେମାନେ ପାକିସ୍ତାନୀଙ୍କ ସହ ମଧ୍ୟ କଥାବାର୍ତ୍ତା କରିଛନ୍ତି। ପୋଲିସ ପ୍ରିୟଙ୍କାଙ୍କ ଜ୍ୟୋତି ମଲହୋତ୍ରାଙ୍କ ସହ ସମ୍ପର୍କ ଓ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ାଇବା ଘଟଣା ମଧ୍ୟ ବିବାଦରେ ରହିଛି। ତଦନ୍ତ ଶେଷ ହେବା ପରେ ପୂରା ସତ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି। ତଦନ୍ତରେ ପ୍ରିୟଙ୍କା ପୂରା ସହଯୋଗ କରୁଛନ୍ତି। ଆମେ ଏଯାବତ କୌଣସି ସିଦ୍ଧାନ୍ତରେ ପହଞ୍ଚି ସାରିନୁ, ତଦନ୍ତ ଚାଲିଛି। ସବୁ ତଦନ୍ତ ଏଜେନ୍ସି ସହ ସମ୍ପର୍କରେ ରହିଛୁ, କୋପରେଶନ ଅଛି। ଜ୍ୟୋତି କେତେ ଥର ପୁରୀ ଆସିଥିଲେ, ତାହାର ମଧ୍ୟ ତଦନ୍ତ ଚାଲିଛି।



ଗତବର୍ଷ ପୁରୀ ଆସିଥିବାବେଳେ ମାର୍କେଟ ଛକ ନିକଟସ୍ଥ ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସରେ ରହିଥିଲେ ଜ୍ୟୋତି। ସେପ୍ଟେମ୍ବର ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ୨୦୩ ରୁମ୍ ବୁକ୍ ଥିଲା। ଦିନ ତମାମ ପୁରୀର ବ୍ଲଗ୍ କରିଥିଲେ। ଏଥିରେ ସହଯୋଗ କରିଥିଲେ ପ୍ରିୟଙ୍କା ସେନାପତି। ପରେ ଏହି ଭିଡିଓକୁ ସେ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ। ତେଣୁ ପୁରୀ ପୋଲିସ ଭକ୍ତ ନିବାସକୁ ଯାଇ ପଚରାଉଚରା କରିବା ସହ ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଥ୍ୟ ସଂଗ୍ରହ କରିଛି। ଜ୍ୟୋତି ମଲହୋତ୍ରା ଓ ପ୍ରିୟଙ୍କା ସେନାପତି ପୁରୀର ଭିଡିଓ ନିଜ ସୋସିଆଲ୍ ମିଡିଆ ଆକାଉଣ୍ଟରେ ଅପଲୋଡ୍ କରିଥିଲେ। ପ୍ରିୟଙ୍କା-ଜ୍ୟୋତି ଲିଙ୍କ୍ ଘଟଣାର ତଦନ୍ତ ଚତୁର୍ଥ ଦିନରେ ପହଞ୍ଚିଛି। ଏନଆଇଏ, ରାଜ୍ୟ ଗୁଇନ୍ଦା ବିଭାଗ ଓ ହରିୟାଣା ହିସାର ପୁଲିସ ସହ ଯୋଗାଯୋଗରେ ଅଛି ପୁରୀ ପୁଲିସ। ପ୍ରିୟଙ୍କାଙ୍କ ସୋସିଆଲ୍ ମିଡିଆ ଆକାଉଣ୍ଟ, କ'ଣ କ'ଣ ପୋଷ୍ଟ କରିଥିଲେ, କ'ଣ କ'ଣ ଡିଲିଟ୍ କରିଛନ୍ତି, ତାଙ୍କ କଲ୍ ଡିଟେଲ୍ ରେକର୍ଡ, ବ୍ୟାଙ୍କ୍ ଆକାଉଣ୍ଟ ସବୁ ତନ୍ନ ତନ୍ନ କରି ଯାଞ୍ଚ କରାଯାଉଛି। ପ୍ରିୟଙ୍କାଙ୍କ ଆକାଉଣ୍ଟରେ କାହା ସହ ଆର୍ଥିକ କାରବାର ହୋଇଛି। ତାହାର ମଧ୍ୟ ଛାନଭିନ୍ ହେଉଛି। ସେପଟେ ୟୁଟ୍ୟୁବର୍ ଜ୍ୟୋତି ମଲହୋତ୍ରାଙ୍କ ପାକିସ୍ତାନ ଲିଙ୍କର ଖୋଳତାଡ଼ ବେଳେ ସାମ୍ନାକୁ ଆସିଛି କୋଲକାତା ଲିଙ୍କ୍। ଗୋଟିଏ ଭିଡିଓରେ, ଜ୍ୟୋତି ମଲହୋତ୍ରା ଓଡ଼ିଶାର ପ୍ରିୟଙ୍କା ସେନାପତି ଏବଂ କୋଲକାତାର ବ୍ଲଗର୍ ସୌମିତ ଭଟ୍ଟାଚାର୍ଯ୍ୟଙ୍କୁ ଦେଖିବାକୁ ମିଳିଛି । କୁହାଯାଉଛି, ପ୍ରିୟଙ୍କାଙ୍କ ପରେ ସୌମିତଙ୍କୁ ବି ଜେରା କରିପାରେ ହରିୟାଣା ହିସାର ପୁଲିସ। ଯେଉଁଭଳି ଭାବେ ପୁରୀ ବ୍ଲଗର୍ ପ୍ରିୟଙ୍କାଙ୍କ ସହ ଜ୍ୟୋତିଙ୍କ ଭିଡିଓ ଭାଇରାଲ୍ ହେଲା, ସେହିଭଳି ଭାବେ ସୌମିତଙ୍କ ସହ ଜ୍ୟୋତିଙ୍କ କୋଲକାତା ବୁଲୁଥିବାର ଭିଡିଓ ଭାଇରାଲ୍ ହେଉଛି। ସୂଚନାଯୋଗ୍ୟ ଯେ, ପାକ୍ ଗୁପ୍ତଚର ଜ୍ୟୋତି ମଲହୋତ୍ରାଙ୍କ ଘଟଣାରେ ସମସ୍ତଙ୍କ ନଜର ଏବେ ପୁରୀ ଉପରେ। ଅନ୍ୟପଟେ ଜ୍ୟୋତି ପାକିସ୍ତାନୀ ଲିଙ୍କର ନୂଆ ଭିଡିଓ ସାମନାକୁ ଆସିବାରେ ଲାଗିଛି। ଯାହାକି ସାରାଦେଶରେ ଚର୍ଚ୍ଚାର ବିଷୟ ହୋଇଛି।

# ଆତଙ୍କୀଙ୍କୁ ଲୋକେଶନ ପଠାଇଥିଲେ ଜ୍ୟୋତି ?

ନୂଆଦିଲ୍ଲୀ, ୨୦।୫(ମହାଭାରତ): ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ 'ଅପରେଶନ ସିନ୍ଦୂର' ମାଧ୍ୟମରେ ପାକିସ୍ତାନକୁ ଉଚିତ ଶିକ୍ଷା ଦେଇଥିଲା ଏବଂ ତାକୁ ଆଣ୍ଠୁମାଡ଼ି ବସିବାକୁ ବାଧ୍ୟ କରିଥିଲା। ସମଗ୍ର ବିଶ୍ୱ ଭାରତର ସାହସିକତା ଦେଖିଲା, କିପରି ଏହାର ସେନା ପାକିସ୍ତାନର ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ବାଛି ବାଛି ଧ୍ୱଂସ କରିଥିଲା। ଏବେ ଦେଶର ଗୁଇନ୍ଦା ସଂସ୍ଥା ମଧ୍ୟ ଦେଶ ଭିତରେ ଲୁଚି ରହିଥିବା ଏପରି ଦେଶଦ୍ରୋହୀଙ୍କୁ ଖୋଜୁଛି, ଯେଉଁମାନେ ଗୁପ୍ତ ଭାବରେ ପାକିସ୍ତାନକୁ ଗୁପ୍ତ ସୂଚନା ଦେଉଥିଲେ।

ଏପର୍ଯ୍ୟନ୍ତ ଗୁଇନ୍ଦା ସଂସ୍ଥା ହରିୟାଣାରୁ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ଏବଂ ଗୁଜରାଟରୁ ମହମ୍ମଦ ମୁର୍ତ୍ତାଜା ଅଲିଙ୍କୁ ଗିରଫ କରିଛି ଏବଂ ସେମାନଙ୍କୁ ପଚରାଉଚରା କରାଯାଉଛି। ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ପଚରାଉଚରା ସମୟରେ ଅନେକ ସାଂଘାତିକ ଖୁଲାସା ହୋଇଛି।

ରିପୋର୍ଟ ଅନୁଯାୟୀ, ଜ୍ୟୋତି ମାଲହୋତ୍ରାଙ୍କ ମାଧ୍ୟମରେ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ଭାରତୀୟ ଗୁଇନ୍ଦା ଏଜେଣ୍ଟମାନଙ୍କୁ ଚିହ୍ନଟ କରିବାକୁ ଚାହୁଁଥିଲା। ଜ୍ୟୋତି ଏବଂ ଆଇଏସଆଇ ଅଧିକାରୀ ଅଲି ହାସନଙ୍କ ମଧ୍ୟରେ ହୋଇଥିବା ହ୍ୱାଟସଆପ ଚାଟିଂ ମାଧ୍ୟମରେ ଏହା ଜଣାପଡିଥିଲା। ଚାଟ ସମୟରେ ଅଲି ହାସନ ଜ୍ୟୋତି ମାଲହୋତ୍ରାଙ୍କୁ କୋଡ ୱାର୍ଡରେ ପଚାରିଥିଲେ ଯେ ଯେତେବେଳେ ସେ ଅଟାରୀ ସୀମାକୁ ଯାଇଥିଲେ, ସେତେବେଳେ ସେ ସେଠାରେ କୌଣସି ଗୁପ୍ତ ଏଜେଣ୍ଟ ପାଇଥିଲେ କି ଯାହାକୁ କିଛି ସ୍ୱତନ୍ତ୍ର ପ୍ରୋଟୋକଲ ଅନୁଯାୟୀ ପ୍ରବେଶ ଦିଆଯାଇଥିଲା। ଏହା ଦୁଇଜଣଙ୍କ ମଧ୍ୟରେ ହୋଇଥିବା ଆଲୋଚନାର ଏକ ଅଂଶ: ଅଲି ହାସନ- ଯେତେବେଳେ ତୁମେ ଅଟାରୀ ଯାଇଥିଲ, ସେଠାରେ କାହାକୁ ପ୍ରୋଟୋକଲ ମିଳିଥିଲା ?ଜ୍ୟୋତି ମାଲହୋତ୍ରା- କିଏ ପାଇଲା, ମୁଁ ପାଇଲି ନାହିଁ। ଅଲି ହାସନ- ଏହାର ଅର୍ଥ, ଯଦି କୌଣସି ଗୁପ୍ତ ବ୍ୟକ୍ତି ଅଛି, ବନ୍ଧୁ, ତୁମେ ତାକୁ ଦେଖି କହିପାରିବ, ତୁମେ ତାକୁ କିପରି ବାହାର କରିବାକୁ କିମ୍ବା ଭିତରକୁ ଆଣିବାକୁ ପଡିଲା। ଏହା ମୋର କଥା, ତୁମେ ତାକୁ ଗୁରୁଦ୍ୱାର ଭିତରକୁ ଆଣିବା ଉଚିତ ଥିଲା, ଦୁହିଁଙ୍କୁ କୋଠରୀରେ ବସାଇ ଦେଇଥିଲ, ଏବେ ତାହା କରିଚାଲ। ଜ୍ୟୋତି ମାଲହୋତ୍ରା- ନା, ସେ ଏତେ ପାଗଳ ନ ଥିଲେ। ଆପଣଙ୍କୁ କହି ରଖୁଛୁ ଯେ ହରିୟାଣାର ହିସାରର ବାସିନ୍ଦା ୩୩ ବର୍ଷୀୟ ଟ୍ରାଭେଲ ବ୍ଲଗର୍ ଜ୍ୟୋତି ମାଲହୋତ୍ରାଙ୍କୁ ମେ ୧୭ ୨୦୨୫ ରେ ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଗିରଫ କରାଯାଇଥିଲା। ତାଙ୍କ ଉପରେ ଏହସାନ-ଉର-ରହିମ (ଉରଫ ଦାନିଶ) ସମେତ ଆଇଏସ୍‌ଆଇ କାର୍ଯ୍ୟକର୍ତ୍ତାଙ୍କ ସହ ସମ୍ବେଦନଶୀଳ ସୂଚନା ବାଣ୍ଟିବାର ଅଭିଯୋଗ ଅଛି। ଅଭିଯୋଗ ହୋଇଛି ଯେ ଜ୍ୟୋତିମାଲହୋତ୍ରା ମଧ୍ୟ ଅନେକ ଥର ପାକିସ୍ତାନ ଗସ୍ତ କରିଥିଲେ। ସେ ଏନକ୍ରିପ୍ଟେଡ ଆପ୍ ମାଧ୍ୟମରେ ଆଇଏସ୍‌ଆଇ ଅପରେଟରମାନଙ୍କ ସହ ଯୋଗାଯୋଗରେ ଥିଲେ। ଏହା ଅନେକ ଗୁରୁତ୍ୱପୂର୍ଣ୍ଣ ଦଲିଲ ଦ୍ୱାରା ପ୍ରକାଶିତ ହୋଇଛି।



# କଡ଼ ଲେଉଟାଇଲାଣି କରୋନା

ମୁମ୍ବାଇ/ଭୁବନେଶ୍ୱର, ୨୦।୫(ମହାଭାରତ): ଦେଶରେ ପୁଣି ଥରେ କଡ଼ ଲେଉଟାଇଲାଣି କରୋନା। ମୁମ୍ବାଇର ଏକ ହସ୍ପିଟାଲରେ ଦୁଇ ଜଣ କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ ପରେ ଚିନ୍ତା ବଢ଼ିଛି। ଯଦିଓ ଓଡ଼ିଶାରେ ଏପର୍ଯ୍ୟନ୍ତ ଜଣେ ବି କେହି ଆକ୍ରାନ୍ତ ହୋଇନାହାନ୍ତି, ତେବେ କେରଳ, ମହାରାଷ୍ଟ୍ର ଓ ତାମିଲନାଡୁରେ ଜଣେ ପରେ ଜଣେ କୋଭିଡରେ ଆକ୍ରାନ୍ତ ହେଉଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ଏହା କୋଭିଡ୍‌ର ନୂଆ ଭାରିଆଣ୍ଟ ନୁହେଁ। ତେଣୁ ନ ଡରି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ତଥ୍ୟ ଅନୁସାରେ, ଭାରତରେ ଆଜି ସୁଦ୍ଧା ୨୫୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ତେବେ ଆଶ୍ୱସ୍ତିର କଥା ହେଲା, ସମସ୍ତଙ୍କ ପାଖରେ କରୋନାର ସାମାନ୍ୟ ଲକ୍ଷଣ ରହିଛି ଏବଂ କାହାରି ହସ୍ପିଟାଲ ଯିବା ଆବଶ୍ୟକ ପଡ଼ିନାହିଁ। କେରଳ, ମହାରାଷ୍ଟ୍ର ଓ ତାମିଲନାଡୁରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବା ବେଳେ କେରଳରେ ସର୍ବାଧିକ ୬୯ ଜଣ କୋଭିଡ୍‌ରେ ସଂକ୍ରମିତ ହୋଇଛନ୍ତି। ମୁମ୍ବାଇର କେଇଏମ୍ ହସ୍ପିଟାଲରେ ୨ ଜଣଙ୍କର କୋଭିଡ୍‌ରେ ମୃତ୍ୟୁ ଅଭିଯୋଗ ପରେ ଓଡ଼ିଶାରେ ବଢ଼ିଛି ଚିନ୍ତା।

ଏହି ପରିପ୍ରେକ୍ଷୀରେ ଓଡ଼ିଶାବାସୀ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ସେ କହିଛନ୍ତି, ବହୁବିଧ ରୋଗରେ ଆକ୍ରାନ୍ତ ଥିବା ଲୋକେ ସାବଧାନ ରୁହନ୍ତୁ। କିଡ୍‌ନୀ ଭଳି ଗୁରୁତର ରୋଗୀ ହୋଇଥିଲେ ମାସ୍କ ପିନ୍ଧନ୍ତୁ । ଏବେ ବ୍ୟାପିଥିବା କୋଭିଡ୍ ଓମିକ୍ରନ୍ ର ସବ୍ ଭାରିଆଂଟ ଓଡ଼ିଶାରୁ ଚିହ୍ନଟ ହେଲେ ଜିନମ୍ ସିକ୍ୟୁଏନସ୍ ପାଇଁ ପଠାଯିବ। ଏପର୍ଯ୍ୟନ୍ତ କେନ୍ଦ୍ରରୁ କୌଣସି ମାର୍ଗଦର୍ଶିକା ଜାରି କରାଯାଇ ନାହିଁ। ସେହିପରି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ଜୟନ୍ତ ପଣ୍ଡା କହିଛନ୍ତି, ଗତବର୍ଷ ମଧ୍ୟ ଏହି ସମୟରେ କିଛି ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏପର୍ଯ୍ୟନ୍ତ କୋଭିଡ୍ ଯୋଗୁ ଗୁରୁତର ହୋଇଥିବା ରୋଗୀ ସାମ୍ନାକୁ ଆସିନାହାନ୍ତି । ସିଙ୍ଗାପୁର ଏବଂ ହଂକଂରେ କୋଭିଡ ସଂକ୍ରମଣ ବଢୁଛି । ଭାରତରେ କିଛି ଆକ୍ରନ୍ତ ଚିହ୍ନଟ ହୋଇଛନ୍ତି। ଏହି ଭେରିଆଂଟରେ ଥଣ୍ଡା, ଛିଙ୍କ, କଫ ଓ ଗୋଡ଼ହାତ ବିନ୍ଧା ହେବ। ଯେଉଁମାନେ ବହୁବିଧ ରୋଗରେ ଆକ୍ରାନ୍ତ ସେମାନେ ସାବଧାନ ରୁହନ୍ତୁ। କିଡ୍‌ନୀ ଭଳି ଗୁରୁତର ରୋଗୀ ହୋଇଥିଲେ ସତର୍କ ରୁହନ୍ତି। ଏହି ଭେରିଆଂଟରେ ସଂକ୍ରମଣ ହାର କମ୍ ରହିଛି। ହେଲେ ଆମେ ସତର୍କ ରହିବା ଆବଶ୍ୟକ।

## ଅସୀମ ମୁନିରଙ୍କ ଅଧିକ କ୍ଷମତା ବଢ଼ାଇଲା ପାକିସ୍ତାନ

ନୂଆଦିଲ୍ଲୀ, ୨୦।୫(ମହାଭାରତ): ପଦୋନ୍ନତି ପାଇଲେ ଆତଙ୍କିସ୍ତାନର ଜିହାଦୀ ଆର୍ମି ଚିଫ୍ ଅସୀମ ମୁନିର ପାକିସ୍ତାନର ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କୁ ଫିଲ୍ଡ ମାର୍ଶାଲ ପଦବୀରେ ପଦୋନ୍ନତି ଦେଇଛି ପାକିସ୍ତାନ ଭାରତ ମଧ୍ୟରେ ବିବାଦ ମଧ୍ୟରେ ମୁନିରଙ୍କୁ ବଡ ଦାୟିତ୍ୱ ଦେଇଛି। ସରିଫ ସରକାର ପାକିସ୍ତାନର ରାଷ୍ଟ୍ରୀୟ ଟେଲିଭିଜନ ଏହି ଖବର ପ୍ରଚାର କରିଛି। ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ପାକିସ୍ତାନରେ ଏକ ବିରଳ ଘଟଣା, କାରଣ ଫିଲ୍ଡ ମାର୍ଶାଲ ପଦବୀ ଏକ ସମ୍ମାନଜନକ ଓ ଯୁଦ୍ଧକାଳୀନ ରାଙ୍କ ଭାବେ ବିବେଚିତ ହୁଏ ଏହା ପୂର୍ବରୁ ୧୯୫୯ରେ ଜେନେରାଲ ଆୟୁବ ଖାନଙ୍କୁ ଏହି ପଦବୀ ଦିଆଯାଇଥିଲା।

## 'ଶକ୍ତି' ପାଇଁ ଆଲର୍ଟ କଲା ଆଇଏମଡି

ନୂଆଦିଲ୍ଲୀ, ୨୦।୫(ମହାଭାରତ):: ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଶକ୍ତି ପାଇଁ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଆଲର୍ଟ ଜାରି କରିଛି। ଏହି ବାତ୍ୟା ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରଭାବ ପକାଇବ ବୋଲି ଆଶଙ୍କା କରାଯାଉଛି। ଏହା ଯାତ୍ରା ଏବଂ ମୌସୁମୀ ଋତୁ ଉପରେ ମଧ୍ୟ ପ୍ରଭାବ ପକାଇପାରେ।

ପାଣିପାଗ ବିଭାଗ ଉପକୂଳବର୍ତ୍ତୀ ଅଞ୍ଚଳରେ ଭାରୀ ବର୍ଷା, ପ୍ରବଳ ପବନ ଏବଂ ସମୁଦ୍ରରେ ଉଚ୍ଚ ଜୁଆର ହେବାର ସମ୍ଭାବନା ଥିବା ଚେତାବନୀ ଦେଇଛି। ଏହି କାରଣରୁ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର କେତେକ ଅଞ୍ଚଳରେ ବିମାନ ଓ ଟ୍ରେନ ଚଳାଚଳରେ ବାଧା ସୃଷ୍ଟି ହୋଇପାରେ। ଯାତ୍ରୀମାନଙ୍କୁ ସତର୍କ ରହିବାକୁ ଏବଂ ଯାତ୍ରା ଆରମ୍ଭ କରିବା ପୂର୍ବରୁ ସ୍ଥାନୀୟ ପାଣିପାଗ ସୂଚନା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ମାଛଧରା ଜାଲି ନେଇ ସମୁଦ୍ରକୁ ନଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ଚେତାବନୀ ଦିଆଯାଇଛି। ବାତ୍ୟା ଶକ୍ତି ଦକ୍ଷିଣ-ପଶ୍ଚିମ ମୌସୁମୀର ଅଗ୍ରଗତିକୁ ପ୍ରଭାବିତ କରିପାରେ। ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ଚକ୍ରବାତ ମୌସୁମୀ ପବନକୁ ଶକ୍ତିଶାଳୀ କରିପାରେ, ଯାହା ଦ୍ୱାରା ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ଅଧିକ ବର୍ଷା ହୋଇପାରେ ତେବେ, ଏହା ମୌସୁମୀର ସମୟକୁ ମଧ୍ୟ ବିଳମ୍ବ କରିପାରେ ବୋଲି ଆଶଙ୍କା ରହିଛି। ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ସରକାର ଚକ୍ରବାତର ସମ୍ଭାବ୍ୟ ପ୍ରଭାବକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବାହିନୀ ଉପକୂଳବର୍ତ୍ତୀ ଅଞ୍ଚଳରେ ମୁତୟନ ହୋଇଛନ୍ତି। ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ସାରା ରାଜ୍ୟରେ ଜାରି ରହିଛି କାଳବୈଶାଖୀ ବର୍ଷ କାଳବୈଶାଖୀ ବର୍ଷା ନେଇ ରାଜ୍ୟର ସମସ୍ତ ୩୦ ଜିଲାକୁ ଆଲର୍ଟ କରିଛି ଆଞ୍ଚଳିକ ପାଣିପାଗ ବିଭାଗ ବିଶେଷକରି ପଶ୍ଚିମ, ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ଝଡ଼ବର୍ଷା ସହ ବଜ୍ରପାତ ହେବ। ଲଘୁଚାପ ସୃଷ୍ଟି ହେବା ପରେ ଉତ୍ତର ଆଡ଼କୁ ଗତି କରିବ ।ତେବେ ଲଘୁଚାପ ଆହୁରି ଶକ୍ତିଶାଳୀ ହେବା ନେଇ ପୂର୍ବାନୁମାନ କରିଛି ବିଭାଗ।

# ସରକାରୀ କ୍ୱାର୍ଟର୍ସରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର, ୨୦।୫(ମହାଭାରତ): ଜବରଦଖଲ ହୋଇଥିବା ସରକାରୀ କ୍ୱାର୍ଟର୍ସ ଉଚ୍ଛେଦ ଆରମ୍ଭ ହୋଇଛି। ଦୀର୍ଘଦିନ ଧରି ଜବରଦଖଲ କରାଯାଇଥିବା ସରକାରୀ ଘରଗୁଡିକୁ ଉଚ୍ଛେଦ କରିଛି ବିଡିଏ। ଆଜି ବିଡିଏ ଏନଫୋର୍ସମେଣ୍ଟ ଟିମ ଏସବୁର ଯାଞ୍ଚ କରି ଉଚ୍ଛେଦ କରିଛି । ବିଡିଏ ସମେତ ଓପିଟିସିଏଲ୍, ୱାଟକୋ, ଜିଏ ଡିପାର୍ଟମେଣ୍ଟ, କମିସନରେଟ ପୁଲିସ, ରୋଡ୍ ଆଣ୍ଡ ବିଲ୍ଡିଂ ଡିପାର୍ଟମେଣ୍ଟ ଓ ପଡବ୍ଲୁଡି ବିଭାଗର ମିଳିତ ସହଯୋଗରେ ଏହି ଉଚ୍ଛେଦ କରାଯାଇଛି। ରାଜମହଲରୁ ମାଷ୍ଟ କ୍ୟାଣ୍ଟିନ ଯିବା ରାସ୍ତାରେ ଥିବା ଏହି କ୍ୱାର୍ଟର ଗୁଡିକ ରହିଛି ।





ଦୀର୍ଘ ଦିନ ଧରି ବାହାରୁ ବନ୍ଦ ପଡିଥିବା ମନେ ହେଉଥିବା ବେଳେ ଯା ଭିତରେ ଚାଲିଛି ବିଭିନ୍ନ ବ୍ୟବସାୟ। କିଏ ନିଜର ଦୋକାନ ବଜାର କାମ କରୁଛନ୍ତି ତ ଆଉ କିଏ ଏଠି ପରିବାର ନେଇ ରହୁଛନ୍ତି। ରାଜମହଲ ଛକକୁ ଲାଗିଥିବା ବେତ ଦୋକାନର ବେତ ତିଆରି ଜିନିଷ ଏଠାରେ କାମ ଚାଲିଛି। ଏମିତିକି ଅନେକ ଲୋକଙ୍କ ପାଖରୁ ଭଡା ନେଇ ଘର ଯୋଗାଇ ଦିଆଯାଇଥିବା କହିଛନ୍ତି ଭଡା ଦେଉଥିବା ଲୋକ।

ମିଳିଥିବା ତଥ୍ୟ ଆଧାରରେ ଭୁବନେଶ୍ୱରରେ ପାଖାପାଖି ୯୦ ରୁ ଊର୍ଦ୍ଧ୍ୱ କ୍ୱାର୍ଟର ବର୍ତ୍ତମାନ ଜବରଦଖଲରେ ଅଛି। ପ୍ରାଥମିକ ପର୍ଯ୍ୟାୟରେ ଆଜି ପ୍ରଥମ ପର୍ଯ୍ୟାୟରେ ୧୨ ଟି କ୍ୱାର୍ଟର ଉଚ୍ଛେଦ ହୋଇଛି। ଆଗକୁ ଅନ୍ୟାନ୍ୟ ଜବରଦଖଲ କ୍ୱାର୍ଟରକୁ ଉଚ୍ଛେଦ କରାଯିବ ବୋଲି ଅଧିକାରୀ କହିଛନ୍ତି । ଅନ୍ୟପକ୍ଷରେ ଏଠାରେ ଭଡ଼ାରେ ଦୁଇମାସ ହେଲା ରହିଥିବା ଜଣେ ମହିଳା ଆଡ଼ଭାନ୍ସ ଦେଇ ରହୁଥିବା କହିଛନ୍ତି ଓ ଏଠାରୁ ହଠାତ ବାହାର କରିଦେଲେ କୁଆଡେ ଯିବୁ ବୋଲି ପ୍ରଶ୍ନ ମଧ୍ୟ କରିଥିଲେ।

## ସ୍ୱାଦିଷ୍ଟ ବାଉଁଶ ମାଛ



ଆବଶ୍ୟକ ସାମଗ୍ରୀ : ଚୁନା ମାଛ, କରଡ଼ି, ସୋରିଷ ବଟା, ଅଦା ବଟା, ରସୁଣ ବଟା, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, ତେଲ ଓ ବାଉଁଶ ନଳୀ ।

ପ୍ରସ୍ତୁତି ପ୍ରଣାଳୀ : ପ୍ରଥମେ ମାଛରେ ହଳଦୀ ଗୁଣ୍ଡ, କରଡ଼ି, ଅଦା ବଟା, ରସୁଣ ବଟା, ସୋରିଷ ବଟା, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ ଓ ତେଲ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ଏହାପରେ ବାଉଁଶ ନଳୀରେ ଭଲ ଭାବରେ ତେଲ ମାରି ସେଥିରେ ମସଲା ଗୋଳା ମାଛକୁ ପୂରାଇ ଦିଅନ୍ତୁ ଓ ଅଟା ଚକଟାରେ ତା'ର ମୁହଁ ବନ୍ଦ କରି ଦିଅନ୍ତୁ। ଏହାପରେ ଅଙ୍ଗାର ନିଆଁରେ ମାଛ ଭର୍ତ୍ତି ବାଉଁଶ ନଳୀକୁ ରଖି ଦିଅନ୍ତୁ । ଏହା ଉପରେ ବି ନିଆଁ ରଖିବେ । ପଚିଶ ତିରିଶ ମିନିଟ୍ ପରେ ବାଉଁଶ ନଳୀକୁ ନିଆଁରୁ ଆଣନ୍ତୁ ଓ ମୁହଁ ଖୋଲି ମାଛକୁ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କର ବାଉଁଶ ମାଛ । ଏବେ ଏହାକୁ ଗରମ ଗରମ ପରଷି ଦିଅନ୍ତୁ ।

..... ଖବର .....

# ରାମଚରଣଙ୍କ ନୂଆ ରେକର୍ଡ



ଫିଲ୍ମ 'ଆର୍‌ଆର୍‌ଆର୍' ପରେ ଗ୍ଲୋବାଲ୍ ଷ୍ଟାର୍ ବନିଯାଇଛନ୍ତି ଦକ୍ଷିଣୀ ସୁପରଷ୍ଟାର୍ ରାମଚରଣ। ଏହି ଫିଲ୍ମ ତାଙ୍କୁ ବିଶ୍ୱସ୍ତରରେ ବେଶ୍ ପରିଚିତ କରାଇଛ। ଏହି ସଫଳତା ପରେ ଏବେ ତାଙ୍କ ସଫଳ କ୍ୟାରିୟରରେ ଆଉ ଏକ ଉପଲବ୍ଧି ଯୋଡ଼ି ହୋଇଛି। ଲଣ୍ଡନ୍ର ପ୍ରସିଦ୍ଧ ୱାକ୍ସ ମ୍ୟୁଜିୟମ୍ ମାଡାମ୍ ତୁସାଦ୍ରେ ପୋଷା କୁକୁର ରାଇମ ସହିତ ରାମଚରଣଙ୍କ ଏକ ମହମ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ପୂର୍ବରୁ ମଧ ବହୁ ଭାରତୀୟ କଳାକାରଙ୍କ ମହମ ପ୍ରତିମା ଉନ୍ମୋଚିତ ହୋଇଛି, ହେଲେ ରାମଚରଣଙ୍କ ପ୍ରତିମାଟି ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। କାରଣ ଏହା ହେଉଛି କେଣସି ସେଲିବ୍ରିଟିଙ୍କର ପ୍ରଥମ ମହମ ପ୍ରତିମା, ଯେଉଁଥିରେ ସାଥିରେ ତାଙ୍କ ପୋଷାପ୍ରାଣୀ ଶୋଭା ପାଉଛି। ଏହା ପୂର୍ବରୁ କେଣସି ଭାରତୀୟ କଳାକାରଙ୍କର ଏଭଳି ମହମ ପ୍ରତିମା ତିଆରି କରାଯାଇ ନଥିଲା।ଲଣ୍ଡନ୍ରେ ଅନୁଷ୍ଠିତ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ରାମଚରଣ, ତାଙ୍କ ପରିବାର ଓ ବନ୍ଧୁବର୍ଗ ଯୋଗ ଦେଇଥିଲେ। ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ପ୍ରଥମେ ଉନ୍ମୋଚନ ସ୍ଥଗିତ ରହିବ ବୋଲି ଆଶଙ୍କା କରାଯାଉଥିଲା। କିନ୍ତୁ ସୀମାରେ ସ୍ଥିତି ଶାନ୍ତ ହେବା ପରେ ଅଭିନେତାଙ୍କ ପରିବାର ଉନ୍ମୋଚନ ଉତ୍ସବ କରିବାକୁ ନିଷ୍ପତ୍ତି ନେଇଥିଲେ। ଉନ୍ମୋଚନ ସମୟରେ ରାମଚରଣଙ୍କ ପରିବାର ଭାବବିହ୍ୱଳ ହୋଇପଡ଼ିଥିବା ଦେଖାଯାଇଥିଲା। ଉନ୍ମୋଚିତ ହୋଇଥିବା ମହମ ପ୍ରତିମୂର୍ତ୍ତିରେ ରାମଚରଣଙ୍କ ଓସ୍କାର୍ ପୁରସ୍କାର ସମାରୋହରେ ଯୋଗ ଦେବା ସମୟର ଲୁକ୍ ରହିଛି। ଏହି ମହମ ମୂର୍ତ୍ତିଟି ମେ' ୧୯ ପର୍ଯ୍ୟନ୍ତ ଲଣ୍ଡନ୍ର ମାଡାମ୍ ତୁସାଦ୍ରେ ପ୍ରଦର୍ଶିତ ହେବ। ଏହାପରେ ଏହାକୁ ଜନସାଧାରଣଙ୍କ ପ୍ରଦର୍ଶନ ନିମି□ ମାଡାମ୍ ତୁସାଦ୍ ସିଙ୍ଗାପୁରକୁ ସ୍ଥାନାନ୍ତରିତ କରାଯିବ।

## ଚୁଟି ଝଡୁଥିଲେ....



ସବୁଠାରୁ ବଡ଼ ସମସ୍ୟା ହେଉଛି କେଶ ଝଡ଼ିବା । ଯାହା ପ୍ରାୟ ସମସ୍ତଙ୍କର ଚିନ୍ତା । ତେଣୁ କେଶର ଯତ୍ନ ନେବା ନିହାତି ଜରୁରୀ । କାରଣ କେଶର ସଠିକ ଯତ୍ନ ନେଉଛନ୍ତି ତେବେ କେଶ ଭଲ ଭାବରେ ବଢିଥାଏ । ତେବେ ଆଜି ଆପଣଙ୍କୁ ୪ଟି ପ୍ରାକୃତିକ ଉପାୟ ବିଷୟରେ କହିବୁ । ଯାହାକୁ ଆପଣ କେଶରେ ଲଗାଇପାରିବେ ।

ନିମ୍ବ: କେଶର ସବୁଠାରୁ ବଡ଼ ସମସ୍ୟା ହେଉଛି ରୂପି ଏବଂ ମୁଣ୍ଡ କୁଣ୍ଡାଇହେବା । ଯଦି ଆପଣଙ୍କ ସହ ମଧ୍ୟ ଏପରି ହେଉଛି ତେବେ ନିମ୍ବ ପତ୍ର ବ୍ୟବହାର କରିପାରିବେ । ନିମ୍ବରେ ଆନାଲଜେସିକ ଏବଂ ଆଣ୍ଟିଇନଫ୍ଲାମେଟ୍ରି ଗୁଣ ଥାଏ । ଯାହା କେଶର ସମସ୍ତ ସମସ୍ୟା ଦୂର କରିଥାଏ । ତେଣୁ ନିମ୍ବ ପତ୍ରକୁ ବାଟି କେଶରେ ମାସ୍କ ପରି ଲଗାନ୍ତୁ ।

ଅଁଳା: ଅଁଳାରେ ଭିଟାମିନ ସି ଏବଂ ଆଣ୍ଟିଅକ୍ସିଡ଼େଣ୍ଟ ଥାଏ । ଯାହା କୋଲୋଜନ ପ୍ରଡ଼କ୍ସନ କରିବାରେ ସାହାର୍ଯ୍ୟ କରିଥାଏ । କୋଲୋଜନ କେଶ ବଢିବାରେ ସାହାର୍ଯ୍ୟ କରିଥାଏ । ଅଁଳା ପାଉଡ଼ରକୁ ପାଣିରେ ମିଶାଇ କେଶର ମୂଳରେ ଲଗାଇ ଅଧ ଘଣ୍ଟା ପର୍ଯ୍ୟନ୍ତ ଲଗାଇ ଅଧ ଘଣ୍ଟା ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ଏହା ପରେ ଥଣ୍ଡା ପାଣିରେ ଭଲ ଭାବରେ ଧୋଇଦିଅନ୍ତୁ ।

ମେଥି: ମେଥି ଏକ ପ୍ରାକୃତିକ କଣ୍ଡିସନର ।ଏଥିରେ ଆଣ୍ଟିଫଙ୍ଗାଲ ଏବଂ ଆଣ୍ଟିଅକ୍ସିଡ଼େଣ୍ଟ ଯାହା କେଶକୁ ବଢିବାରେ ସାହାର୍ଯ୍ୟ କରିଥାଏ । ମେଥି,ଅଁଳା,ଶିକାକାଇ ଏବଂ ମେହେନ୍ଦି ପେଷ୍ଟ ତିଆରି କରି କେଶ ମୂଳରେ ଭଲ ଭାବରେ ଲଗାନ୍ତୁ । ଅଧଘଣ୍ଟା ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ ।

## ଶରୀରର ପାଇଁ ଲାଭଦାୟକ ହୋଇଥାଏ ଗୋଲମରିଚ



ଗୋଲମରିଚରେ ଅନେକ ଉପକାରିତା ରହିଛି କିନ୍ତୁ ଖୁବ୍ କମ ଲୋକ ଏହା ବିଷୟରେ ଜାଣନ୍ତି । ଗୋଲମରିଚ ଯାହା ସର୍ବଦା ରୋଷେଇ ଘରେ ରହିଥାଏ । ତାହା କେବଳ ମସଲାରରେ ବ୍ୟବହାର କରାଯାଏ ନାହିଁ ବରଂ ଏଥିରେ ଅନେକ ଔଷଧୀୟ ଗୁଣ ମଧ ରହିଥାଏ । ଯଦି ସକାଳେ ଖାଲି ପେଟରେ ଉଷୁମ ପାଣିରେ ଗୋଲମରିଚ ଖାଇଥାନ୍ତି, ତେବେ ଏହା ଆମ ଶରୀରକୁ ବହୁତ ଲାଭ ଦେଇଥାଏ । ତେବେ ଚାଲନ୍ତୁ ଜାଣିବା ଗୋଲ ମରିଚର ବିଭିନ୍ନ ଉପକାରିତା ବିଷୟରେ

କ୍ଷମତା ବଢ଼ାଇଥାଏ – ଉଷୁମ ପାଣି ସହିତ ଗୋଲମରିଚ ଖାଇବା ଦ୍ୱାରା ଶରୀରର କ୍ଷମତା ବଢିଥାଏ । ଶରୀରରେ ଜଳର ଅଭାବକୁ ନିୟନ୍ତ୍ରଣ କରିବା ସହିତ ଭିତରେ ଥିବା ଅମ୍ଳତା ସମସ୍ୟାକୁ ମଧ ସମାପ୍ତ କରିଥାଏ ।

ଚର୍ବି କମାଇଥାଏ – ଗୋଲମରିଚକୁ ଉଷୁମ ପାଣି ସହିତ ଖାଇବା ଦ୍ୱାରା ଶରୀରରେ ବଢୁଥିବା ଚର୍ବିକୁ ହ୍ରାସ କରିଥାଏ ।

କୋଷ୍ଠକାଠିନ୍ୟରୁ ମୁକ୍ତି ଦେଇଥାଏ – କୋଷ୍ଠକାଠିନ୍ୟ ରୋଗୀଙ୍କ ପାଇଁ ଗୋଲମରିଚ ଖାଇବା ଅତ୍ୟନ୍ତ ଲାଭଦାୟକ ।ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏକ କପ୍ ପାଣିରେ ଲେମ୍ବୁ ରସ, ଗୋଲମରିଚ ଗୁଣ୍ଡ ଏବଂ ଲୁଣ ମିଶାଇ ଏହାକୁ ପିଇବା ଦ୍ୱାରା କିଛି ଦିନ ମଧ୍ୟରେ ଗ୍ୟାସ୍ ଏବଂ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

ଥଣ୍ଡାରୁ ମୁକ୍ତି ଦେଇଥାଏ – ଗରମ କ୍ଷୀରରେ ମିଶ୍ରିତ ଗୋଲମରିଚ ମିଶାଇ ପିଇବା ଦ୍ୱାରା ଥଣ୍ଡାରୁ ଆରାମ ଦେଇଥାଏ । ଏହା ବ୍ୟତୀତ, ବାରମ୍ବାର ଥଣ୍ଡା କିମ୍ବା କ୍ରମାଗତ ଭାବରେ ଛିଙ୍କ ଆସୁଥିଲେ, ତେବେ ପ୍ରତିଦିନ ଗୋଲ ମରିଚ ସଂଖ୍ୟାକୁ ଏକରୁ ପନ୍ଦର ପର୍ଯ୍ୟନ୍ତ ବୃଦ୍ଧି କରି ଖାଇବା ଆରମ୍ଭ କରନ୍ତୁ ଏବଂ ତା'ପରେ ପ୍ରତିଦିନ ପନ୍ଦରରୁ ଏକକୁ ହ୍ରାସ କରନ୍ତୁ । ଏହା କରିବା ଦ୍ୱାରା ଆପଣ ଥଣ୍ଡା ସମସ୍ୟାରୁ ମୁକ୍ତି ପାଇପାରିବେ ।

# ଘରେ ସୁଖ ସମୃଦ୍ଧି ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଏହି ଉପାୟ ଅବଲମ୍ବନ କରିବାକୁ କହିଥିଲେ ଶ୍ରୀକୃଷ୍ଣ



ଭଗବାନ ଶ୍ରୀକୃଷ୍ଣ ରଣଭୂମୀରେ ଅର୍ଜ୍ଜୁନଙ୍କୁ ଅସ୍ତ୍ର ଉଠାଇବାକୁ କେବଳ ପ୍ରେରିତ କରିନଥିଲେ। ଏହି ଛଳରେ ସେ ଯେଉଁ ଅମୂଲ୍ୟ ଉପଦେଶମାନେ ଦେଇଥିଲେ ଭଗବତ ଗୀତା ଭାବେ ଆଜି ବି ସମଗ୍ର ମନବ ସମାଜକୁ ଦିଗଦର୍ଶନ ଦେଇଆସୁଛି। ଜୀବନରେ ସୁଖ, ଦୁଃଖ, ବିପଦ ଆଦି ସମ୍ପର୍କରେ ଗୀତା ରୂପକ ମାଳାରେ ସେ ଶ୍ଳୋକର ଯେଉଁ ମୋତି ଗୁନ୍ଥିଥିଲେ ତାହା ପ୍ରତିଟି ମାନବର ପଥ ପ୍ରଦର୍ଶନ ନିମନ୍ତେ ଅର୍ପିତ ହୋଇଛି। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଶ୍ଳୋକରେ ଯେଉଁ ସନ୍ଦେଶ ଦେଇଥିଲେ ତାକୁ ଧର୍ମରାଜ ଯୁଦ୍ଧିଷ୍ଠିର ଜୀବନର ସୂତ୍ରରେ ରୂପାନ୍ତରିତ କରିଥିଲେ। ଉତ୍ତମ ମାନର ଜୀବନଧାରଣ ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଗୃହରେ ସର୍ବଦା ୫ଟି ଜିନିଷ ସାଇତି ରଖିବାକୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ ।ଯେଉଁଗୁଡିକ ଜୀବନକୁ ସୁଖୀ ଓ ସମୃଦ୍ଧ କରିବାକୁ ଯଥେଷ୍ଟ ।ଏଥିରେ ଭଗବାନ କୃଷ୍ଣ ଜଳକୁ ସର୍ବାଧିକ ମହତ୍ୱ ଦେଇଥିବା ବେଳେ ଚନ୍ଦନ, ଗୋ ଘୃତ, ମହୁ ଓ ବୀଣା ରଖିବାକୁ କହିଥିଲେ।ଭଗବାନ ଶ୍ରୀକୃଷ୍ଣ ଯୁଦ୍ଧିଷ୍ଠିରଙ୍କୁ ତାଙ୍କ ରାଜ୍ୟରେ ସମୁଚିତ ଜଳର ବ୍ୟବସ୍ଥା କରିବାକୁ କହିଥିଲେ। ଯେପରି ରାଜ୍ୟର ପ୍ରଜା ଜଳ କଷ୍ଟ ଜନିତ ସମସ୍ୟାରେ ନ ପଡନ୍ତି। ବିଭିନ୍ନ ହିନ୍ଦୁ ଧର୍ମଗ୍ର୍ୟରେ ଜଳର ମହିମାମୟ ବର୍ଣ୍ଣନା ବି ମିଳେ। ଘରେ ଶୁଦ୍ଧ ଜଳର ଉପସ୍ଥିତି ପରିବେଶକୁ ସକାରତ୍ମକ ରଖିଥାଏ। ଶ୍ରୀକୃଷ୍ଣ ଘରେ ଚନ୍ଦନ ରଖିବା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ।ଏଥିଲାଗି ତାଙ୍କୁ ସାପମାନଙ୍କର ଉଦାହରଣ ବି ଦେଇଥିଲେ। ଚନ୍ଦନ ଗଛରେ ସାପ ଗୁଡେଇ ହୋଇ ରହନ୍ତିୟ ହେଲେ ଚନ୍ଦନର ଗୁଣ ଉପରେ ସାପମାନଙ୍କ ବିଷ ତତ୍ୱ ନଥାଏ। ସେହିପରି ଘରେ ଉତ୍କୃଷ୍ଟ ଚନ୍ଦନର ଉପସ୍ଥିତି ଘରର ସମସ୍ତ ନକରାତ୍ମକତା ନାଶ କରି ଖରାପ ଶକ୍ତିଙ୍କ କବଳରୁ ଘରକୁ ରକ୍ଷା କରିଥାଏ।ଗ୍ରାହ୍ୟସ୍ଥଙ୍କ ଘରେ ଗୋ ଘୃତ ରଖିବା ଅପରିହାର୍ଯ୍ୟ ବୋଲି ଯୁଦ୍ଧିଷ୍ଠିରଙ୍କୁ ଶ୍ରୀକୃଷ୍ଣ କହିଥିଲେୟ ଏମିତିରେ ଶ୍ରୀକୃଷ୍ଣଙ୍କ ବାଲ୍ୟ ଜୀବନ ଗୋ ଗୋଷ୍ଠରେ ବିତିଥିଲା।ଗୋ ସେବାକୁ ମାନବର ପରମଧର୍ମ ବୋଲି ଶ୍ରୀକୃଷ୍ଣ ନିଜ ଉକ୍ତିରେ ବି କହିଛନ୍ତି। ଏଥିରେ ଗୋ ଘୃତର ଘରେ ଅବସ୍ଥାନ ସମସ୍ତ ନକରାତ୍ମକତାର ନାଶକୁ ବୁଝାଏ। ପୂଜା ସ୍ଥାନରେ ଗୋ ଘୃତର ଦୀପଟିଏ ପ୍ରଜ୍ୱଳନ ଘରର ସୁଖ ସମୃଦ୍ଧିକୁ ଆମନ୍ତ୍ରଣ କରିଥାଏ।ସେହିପରି ମହୁକୁ ଅତ୍ୟନ୍ତ ପବିତ୍ର ପ୍ରାକୃତିକ ଖାଦ୍ୟ ପଦାର୍ଥ ବୋଲି କହିଛନ୍ତି ଶ୍ରୀକୃଷ୍ଣୟ ମହୁ ଯୋଗୁ ଗୃହର ବାତାବରଣ ବିଶୁଦ୍ଧ ରହିବା ସହ ସକରାତ୍ମକତା ସୃଷ୍ଟି ଲାଗି ଏଥିରେ ଅପୂର୍ବ ଶକ୍ତି ରହିଛି। ଏଣୁ ଘରେ ଘୃତ ଭଳି ମହୁକୁ ସ୍ଥାନ ଦେବା ସହ ଏହାର ନିତ୍ୟ ବ୍ୟବହାର ଉପରେ ବି ଗୁରୁତ୍ୱ ଦେଇଥିଲେ। ଏହା ଛଡା ବାଦ୍ୟ ଯନ୍ତ୍ର ବୀଣାର ଘରେ ଉପସ୍ଥିତିକୁ ମଧ ଗୁରୁତ୍ୱପୂର୍ଣ୍ଣ କହିଛନ୍ତି। ବୀଣା ବାଗଦେବୀ ସରସ୍ୱତୀଙ୍କ ପ୍ରୀୟ ବାଦ୍ୟୟ ଏଣୁ ବୀଣା ଥିବା ସ୍ଥାନକୁ ସରସ୍ୱତୀଙ୍କ ଆଗମନ ହୋଇଥାଏ। ଫଳରେ ଗୃହରେ ଭଗବତୀଙ୍କ ନିବାଶ ଯୋଗୁ ଲୋକଙ୍କ ବୁଦ୍ଧିର ବି ବିକାଶ ହୋଇଥାଏ। ଏଣୁ ଘରେ ବୀଣାଟିଏ ବି ରଖିବାକୁ ଯୁଦ୍ଧିଷ୍ଠିରଙ୍କୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ।

## ଗ୍ଲୋଇଂ ଓ ଆଟ୍ରାକ୍ଟିଭ ଫେସ୍ ପାଇଁ ଆପଣାନ୍ତୁ ଏହି ଜିନିଷ

କ୍ଷୀର କେବଳ ସ୍ୱାସ୍ଥ୍ୟ ଭଲ ହୋଇନଥାଏ ବରଂ ଏହା ଆମ ତ୍ୱଚା ପାଇଁ ମଧ ଲାଭଦାୟକ ହୋଇଥାଏ। ଯଦି ଆପଣ କ୍ଷୀରକୁ ରାତି ସାରା ତ୍ୱଚାରେ ଲଗାଇ ରଖିବେ,ତେବେ ଆପଣଙ୍କୁ କୌଣସି ମହଙ୍ଗା କ୍ରିମ୍ କିମ୍ବା ଲୋସନର ଆବଶ୍ୟକତା ପଡ଼ିବ ନାହିଁ। କଞ୍ଚା କ୍ଷୀର ଦିନରେ ଯେତିକି ଲାଭଦାୟକ ହୋଇନଥାଏ ରାତିରେ ତ୍ୱଚାରେ ଲଗାଇବା ସେତିକି ଲାଭଦାୟକ ହୋଇଥାଏ। ଏଥିରେ ଲାକ୍ଟିକ୍ ଏସିଡ ଥାଏ ଯାହା ରାତି ସାରା ଆପଣଙ୍କ ତ୍ୱଚାକୁ ରିପେୟାର କରିବାର କାମ କରିଥାଏ। ଏହା ଦ୍ୱାରା ତ୍ୱଚା ଉପରେ ବୟସର ପ୍ରଭାବକୁ କମ୍ କରିବାରେ ସାହାଯ୍ୟ ମିଳିଥାଏ। ଆସନ୍ତୁ ଜାଣିବା ରାତିରେ ତ୍ୱଚାରେ କଞ୍ଚା କ୍ଷୀର ଲଗାଇବାର ବିଧି



■ କଞ୍ଚା କ୍ଷୀରରେ ଲାକ୍ଟିକ୍ ଏସିଡ ଥାଏ। କ୍ଷୀରରେ ଥିବା ଏହି ତତ୍ତ୍ୱ ଆପଣଙ୍କ ତ୍ୱଚାରେ ଥିବା ଡେଡ ସ୍କିନକୁ ଏକ୍ସଫୋଲିଏଟ୍ କରିବାରେ ସାହାଯ୍ୟ କରିଥାଏ। ରାତିରେ କଞ୍ଚା କ୍ଷୀର ଲଗାଇ ଶୋଇଲେ ସକାଳେ ତ୍ୱଚା ସଫା ହୋଇଯାଇଥାଏ। କ୍ଷୀରରେ ଥିବା ଲାକ୍ଟିକ୍ ଏସିଡ ମାର୍କେଟରେ ମିଳୁଥିବା ସ୍କ୍ରବଠୁ ବହୁତ ଗୁଣକାରୀ।

■ କଞ୍ଚା କ୍ଷୀର ଆପଣଙ୍କୁ ସୁନ୍ଦର ଚମକଦାର ତ୍ୱଚା ଦେଇଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ କରି ସ୍କିନକୁ ଡ୍ରାଏନେସରୁ ରକ୍ଷା କରିଥାଏ। ଯଦି ଆପଣ ରାତି ସାରା ତ୍ୱଚାରେ କ୍ଷୀର ଲଗାଇବେ,ତେବେ ଅନ୍ୟ ଦିନ ଆପଣଙ୍କ ତ୍ୱଚାରେ ଚମକ ଆସିବ। ଏହାକୁ ଆପଣ ଫେସ୍ ମାସ୍କ ଭାବେ ମଧ ବ୍ୟବହାର କରି ପାରିବେ।

■ କଞ୍ଚା କ୍ଷୀରରେ ଅନେକ ପୋଷକ ତତ୍ତ୍ୱ ରହିଥାଏ। ଏଥିରେ ଲାକ୍ଟୋଜ, ପ୍ରୋଟିନ୍ ,କ୍ୟାଲସିୟମ୍, ଭିଟାମିନ୍ ଏ,ବି-୧୨,ଡି ଏବଂ ଜିଙ୍କ ସାମିଲ ରହିଛି। ଶୋଇବା ବେଳେ ସ୍କିନରେ ସର୍କୁଲେସନ ବଢ଼ିଯାଇଥାଏ,ଯାହା ଦ୍ୱାରା କ୍ଷୀରରେ ଥିବା ସମସ୍ତ ପୋଷକ ତତ୍ତ୍ୱ ଭଲ ଭାବେ ସ୍କିନରେ ମିଶିଥାଏ। ଫଳରେ ସ୍କିନ୍ ମଇଶ୍ଚରାଇଜ ହୋଇଥାଏ।

■ ତ୍ୱଚାରେ କଞ୍ଚା କ୍ଷୀର ଲଗାଇ ଶୋଇବା ଦ୍ୱାରା ତ୍ୱଚା ତେଲିଆ ହୋଇନଥାଏ,ଯାହା ଦ୍ୱାରା ବ୍ରଣ ସମସ୍ୟା ହୋଇନଥାଏ। ଯଦି ଆପଣ ଏଥିରେ ଅଳ୍ପ ଲୁଣ ମିଶାଇ ତ୍ୱଚାରେ ଲଗାଇବେ ତେବେ ଆପଣଙ୍କ ବ୍ରଣ ସମସ୍ୟା ଦୂର ହୋଇଯିବ।

# ସଂଗ୍ରହାଳୟ ଆମ ଗୌରବମୟ ଇତିହାସ ସହିତ ସମ୍ପୃକ୍ତ ହେବାର ବଳିଷ୍ଠ ମାଧ୍ୟମ



**ଭୁବନେଶ୍ୱର,୨୦।୫ (ମହାଭାରତ):** ରାଜ୍ୟ ସଂଗ୍ରହାଳୟରେ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସଂଗ୍ରହାଳୟରେ ସମାଜର ଦୃତ ପରିବର୍ତ୍ତନରେ ସଂଗ୍ରହାଳୟର ଭବିଷ୍ୟତ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ଆଲୋଚନା ଚକ୍ରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ସେ କହିଥିଲେ ଯେ, ସଂଗ୍ରହାଳୟ ହେଉଛି ଆମ ଗୌରବମୟ ଇତିହାସ ସହିତ ସମ୍ପୃକ୍ତ ହେବାର ଏକ ବଳିଷ୍ଠ ମାଧ୍ୟମ। ଆମ ସଭ୍ୟତା, ସାହିତ୍ୟ ଓ ସଂସ୍କୃତି ସହ ସଂଗ୍ରହାଳୟ ଆମକୁ ପରିଚିତ କରାଇଥାଏ। କୌଣସି ସ୍ଥାନ ଏବଂ ସମ୍ପ୍ରଦାୟର ଇତିହାସ ସମ୍ବନ୍ଧରେ ଜାଣିବାକୁ ହେଲେ ଆମକୁ ସେହି ସ୍ଥାନରେ ରହିଥିବା ସଂଗ୍ରହାଳୟ ବୁଲି ଦେଖିବା ଉଚିତ କାରଣ ସଂଗ୍ରହାଳୟ ହିଁ ଏକମାତ୍ର ସ୍ଥାନ ଯେଉଁଠି ସମସ୍ତ ବିଷୟବସ୍ତୁର ସବିସ୍ତୃତ ବିବରଣୀ ମିଳିପାରିଥାଏ। ସାମ୍ପ୍ରତିକ ସମୟରେ ସଂଗ୍ରହାଳୟର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହା ଆମକୁ ଆମ ଇତିହାସ ସହିତ ପରିଚିତ କରାଇବା ସହ ଆମକୁ ଆଗାମୀ ଭବିଷ୍ୟତରେ ଆମ ରାଜ୍ୟ ଓ ଆମ ଦେଶ ପାଇଁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ନିମନ୍ତେ ପ୍ରେରିତ କରିଥାଏ ବୋଲି ଶ୍ରୀ ଦାଶ ମତପ୍ରକାଶ କରିଥିଲେ। ଏଥିସହିତ ଆମ ରାଜ୍ୟ ଓ ଦେଶରେ ରହିଥିବା ବିଭିନ୍ନ ସଂଗ୍ରହାଳୟ ଏବଂ ତାହାର ବିଶେଷତ୍ୱ ସମ୍ପର୍କରେ ମଧ୍ୟ ଶ୍ରୀ ଦାଶ ଆଲୋକପାତ କରିଥିଲେ।

ସମ୍ମାନିତ ଅତିଥି ଭାବରେ ଏଏସଆଇର ଅବସରପ୍ରାପ୍ତ ଅଧିକ୍ଷଣ ପ୍ରତ୍ନତତ୍ତ୍ୱବିତ ଡ଼. ଜୀବନ କୁମାର ପଟ୍ଟନାୟକ ଏବଂ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟର ପ୍ରଭାରି ବୈଜ୍ଞାନିକ ଶ୍ରୀ ଗୌରବ ଯୋଗଦେଇଥିଲେ। ଆଜିର ଡିଜିଟାଲ୍ ଯୁଗରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ବିଭିନ୍ନ ଡିଜିଟାଲ୍ ଟେକନୋଲୋଜିର ପ୍ରୟୋଗ ମାଧ୍ୟମରେ ସଂଗ୍ରହାଳୟରେ ରହିଥିବା ତଥ୍ୟ, ବିବରଣୀକୁ କିପରି ରୋଚକ ଭାବରେ ଦର୍ଶକମାନଙ୍କ ଆଗରେ ପ୍ରସ୍ତୁତ କରିପାରିବା, ଯୁବପିଢ଼ି ଯେପରି ଆମ ଗୌରବମୟ ଇତିହାସ ଓ ସଭ୍ୟତା ସହ ପରିଚିତ ହୋଇପାରିବେ ଏବଂ ସଂଗ୍ରହାଳୟ ମାଧ୍ୟମରେ ଆମ ଭାଷା, ସାହିତ୍ୟ, ସଂସ୍କୃତିର ଯେପରି ବହୁଳ ପ୍ରଚାର ଓ ପ୍ରସାର ହୋଇପାରିବ ସେ ସମ୍ବନ୍ଧରେ ସମ୍ମାନିତ ଅତିଥି ଡ଼. ଜୀବନ କୁମାର ପଟ୍ଟନାୟକ ଏବଂ ଶ୍ରୀ ଗୌରବ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ସୁଶ୍ରୀ ଦେବଯାନୀ ଭୂୟାଁ ଉପସ୍ଥିତ ଥିଲେ। ସଂଗ୍ରହାଳୟର ଅଧିକ୍ଷକ ହଳଧର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୁଥ୍‌ଗୁଡିକୁ ଦିବ୍ୟାଙ୍ଗମାନଙ୍କ ପାଇଁ ଉପଯୋଗୀ କର



**ଭୁବନେଶ୍ୱର,୨୦।୫ (ମହାଭାରତ):** ରାଜ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଉପରେ ନିର୍ବାଚନ ଆୟୋଗ ସବୁବେଳେ ଗୁରୁତ୍ୱ ଦେଇ ଆସିଛି। ଭାରତ ନିର୍ବାଚନ କମିସନ୍ ର ସମସ୍ତ ନିର୍ଦ୍ଦେଶାବଳୀକୁ ଅନୁପାଳନ କରି ରାଜ୍ୟରେ ଶାନ୍ତିଶୃଙ୍ଖଳା ସହ ସମସ୍ତ ଭୋଟରଙ୍କୁ ସହଜ ଢଙ୍ଗରେ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବା ମୁଖ୍ୟ ନିର୍ବାଚନ ଆୟୋଗଙ୍କ ପ୍ରାଥମିକ ଲକ୍ଷ୍ୟ। ତେଣୁ ନିର୍ବାଚନ ସମୟରେ ଦିବ୍ୟାଙ୍ଗମାନେ ଯେପରି ସହଜରେ ବୁଥ୍ କୁ ଆସି ସେମାନଙ୍କର ବହୁମୂଲ୍ୟ ମତଦାନ ସାବ୍ୟସ୍ତ କରିପାରିବେ ସେଥି ପ୍ରତି ଗୁରୁତ୍ୱ ଦେବାକୁ ମୁଖ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା ଆର. ଏସ୍. ଗୋପାଳନ କମିଟିର ସଦସ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିରେ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ, ନିର୍ବାଚନ ବୁଥ୍ ର ଦିବ୍ୟାଙ୍ଗଙ୍କ ଲାଗି ରାମ୍ପ, ସୂଚନା ଫଳକ, ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା, ଆଇଇସି ଜରିଆରେ ସଚେତନତା ସୃଷ୍ଟି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଉପଯୋଗ ଏବଂ ନିର୍ବାଚନ ଦିବ୍ୟାଙ୍ଗମାନଙ୍କ ସୁବିଧା ଲାଗି କି କି ପଦକ୍ଷେପ ଗ୍ରହଣ କରାଯାଇପାରିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଉପ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ନିଲୁ ମହାପାତ୍ର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅତିରିକ୍ତ ଶାସନ ସଚିବ ରଜନୀ ଜାନୀ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ଶୁଚିସ୍ମିତା ସାହୁ, ନେହେରୁ ଯୁବକେନ୍ଦ୍ରର ଶିବାଜୀ ଖରାତ, ଉଚ୍ଚଶିକ୍ଷା ବିଭାଗର ଉପଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ଉର୍ଜା, ପରିବେଶ ଏବଂ ସ୍ଥାୟୀତ୍ୱରେ ଉନ୍ନତ ସାମଗ୍ରୀ' ସମ୍ମିଳନୀ



**ଭୁବନେଶ୍ୱର,୨୦।୫ (ମହାଭାରତ):** ୧୬ ରୁ ୧୮ ମଇ ୨୦୨୫ ମଧ୍ୟରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଭୁବନେଶ୍ୱରରେ ମ୍ୟାଟେରିଆଲ୍ସ ରିସର୍ଚ୍ଚ ସୋସାଇଟି ଅଫ୍ ଇଣ୍ଡିଆ ସହଯୋଗରେ 'ଉର୍ଜା, ପରିବେଶ ଏବଂ ସ୍ଥାୟୀତ୍ୱରେ ଉନ୍ନତ ସାମଗ୍ରୀ' ଉପରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀକୁ ଆଇଆଇଟି ଭୁବନେଶ୍ୱରର ଡିନ୍ (ନିରନ୍ତର ଶିକ୍ଷା) ପ୍ରଫେସର ଭି. ପାଣ୍ଡୁ ରଙ୍ଗା ଏବଂ ଏମ୍ଆରଏସଆଇ-ଭୁବନେଶ୍ୱର ଚାପ୍ଟର ପ୍ରଫେସର କୁଳମଣି ପରିଡା ଉଦ୍ଘାଟନ କରିଥିଲେ। ଆଇଆଇଟି ଭୁବନେଶ୍ୱରର ସ୍କୁଲ ଅଫ୍ ମୌଳିକ ବିଜ୍ଞାନର ରସାୟନ ବିଜ୍ଞାନ ବିଭାଗର ଏଚ୍ଓଡି ପ୍ରଫେସର ସ୍ନେହାଶିଷ ଚୌଧୁରୀ, ସଂଯୋଜକ ପ୍ରଫେସର ଉମା ପ୍ରସନ୍ନ ଓଝା ଏବଂ ସହ-ସଂଯୋଜକ ଡକ୍ଟର ପଳାସ ରାୟ ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ ଏବଂ ଏହି ସମ୍ମିଳନୀର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଦେଶ ଏବଂ ବିଦେଶର ପ୍ରମୁଖ ଗବେଷଣା ପ୍ରତିଷ୍ଠାନରୁ ଏକ ଅସାଧାରଣ ଟ୍ରାକ୍ ରେକର୍ଡ ସହିତ ଅନେକ ଅଭ୍ୟାସକାରୀ ଗବେଷକ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ ଏବଂ ନବୀକରଣୀୟ ଶକ୍ତି, ଜଳ ବିଶୋଧନ, ସୌର ଫଟୋଭୋଲ୍ଟିକ୍ସ, ପରିବେଶ ପୁନରୁଦ୍ଧାର, ଶକ୍ତି ସଂରକ୍ଷଣ ଉପକରଣ, ନାନୋଟେକ୍ନୋଲୋଜି ଇତ୍ୟାଦି ପ୍ରମୁଖ କ୍ଷେତ୍ରରେ ସେମାନଙ୍କର ଗବେଷଣା ଫଳାଫଳ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ୩୫ ରୁ ଅଧିକ ମୌଖିକ ଉପସ୍ଥାପନା ଏବଂ ୫୦ ଟି ପୋଷ୍ଟର ଉପସ୍ଥାପିତ ହୋଇଥିଲା।

# ଓଡ଼ିଆ ଚଳଚ୍ଚିତ୍ରର ବିକାଶ ନେଇ ସମୀକ୍ଷା

**ଭୁବନେଶ୍ୱର,୨୦।୫ (ମହାଭାରତ):** ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବାଙ୍ଗୀନ ବିକାଶ, ଓଡ଼ିଆ ଚଳଚ୍ଚିତ୍ରର ବହୁଳ ପ୍ରଚାର ଓ ପ୍ରସାର, ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଏବଂ ଚଳଚ୍ଚିତ୍ର ଜଗତ ସହିତ ସଂଶ୍ଳିଷ୍ଟ ବିଭିନ୍ନ ପ୍ରସଙ୍ଗକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆଜି ଏକ ବୈଠକର ଆୟୋଜନ କରାଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତର ନିର୍ମାତା, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ, ଲେଖକ, ସଂଗୀତଜ୍ଞ ପ୍ରମୁଖ ବୈଠକରେ ଯୋଗଦେଇ ଚଳଚ୍ଚିତ୍ର ଜଗତର ବିକାଶ ଦିଗରେ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବୈଠକରେ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ପ୍ରତିବର୍ଷ ନିୟମିତ ଭାବରେ ପ୍ରଦାନ କରାଯିବାକୁ ନେଇ ଆଲୋଚନା କରାଯାଇଥିଲା। ଏଥିସହିତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିମନ୍ତେ ବିଚାରମଣ୍ଡଳୀର ସଦସ୍ୟ ଏବଂ ଅଧ୍ୟକ୍ଷଙ୍କ ଚୟନ, କଳା ଏବଂ



ଚଳଚ୍ଚିତ୍ର ଜଗତ ସହିତ ସମ୍ପୃକ୍ତ ଥିବା ବ୍ୟକ୍ତି ଓ ବିଶେଷ ଭାବରେ ଯୁବବର୍ଗରୁ ଆସୁଥିବା କଳାପ୍ରେମୀମାନଙ୍କୁ ବିଚାରମଣ୍ଡଳୀରେ ସାମିଲ କରିବା, ପୁରସ୍କାର ରାଶିକୁ ବୃଦ୍ଧି କରିବା, ବର୍ତ୍ତମାନ ୩୩ ଟି ବର୍ଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ଆଗକୁ ଆହୁରି ଅଧିକ ବର୍ଗ ପାଇଁ ପୁରସ୍କାର ପ୍ରଦାନ କରିବାର ବ୍ୟବସ୍ଥା କରିବା, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ୍ ନିର୍ମାଣ କରି ପୁରସ୍କାର ସମ୍ବନ୍ଧୀୟ ସମସ୍ତ ତଥ୍ୟ, ମନୋନୀତ ହୋଇଥିବା ଏବଂ ପୁରସ୍କାର ପାଇଥିବା ସମସ୍ତ ଚଳଚ୍ଚିତ୍ର ଏବଂ କଳାକାରମାନଙ୍କର ବିବରଣୀକୁ ୱେବସାଇଟରେ ସ୍ଥାନିତ କରିବା ଆଦିକୁ ନେଇ ଆଲୋଚନା କରାଯାଇଥିଲା। ଏହିସହିତ ଏକ ନୂତନ ଚଳଚ୍ଚିତ୍ର ନୀତିର (ଫିଲ୍ମ ପଲିସି) ପ୍ରଣୟନ କରିବା, ଚଳଚ୍ଚିତ୍ର ନିର୍ମାଣ ପାଇଁ ସରକାରୀ ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଲିମିଟେଡ଼ (ଓଡ଼ିଶା ଫିଲ୍ମ ଡେଭେଲପମେଣ୍ଟ କର୍ପୋରେସନ୍ ଲିମିଟେଡ଼)କୁ ସଶକ୍ତ କରିବା ସହ ଏହାର କାର୍ଯ୍ୟ ପ୍ରଣାଳୀକୁ ସରଳୀକରଣ କରିବା, କଳିଙ୍ଗ ଷ୍ଟୁଡ଼ିଓର ବିକାଶ କରିବା ଆଦି ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା। ରାଜ୍ୟରେ ଚଳଚ୍ଚିତ୍ର ନିର୍ମାଣ କରିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଚଳଚ୍ଚିତ୍ର ପ୍ରେକ୍ଷାଳୟ ସଂଖ୍ୟାକୁ ବୃଦ୍ଧି କରିବା, ଚଳଚ୍ଚିତ୍ର ପାଇଁ ରହିଥିବା ଟିକେଟକୁ ଦର୍ଶକମାନଙ୍କୁ ସୁଲଭ ମୂଲ୍ୟରେ ପ୍ରଦାନ କରିବା ପାଇଁ ବ୍ୟବସ୍ଥା ରହିବା, ଏକ ସ୍ୱତନ୍ତ୍ର ଚଳଚ୍ଚିତ୍ର ଅଭିଲେଖାଗାର ରଖିବା, ଓଟିଟି ଏବଂ ଡିଜିଟାଲ୍ କଣ୍ଟେଣ୍ଟକୁ ପ୍ରୋତ୍ସାହନ ଦେବା ସହ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଆଦି ସମ୍ବନ୍ଧରେ ଚଳଚ୍ଚିତ୍ର ଜଗତର ବ୍ୟକ୍ତିବିଶେଷ ମାନେ ପ୍ରସ୍ତାବ ରଖିଥିଲେ। ଆଜିର ବୈଠକରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ଅରିନ୍ଦମ ରାୟ, ଶ୍ରୀତମ ଦାସ, ସବ୍ୟସାଚୀ ମିଶ୍ର, ହରିହର ମହାପାତ୍ର, ବିଶିଷ୍ଟ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ପିଙ୍କି ପ୍ରଧାନ, ଅନୁ ଚୌଧୁରୀ, ସଂଗୀତଜ୍ଞ ଦେବାଶିଷ ମହାପାତ୍ର, ପଞ୍ଚାନନ ନାୟକ, ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଦୀପ୍ତି ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପନିର୍ଦ୍ଦେଶକ ସୁଶ୍ରୀ ଦେବଯାନୀ ଭୂୟାଁ, ଓଡ଼ିଶା ସାହିତ୍ୟ ଏକଡେମୀ ସଚିବ ଡ଼. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାମାନଙ୍କ ସାମଗ୍ରିକ ବିକାଶ ଆମର ଲକ୍ଷ୍ୟ : ପ୍ରଭାତୀ

**ଭୁବନେଶ୍ୱର,୨୦।୫ (ମହାଭାରତ):** ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପଦକ୍ଷେପ ମାଧ୍ୟମରେ ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ଗୁଡ଼ିକର ପ୍ରୋତ୍ସାହନ ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏହି ବୈଠକରେ ଅଧ୍ୟକ୍ଷତା କରି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଉଦ୍ୟୋଗୀ ହେବା ଯାତ୍ରାରେ ତଥା ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶାକୁ ଏକ ନମ୍ବର କରିବାରେ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରତିଷ୍ଠାନ ଏବଂ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଭୂମିକାକୁ ପ୍ରଶଂସା କରିଥିଲେ। ଗାଁର ମହିଳା ଉଦ୍ୟୋଗୀମାନେ କିଭଳି ନିରନ୍ତର ବିକାଶ କରିବେ ସେ ବିଷୟରେ ଫୋକସ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ। ୱାନ ଡିଷ୍ଟ୍ରିକ୍ଟ ୱାନ ପ୍ରଡକ୍ଟକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ଜିଲ୍ଲାର ବିଶେଷ ଉତ୍ପାଦ ଉପରେ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦ ସୁଭଦ୍ରା ଶକ୍ତି ବ୍ରାଣ୍ଡ ଭାବେ ପ୍ରତିଷ୍ଠିତ କରିବାକୁ ସେ ମତ ପ୍ରକାଶ କରିଥିଲେ। ମହିଳାମାନଙ୍କ ମାନସିକ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଉପରେ ଫୋକସ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ବୈଠକ ଅତିରିକ୍ତ ସଚିବ ଶ୍ରୀମତୀ ସୁମିତ୍ରା ପଟ୍ଟନାୟକଙ୍କ ସ୍ୱାଗତ ଭାଷଣ ସହ ଆରମ୍ଭ ହୋଇଥିଲା। ଏହା ପରେ ରାଜ୍ୟ ମିଶନ ନିର୍ଦ୍ଦେଶିକା ଓଏଲ୍ଏମ୍ ତଥା ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ବିଭାଗର ଉଦ୍ଦେଶ୍ୟ, ଆଭିମୁଖ୍ୟ ସହ ପ୍ରମୁଖ କାର୍ଯ୍ୟକ୍ରମ ଏବଂ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ସମନ୍ୱିତ ପଦ୍ଧତି ବିଷୟରେ ଉପସ୍ଥାପନା ପ୍ରଦର୍ଶନ କରିଥିଲେ। ଏଥିସହିତ ସେ ଲକ୍ଷପତି ଦିଦି ପଦକ୍ଷେପର ଉଲ୍ଲେଖନୀୟ ସଫଳତା ଏବଂ ପ୍ରଗତିକୁ ଆଲୋକପାତ କରିବା ସହ କର୍ପୋରେଟ୍ ସାମାଜିକ ଦାୟିତ୍ୱ ସହଭାଗିତା ମାଧ୍ୟମରେ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ପ୍ରୋତ୍ସାହନ ପାଇଁ ଏକ ସୁଚିନ୍ତିତ ରୋଡମ୍ୟାପ୍ ପ୍ରସ୍ତୁତି ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ଏହି ସହଭାଗିତା ନିମନ୍ତେ ସେ ଉଦ୍ୟୋଗ ଭିତ୍ତିଭୂମି, ବଜାର ବିକାଶ, କ୍ଷୁଦ୍ର-ଉଦ୍ୟୋଗ, ଉତ୍ପାଦନ ୟୁନିଟ୍, ଏବଂ କ୍ଲଷ୍ଟର୍ ଆଧାରିତ ବିକାଶ ପ୍ରକଳ୍ପ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି ଦୀର୍ଘକାଳୀନ, ସ୍ଥାୟୀ ଏବଂ ମହିଳାଙ୍କ ଦ୍ୱାରା ପରିଚାଳିତ ଆର୍ଥିକ ବିକାଶ ନିମନ୍ତେ ସମ୍ଭାବିତ ମାର୍ଗ ଉପସ୍ଥାପନ କରିଥିଲେ। ବୈଠକରେ ଭାରତର ପ୍ରମୁଖ ଶିଳ୍ପ ସଂସ୍ଥା ଆଦିତ୍ୟ ବିର୍ଲା ଗ୍ରୁପ ଅନ୍ତର୍ଗତ ଏସେଲ ମାଇନିଙ୍ଗ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ, ଆଦିତ୍ୟ ଆଲୁମିନିଅମ ଇଷ୍ଟ, ଜେଏସଡବ୍ଲୁ ଫାଉଣ୍ଡେସନ, ଟାଟା ଷ୍ଟିଲ୍ ଫାଉଣ୍ଡେସନ, ନାଲକୋ ଇତ୍ୟାଦି ପ୍ରତିଷ୍ଠାନର କର୍ପୋରେଟ୍ ସାମାଜିକ ଦାୟିତ୍ୱ ବିଭାଗର ଅଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣ କରିଥିଲେ।




ଏହା ସହିତ ଦେଶର ଅଗ୍ରଣୀ ଜାତୀୟ ଏବଂ ଆଞ୍ଚଳିକ ବ୍ୟାଙ୍କଗୁଡ଼ିକର ବରିଷ୍ଠ ଅଧିକାରୀମାନେ ମଧ୍ୟ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ଋଣ ପ୍ରାପ୍ତି ଏବଂ ଆର୍ଥିକ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସକ୍ରିୟ ଭାଗ ନେଇଥିଲେ। ଏଥିରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଫେଡେରାଲ୍ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ, ଏବଂ ଅନ୍ୟାନ୍ୟ ପ୍ରମୁଖ ଆର୍ଥିକ ଅନୁଷ୍ଠାନଗୁଡ଼ିକ ଅନ୍ତର୍ଭୁକ୍ତ ଥିଲେ।

# ଫ୍ୟୁଚର୍ ଜେନେରାଲୀର ଲଂଚ କରିଛି ନୂତନ 'ହେଲ୍ଥ ଅନଲିମିଟେଡ୍' ପ୍ଲାନ

**ଭୁବନେଶ୍ୱର,୨୦।୫ (ମହାଭାରତ):** ଭାରତରେ ବହୁତ ଲୋକଙ୍କ ପାଇଁ, ଆରୋଗ୍ୟ ବୀମା ଆର୍ଥିକ ସୁରକ୍ଷା ପାଇଁ ଗୋ-ଟୁ ସମାଧାନ, କିନ୍ତୁ ବୃଦ୍ଧି ପାଉଥିବା ହସ୍ପିଟାଲିଜେସନ୍ ଓ ଚିକିତ୍ସା ଖର୍ଚ୍ଚ ବିଷୟରେ ସ୍ୱାସ୍ଥ୍ୟ ବୀମା ଅନ୍ତର୍ଗତ ବ୍ୟବସ୍ଥା ଉପରେ ଆଶଙ୍କା ଉତ୍ପନ୍ନ କରେ। ଏହି ବୃଦ୍ଧି ପାଉଥିବା ଚିନ୍ତା ଏକ ସମ୍ପୂର୍ଣ୍ଣ ହେଲ୍ଥକେୟାର ସମାଧାନର ଆବଶ୍ୟକତାକୁ ହାଇଲାଇଟ୍ କରେ। ଆଠରୁ ଅଧିକ ନିଶ୍ଚିତ ବୀମାଧାରୀମାନେ ଚିକିତ୍ସକ ଖର୍ଚ୍ଚ ଟାଣି ବଢୁଥିବା ସମୟରେ ତାଙ୍କର ସ୍ୱାସ୍ଥ୍ୟ ବୀମା କାମ କରୁଛି କି ନାହିଁ ବିଷୟରେ ଅସ୍ପଷ୍ଟ ହେବାର ଅନୁଭବ କରୁଛନ୍ତି, ବୋଲି ଫ୍ୟୁଚର୍ ଜେନେରାଲି ଭାରତ ବୀମା - ହେଲ୍ଥ ଅନଲିମିଟେଡ୍ ଦ୍ୱାରା କରାଯାଇଥିବା ଏକ ବିଶେଷ ସର୍ବେକ୍ଷଣକୁ ଦୂରଦୃଷ୍ଟି ଦିଆଯାଇଛି। ଏହି ସର୍ବେକ୍ଷଣ, ଯାହା ୨୫+ ବର୍ଷ ମାନେ ୮୦୦ ବୀମାଧାରୀ ଉପରେ ସମ୍ପ୍ରତି କରାଯାଇଥିଲା, ବର୍ତ୍ତମାନ ପାଇଁ ସ୍ୱାସ୍ଥ୍ୟ ବୀମା କଭର୍ ସମ୍ପର୍କରେ ଭାରି ଚିନ୍ତା ବୃଦ୍ଧି ହେଉଛି। ହେଲଥ୍ ଅନଲିମିଟଡ୍‌ର ପ୍ରେରଣା ଉପରେ ମନ୍ତବ୍ୟ କରୁଥିବା ସମୟରେ, ଅନୁପ୍ ରାଉ, ମ୍ୟାନେଜିଂ ଡିରେକ୍ଟର୍ ଏବଂ ସିଇଓ, ଫ୍ୟୁଚର୍ ଜେନରାଲି ଇଣ୍ଡିଆ ଇନ୍‌ସୁରାନ୍ସ କମ୍ପାନୀ ଲିମିଟେଡ୍, କହିଛନ୍ତି, 'ଚିକିତ୍ସାର ବଡ଼ ଖର୍ଚ୍ଚ ହେବା ସହ ଅଧିକାଂଶ ଲୋକଙ୍କ ପାଇଁ ଚିନ୍ତାର ଏକ କାରଣ ଅଟୁଟ ରହିଛି, ସ୍ୱାସ୍ଥ୍ୟ ବିମା ଥିଲେ ମଧ୍ୟ। ଆମର ଗ୍ରାହକଙ୍କ ପାଇଁ ଜୀବନ କାଳର ମିତ୍ର ଭାବେ, ସେସବୁ ସମସ୍ୟା ନିମନ୍ତେ ବ୍ୟକ୍ତିଗତ ସମାଧାନ ଦେଇଛି ଓ ଭାରତୀୟ ଗ୍ରାହକଙ୍କୁ ପ୍ରୟାପ୍ତ ଭାବେ ଅଲଙ୍କାରିତ କରିବା ପାଇଁ ଆମର ପ୍ରୟାସ। ଆମର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ବିମା ଦେୟ 'ହେଲଥ୍ ଅନଲିମିଟଡ' ଏହା ସୁନିଶ୍ଚିତ କରିବାକୁ ସାହାଯ୍ୟ କରିବ, ଯାହା ମାନେ ଏପରିକାରୀ ବିଲ୍ ବେଳେ ମଧ୍ୟ ଗ୍ରାହକଙ୍କ ସର୍ବ ସମ୍ବଳର ଅଭାବ ନହେବ।'

## ପିରାମଲ ଫାଇନାନ୍ସ ଓଡ଼ିଶାରେ ନିଜ ପହଞ୍ଚ ପରିବ୍ୟାପ୍ତ କଲା

# ୪୧୩୩ ଗ୍ରାହକଙ୍କ ପାଇଁ ଆର୍ଥିକ ସେବା ସୁଯୋଗ

**ଭୁବନେଶ୍ୱର,୨୦।୫ (ମହାଭାରତ):** କ୍ଷୁଦ୍ର ବ୍ୟବସାୟ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କୁ ଋଣ ଯୋଗାଇ ଦେଉଥିବା ଏକ ଅଗ୍ରଣୀ ଉପର ସ୍ତରର ଏନବିଏଫସି ପିରାମଲ ଫାଇନାନ୍ସ ଲିମିଟେଡ ଓଡ଼ିଶାରେ ସବ୍‌କେ ଇମ୍ପାକ୍ଟ ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡର ୧୧ଟି ମାଇକ୍ରୋଫାଇନାନ୍ସ ଶାଖା ଅଧିଗ୍ରହଣ ଜରିଆରେ ନିଜର ଉପସ୍ଥିତିକୁ ପରିବ୍ୟାପ୍ତ କରିଛି। ଏହି ଅଧିଗ୍ରହଣ ସହିତ ପୂର୍ବରୁ ସମ୍‌କେ ଇମ୍ପାକ୍ଟ ସଲ୍ୟୁସନ୍ସ ଦ୍ୱାରା ସେବା ପାଇଆସୁଥିବା ଗ୍ରାହକମାନେ ଏଣିକି ସେମାନଙ୍କର ଆବଶ୍ୟକତା ଅନୁଯାୟୀ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଋଣ ଓ ଆର୍ଥିକ ଉତ୍ପାଦଗୁଡିକ ସମେତ ପରିବ୍ୟାପ୍ତ ସେବାଗୁଡିକରୁ ଫାଇଦା ଉଠାଇ ପାରିବେ। ଏହି ପ୍ରୟାସ ପ୍ରାୟ ୪୧୩୩ ମାଇକ୍ରୋଫାଇନାନ୍ସ ଗ୍ରାହକଙ୍କୁ ପିରାମଲ ଫାଇନାନ୍ସ ପରିସରକୁ ଆଣିବା ସହିତ କମ୍ପାନୀର ମାଇକ୍ରୋଫାଇନାନ୍ସ ବର୍ଗକୁ ମଜଭୁତ କରିଛି ଏବଂ ନିର୍ଦ୍ଦିଷ୍ଟ ଆବଶ୍ୟକତା ଭିତ୍ତିକ ସମାଧାନଗୁଡିକ ସହିତ ନିମ୍ନ ଆୟକାରୀ ପରିବାରଗୁଡିକୁ ସେବା ଯୋଗାଇଦେବାକୁ ନିଜର ସାମର୍ଥ୍ୟରେ ବୃଦ୍ଧି ଘଟାଇଛି। ଏହି ଅଧିଗ୍ରହଣ ସମଗ୍ର ଭାରତରେ, ବିଶେଷକରି ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧସହରାଞ୍ଚଳଗୁଡିକରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଆଗେଇନେବା ନିମନ୍ତେ ପିରାମଲର ଦୀର୍ଘସୂତ୍ରୀ ଲକ୍ଷ୍ୟ ସହିତ ମେଳ ଖାଉଛି। ସମ୍ପ୍ରତି ଗ୍ରାହକମାନେ ଋଣ ଏବଂ ନମନୀୟ ପରିଶୋଧ ବିକଳ୍ପ ସମେତ ସେମାନଙ୍କର ଅନନ୍ୟ ଆବଶ୍ୟକତା ନିମନ୍ତେ ଡିଜାଇନ କରାଯାଇଥିବା ପରିବ୍ୟାପ୍ତ ବ୍ୟକ୍ତିଗତ ସମାଧାନଗୁଡିକରୁ ଫାଇଦା ଉଠାଇ ପାରିବେ। ଆର୍ଥିକ ଦୃଷ୍ଟିରୁ ବାଦ୍ ପଡିଥିବା ବର୍ଗ ଏବଂ ଆନୁଷ୍ଠାନିକ ଆର୍ଥିକ ସଂସ୍ଥାନଗୁଡିକ ମଧ୍ୟରେ ରହିଥିବା ଶୂନ୍ୟସ୍ଥାନ ପୂରଣ ଦିଗରେ ପିରାମଲ ଫାଇନାନ୍ସର ପ୍ରଚଳିତ ପ୍ରୟାସର ଏହି ସମ୍ପ୍ରସାରଣ ଅଂଶବିଶେଷ ହୋଇଛି। ଆନୁଷ୍ଠାନିକ ଆର୍ଥିକ ସେବାସମୂହ, ବିଶେଷକରି ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳଗୁଡିକରେ ଏହି ସେବା ପହଞ୍ଚରେ ଉନ୍ନତି ଆଣିବା ଉପରେ କମ୍ପାନୀର ନିରନ୍ତର ଦୃଷ୍ଟିନିବଦ୍ଧକୁ ଏହା ପ୍ରତିଫଳିତ କରୁଛି।

# ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ ପ୍ରକଳ୍ପ ନେଇ ସମୀକ୍ଷା

**ଭୁବନେଶ୍ୱର,୨୦।୫ (ମହାଭାରତ):** ରାଜ୍ୟରେ ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଜିଓ-ରେଫରେନ୍ସିଂ କାର୍ଯ୍ୟ ଦ୍ୱାରା ଜଙ୍ଗଲ ଜମିର ସଂରକ୍ଷଣ, ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ, ଜଙ୍ଗଲ ଜମି ଉପରେ ଆଦିବାସୀଙ୍କ ଅଧିକାରର ସୁରକ୍ଷା, ଜଙ୍ଗଲ ଉପକଣ୍ଠରେ ରହୁଥିବା ଲୋକମାନଙ୍କର ଅଣଜଙ୍ଗଲଜାତ ଉତ୍ପାଦ ସଂଗ୍ରହ ଏବଂ ଜଙ୍ଗଲ ଜମିକୁ ନେଇ ବିଭିନ୍ନ ସମୟରେ ସୃଷ୍ଟି ହେଉଥିବା ବିବାଦର ଅବସାନ କରିବା ଲକ୍ଷ୍ୟରେ ଏହି ଜିଓ-ରେଫରେନ୍ସିଂ ସହାୟତା କରିବ। ବିଭିନ୍ନ ମାମଲାକୁ ବିଚାରକୁ ନେଇ ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଗଠିତ କେନ୍ଦ୍ରୀୟ କ୍ଷମତାସଂପନ୍ନ କମିଟି ନିର୍ଦ୍ଦେଶରେ ଏହି କାର୍ଯ୍ୟ ଜାରି ରହିଛି। କମିଟିର



ଅଧ୍ୟକ୍ଷ ସିଦ୍ଧାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକ ପ୍ରେମ କୁମାର ଝା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଶ୍ରୀମତୀ ଉମା ନନ୍ଦୁରୀ, ବନ ସଂରକ୍ଷଣ ଆଇନ ନୋଡାଲ ଅଧିକାରୀ ଡଃ କେ. ମୁର୍ଗେସନ, ଓଏସଡ଼ି ଲିଙ୍ଗରାଜ ଓତା ଏବଂ ବିଭାଗୀୟ ନିର୍ଦ୍ଦେଶକ ଜି. ରାଜେଶଙ୍କ ସମେତ ବିଭିନ୍ନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକଳ୍ପ ମାଧ୍ୟମରେ ରାଜ୍ୟର ୬୦ ହଜାର ବର୍ଗ କିଲୋମଟିର ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ କାର୍ଯ୍ୟ ଜାରି ରହିଥିବାବେଳେ ଏଥି ମଧ୍ୟରୁ ପ୍ରାୟ ୯୫ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଏହି ପ୍ରକ୍ରିୟାକୁ ଐତିହାସିକ ଭାବେ ଅଭିହିତ କରି କମିଟିର ଅଧ୍ୟକ୍ଷ ଶ୍ରୀ ଦାସ କହିଛନ୍ତି ଯେ ଏହା ଦ୍ୱାରା ରାଜ୍ୟର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ସମଗ୍ର ଦେଶରେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ସହ ସର୍ବାଗ୍ରେ ଥିବାରୁ ଏହାକୁ ଅନ୍ୟ ରାଜ୍ୟରେ କାର୍ଯ୍ୟକାରୀ କରାଯିବ। ପ୍ରକଳ୍ପର ସଠିକ କାର୍ଯ୍ୟକାରିତା ଓ ସହଯୋଗ ପାଇଁ ସେ ରାଜ୍ୟ ସରକାରଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଅନୁଯାୟୀ ଯେକୌଣସି ଜଙ୍ଗଲ ଜମିରେ ଅଣଜଙ୍ଗଲ ବିକାଶ କାର୍ଯ୍ୟ କରିବା ପାଇଁ କେନ୍ଦ୍ରର ଅନୁମତି ଆବଶ୍ୟକ। ପୂର୍ବରୁ ସଠିକ୍ ରେକର୍ଡ ଉପଲବ୍ଧ ନଥିବାରୁ ବିଭିନ୍ନ ସମୟରେ ଉନ୍ନୟନ କାର୍ଯ୍ୟକୁ ନେଇ ବିଳମ୍ବ ହେଉଥିଲା। ଏହି ଜିଓ-ରେଫରେନ୍ସିଂ ମାଧ୍ୟମରେ ଜଙ୍ଗଲ ଜମିର ସଠିକ୍ ? ସୀମା ନିର୍ଦ୍ଧାରଣ ହୋଇପାରିବ।

# ରୁଗ୍‌ଣ ଚିନ୍ତାଧାରା

ଜାତିସଂଘର ଆକଳନ ଅନୁଯାୟୀ ଭାରତର ଜନସଂଖ୍ୟା ୧୪୨ କୋଟି ୮୬ ଲକ୍ଷ ଥିବା ବେଳେ ଚୀନର ଜନସଂଖ୍ୟା ୧୪୨ କୋଟି ୫୭ ଲକ୍ଷ। ପ୍ରତି ମୁହୂର୍ତ୍ତରେ ଏହି ସଂଖ୍ୟା ବଦଳୁଛି। ଏବେ ଭାରତର ଜନସଂଖ୍ୟା ଯେଉଁ ହାରରେ ବଢୁଛି ସେଥିରେ ଚୀନ ଆଉ ଭାରତକୁ ଅତିକ୍ରମ କରିବା ସମ୍ଭବ ନୁହେଁ। ବିଭିନ୍ନ କାରଣରୁ ଚୀନରେ ଜନ୍ମହାର କମିବା ଫଳରେ ସେଠାରେ ଜନସଂଖ୍ୟା ହ୍ରାସ ପାଇଛି ଯାହା ସେହି ଦେଶ ପାଇଁ ଏବେ ଚିନ୍ତାର କାରଣ ହୋଇଛି। ଜନସଂଖ୍ୟା ବୃଦ୍ଧି ନିମନ୍ତେ ଚୀନ ଅନେକ ଯୋଜନା କରୁଥିଲେ ମଧ୍ୟ ଏହାର ତତ୍କାଳ ସୁଫଳ ମିଳୁନି। ଅନ୍ୟ ପକ୍ଷରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଭାରତ ଗତ ୬୦ ବର୍ଷ ହେବ ବରାବର ଉଦ୍ୟମ କରୁଥିଲେ ମଧ୍ୟ ତାହା ସଫଳ ହୋଇନାହିଁ। ଜନସଂଖ୍ୟା ନିୟନ୍ତ୍ରଣ ନିମନ୍ତେ ଅନେକ ସୁଚିନ୍ତିତ ଯୋଜନା ହୋଇଛି, ଶହ ଶହ କୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ ହେଉଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଏଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। କିନ୍ତୁ ତଥାପି ଲୋକେ ସଚେତନ ହେଉ ନାହାଁନ୍ତି। ଅବଶ୍ୟ ଜନସଂଖ୍ୟା ବୃଦ୍ଧି ହାର ଏବେ କମିଛି, ଅର୍ଥାତ ଯେଉଁ ବେଗରେ ଜନସଂଖ୍ୟା ବୃଦ୍ଧି ପାଉଥିଲା ତାହା କମିଛି। କିନ୍ତୁ ଏହା ସତ୍ତ୍ୱ ଜନସଂଖ୍ୟା ନିୟନ୍ତ୍ରଣ ସଫଳ ହୋଇପାରିନାହିଁ। ଲୋକଙ୍କ ଭିତରେ ଏ ଯାବତ ସେତିକି ସଚେତନତା ସୃଷ୍ଟି ହୋଇନାହିଁ। ଅନେକ ଏହାକୁ ଏକ ବ୍ୟକ୍ତିଗତ ଅଧିକାର ବୋଲି ବିଚାର କରୁଛନ୍ତି। କିନ୍ତୁ ଏହା ଏକ ରାଷ୍ଟ୍ରୀୟ ସମସ୍ୟା, ସମଗ୍ର ମାନବ ଜାତି ପ୍ରତି ଏକ ଆହ୍ୱାନ ସେ କଥା କେହି ବିଚାର କରୁନାହାଁନ୍ତି। ଜନସଂଖ୍ୟା ବୃଦ୍ଧି ହିଁ ଭାରତର ଦାରୀଦ୍ର୍ୟ ଏବଂ ଅନଗ୍ରସରତାର ମୁଖ୍ୟ କାରଣ। ୭୫ ବର୍ଷ ତଳେ ଭାରତ ଯେତେବେ ସ୍ୱାଧୀନ ହେଲା ସେତେବେଳେ ଭାରତର ଜନସଂଖ୍ୟା ଥିଲା ୩୫ କୋଟି। ୭୫ ବର୍ଷ ଭିତରେ ଏହା ୪ ଗୁଣରୁ ଅଧିକ ହୋଇଛି। ଯଦି ଭାରତର ଜନସଂଖ୍ୟା ୧୪୦ କୋଟି ପରିବର୍ତ୍ତେ ୭୦ କୋଟିରେ ସୀମିତ ରହିଥାନ୍ତା ତେବେ ଏହା ବିଶ୍ୱର ସବୁଠାରୁ ଧନଶାଳୀ ଓ ଶକ୍ତିଶାଳି ରାଷ୍ଟ୍ରର ମାନ୍ୟତା ପାଇଥାନ୍ତା। ଆମେରିକା ପଛରେ ପଡ଼ି ଯାଇଥାନ୍ତା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଭାରତବାସୀ ଆଜି ପର୍ଯ୍ୟନ୍ତ ଏହାକୁ ଗୁରୁତ୍ୱ ଦେଉ ନାହାଁନ୍ତି। ପରିବାର ନିୟନ୍ତ୍ରଣ ଯୋଜନା ଅନେକଙ୍କ ପାଇଁ କେବଳ ଏକ ପ୍ରଚାର ସର୍ବସ୍ୱ ଆହ୍ୱାନ ହୋଇ ରହିଯାଇଛି। ଯେଉଁମାନେ ଅଶିକ୍ଷିତ, ଅନଗ୍ରସର ସେମାନଙ୍କ କଥା ଭିନ୍ନ। କିନ୍ତୁ ଭାରତରେ ଅନେକ ଶିକ୍ଷିତ, ସଚେତନ ବ୍ୟକ୍ତି ମଧ୍ୟ ଜନସଂଖ୍ୟା ନିୟନ୍ତ୍ରଣର ଆବଶ୍ୟକତାକୁ ଆଜି ପର୍ଯ୍ୟନ୍ତ ଅନୁଭବ କରିନାହାଁନ୍ତି। ଜନସଂଖ୍ୟା ବୃଦ୍ଧି ଯୋଗୁ ଜାତୀୟ ସମ୍ବଳ ବହୁଧା ବିଭାଜିତ ହେଉଛି। ଗରୀବ ଆହୁରି ଗରୀବ ହେଉଛି। ବେକାରୀ ସମସ୍ୟା ଉତ୍କଟ ହେଉଛି। ବେକାରୀ ଓ ଦାରୀଦ୍ର୍ୟ ବୃଦ୍ଧି ଯୋଗୁ ସମାଜରେ ଅପରାଧ ବଢ଼ି ଚାଲିଛି। ଗୋଟିଏ ବାକ୍ୟରେ କହିଲେ ଜନସଂଖ୍ୟା ବୃଦ୍ଧି ଉଭୟ ସାମାଜିକ ଏବଂ ଅର୍ଥନୈତିକ ସମୃଦ୍ଧିରେ ମୁଖ୍ୟ ପ୍ରତିବନ୍ଧକ। ତେଣୁ ଭାରତରେ ଏବେ ଜନସଂଖ୍ୟା ନିୟନ୍ତ୍ରଣ ନିମନ୍ତେ ଆଇନକୁ କଡ଼ାକଡ଼ି କରିବା ସପକ୍ଷରେ ମତ ପ୍ରକାଶ ପାଉଛି। କିଛି ବର୍ଷ ନିମନ୍ତେ ଏହାକୁ ଲାଗୁ କରାଗଲେ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଯିବ। କେତେକ ଏହାକୁ ମାନବାଧିକାର ଉଲ୍ଲଘଂନ ବୋଲି କହୁଛନ୍ତି। ଏହା ବ୍ୟକ୍ତି ସ୍ୱାଧୀନତାକୁ ବିପନ୍ନ କରିବ ବୋଲି କୁହାଯାଉଛି। କିନ୍ତୁ ରାଷ୍ଟ୍ରର ସ୍ୱାର୍ଥ ଆଗରେ ବ୍ୟକ୍ତି ସ୍ୱାର୍ଥକୁ ବଳି ଦିଆଯିବା ନିହାତି ଜରୁରୀ। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନେ ସଂକୀର୍ଣ୍ଣ ଏବଂ ରୁଗ୍‌ଣ ଚିନ୍ତାଧାରା ସମ୍ପନ୍ନ। ଦେଶର ହିତ ପାଇଁ ସେମାନେ ସାମାନ୍ୟ ତ୍ୟାଗ ସ୍ୱୀକାର କରିବାକୁ ପ୍ରସ୍ତୁତ ନାହାଁନ୍ତି। ଏଭଳି ପରିସ୍ଥିତିରେ କଡ଼ା ଆଇନ ପ୍ରଣୟନ ନିହାତି ଜରୁରୀ।

# ଏକ ଐଶୀକଳା ସଂପନ୍ନ ବରପୁତ୍ର

*;"ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି। ହେ ତ୍ରିକାଳଜୟୀ (ତ୍ରିଭୂବନ ବିଜୟୀ) ମହାପୁରୁଷ ! ତୁମେ ଧନ୍ୟ। ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।*

॥ ମୌଲାନା ଫଜଲ ହକ ଖାନ୍ ॥

କଳି କାଳରେ ଧର୍ମର ଗ୍ଲାନି ଘଟିବ । କଳକୀ ଅବତାର ଆସିବେ । ରାମରାଜ୍ୟ ପ୍ରତିଷ୍ଠା ହେବ । ଅଶାନ୍ତ ଜଗତକୁ ଶାନ୍ତିର ବାର୍ତାବହ ଆସି ଶାନ୍ତି ସ୍ଥାପନା ଦିଗରେ ଉନ୍ନତି ମୂଳକ କାର୍ଯ୍ୟ କରିବେ । ବିଶ୍ୱ ଶାନ୍ତି, ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ । ବସୁଧୈବ କୁଟୁମ୍ବକମ୍‌ର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବେ। ଏହି ପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି । ଧର୍ମ ସର୍ବଦା ସଂସ୍କାର, ସେବା, ତ୍ୟାଗ, ସହଯୋଗ ଏବଂ ଶିଷ୍ଟାଚାର ଶିଖାଇଥାଏ । ମନୁଷ୍ୟ ମାତ୍ର ଦୁଇଜାତି। ପୁରୁଷ ଏବଂ ସ୍ତ୍ରୀ । ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ ।

ଇସଲାମ ଧର୍ମ ଆଦିଧର୍ମ । ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ସହାନୁଭୂତି, ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା, ସମନ୍ୱୟତା, ସଂଯମତା, ସରଳତା ଏବଂ ସତ୍ୟତା । ମହାମହିମ ଅବତାର ହଜରତ ମୁହମ୍ମଦ ସଲ୍ଲମ କରୁଣାର ସାଗର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ । ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ, ଇସଲାମ ଧର୍ମରେ ଦେଖାଯାଉଥିବା କଳୁଷିତକୁ ଦୂର କରିଥିଲେ । ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ। ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ । ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା । ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା । ତଥା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା । ହଜରତ ଅହମଦଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି। ଯଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣ ବାର୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ । ସୁତରାଂ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଙ୍କୁ ସମ୍ବୋଧିତ କରି କହିଛନ୍ତି;

"ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି । ହେ ତ୍ରିକାଳଜୟୀ (ତ୍ରିଭୂବନ ବିଜୟୀ) ମହାପୁରୁଷ ! ତୁମେ ଧନ୍ୟ। ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।

ସୁତରାଂ ତୁମକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମକୁ ପ୍ରଦାନ କରାଯିବ। ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ। ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ। ସେ ତୁମର ଅତିଥି-ଏକ ସୁନ୍ଦର ସୁଢ଼ଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି। ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ମଧ୍ୟ ଅଟେ। ତାହାକୁ ପୂର୍ଣ୍ୟାତ୍ମା ଦିଆଯାଇଛି। ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି। ସେ ଅଭିନ୍ନନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି। ତାଙ୍କରି ଆଗମନ ସହିତ କରୁଣା ନିହିତ। ସେ ଅତ୍ୟନ୍ତ ଗରିମାମୟ, ଅପାର ସମ୍ପଦର ଅଧିକାରୀ। ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ। ସେ ଈଶ୍ୱରଙ୍କ ବାକ୍ୟ; କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି। ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ। ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ। ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେସିତ ଜନଙ୍କ ସହାୟକ ଓ ତ୍ରାଣକର୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ।''

ଏହି ଭବିଷ୍ୟତବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ। ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ ଅହମଦ । ଯାହାଙ୍କୁ ଅହମଦୀୟା ମୁସଲିମ ସମାଜରେ ମୁସଲେଃ ମଉଦ(ଅଙ୍ଗୀକୃତ ସଂସ୍କାରକ)ବୋଲି କୁହାଯାଏ । ଆପଣ ଐଶୀଶକ୍ତି ବଳରୁ ସାଂସାରିକ ଓ ଆଧାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ।

୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତୃ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଅ.ସଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାଧାର ନିକଟରେ ଛିଡ଼ା ହୋଇ ଶପଥ କରିଥିଲେ ଯେ,'ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି ଓ ମୁଁ ଏକାକି ରହିଯାଏ, ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭ୍ରୁକ୍ଷେପ କରିବି ନାହିଁ। ଆପଣ ନିଜର ଏହି ଶପଥକୁ ଅତି ଉତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତାକୁ କାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇ ଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଆପଣଙ୍କ ମହାନ କୀର୍ତିମାନରୁ ସ୍ପଷ୍ଟ ଅନୁମେୟ। ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଂଚିପାରିଛି । ତଥା ବିଶ୍ୱର ୨୧୪ ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ଏହି ଅହମଦୀୟା ମୁସଲିମ ସଂପ୍ରଦାୟର ବର୍ତମାନ ଆଧାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ୫ମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ,ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟର ରାଷ୍ଟ୍ରପତି, ଶାସକ, ରାଜା, ମହାରାଜା ଏବଂ ବହୁତ ବୁଦ୍ଧିଜିବିମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି । ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ଏବଂ ଦେଶଦ୍ରୋହୀ, ଧର୍ମଦ୍ରୋହୀ ଶନ୍ତ୍ରାସବାଦମାନଙ୍କର ତାଣ୍ଡବଲୀଳାକୁ ଦମନ କରିବା। ସର୍ବେଭବନ୍ତୁ ସୁଖିନଃର ସହର ବସାଇବା। ଏହା ହିଁ ଆମର କାମନା ।


ୟୁନିଟ-୪, ଭୁବନେଶ୍ୱର

ଯୋଗାଯୋଗ:୯୬୯୨୨୫୦୫୭


# ବିଶ୍ୱ ମାତୃଭାଷା ଦିବସ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ମା' ଓ ମାଟିର ଭାଷା ହିଁ ମାତୃଭାଷା। ଏହା ସଂସ୍କୃତିର ବାହକ ଓ ସଂହତିର ଉତ୍ସ। ଏହା ଅଗଣିତ ମଣିଷକୁ ଯୋଡ଼ିଦିଏ ଏକ ସୂତ୍ରରେ। ଉନ୍ମାଦାତ୍ରୀ ମାଆ ଓ ମାତୃଭୂମି ସହିତ ତା'ର ଆତ୍ମିକ ସମ୍ପର୍କକୁ ଅନୁଭବ କରି ଭକ୍ତକବି ମଧୁସୂଦନ ରାଓ ଗାଇଛନ୍ତି – ମାତୃଭୂମି, ମାତୃଭାଷା ଉଭୟେ ଜନନୀ, ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ। ମାତୃଭାଷାର ସମ୍ମାନ ହିଁ ଜାତିର ସମ୍ମାନ। ସେଥିପାଇଁ ଆପଣା ଭାଷାକୁ ନେଇ ଗର୍ବ ଅନୁଭବ କରେ ବିଶ୍ୱର ପ୍ରାୟ ପ୍ରତ୍ୟେକ ଜାତି। ମାତ୍ର ଜାତୀୟ ସ୍ୱାଭିମାନୀ ଯେଉଁଠି ଖର୍ବୀକୃତ, ସେଠାରେ ଦୁର୍ବଳ ହୁଏ ଭାଷାର ବ୍ୟବହାରିକ ଦିଗ। ସେହି ସ୍ୱାଭିମାନର ସଂକଟ ଯୋଗୁ ଓଡ଼ିଆ ଭାଷା ଆଜି ନାନା ବିରୋଧାଭାସ ଓ ବେଦନାବୋଧର ସମ୍ମୁଖୀନ। ପାଣିପବନରେ ବଢ଼ନ୍ତି କିନ୍ତୁ ଘରେ, ବାହାରେ ଓ ସାଧାରଣରେ ଯଥେଷ୍ଟ ଇଂଲିଶ ଭାଷା ବ୍ୟବହାର କରି ପ୍ରଦର୍ଶନ କରନ୍ତି ଆପଣା ପାଣ୍ଡିତ୍ୟ। କାର୍ଯ୍ୟାଳୟରେ ନଥିପତ୍ର ଇଂଲିଶରେ ଲେଖି ଉଲ୍ଲଂଘନ କରନ୍ତି ଭାଷା ଆଇନ। ଏମାନଙ୍କ ଦୃଷ୍ଟିରେ ଓଡ଼ିଆ ଭାଷା ଜ୍ଞାନବିଜ୍ଞାନର ଭାଷା ନୁହେଁ କି ବିକାଶର ମାଧ୍ୟମ ନୁହେଁ।

ଏହା କେବଳ ହଳିଆ, ମୂଲିଆ ଓ ଅପାଠୁଆଙ୍କ କଥିତ ଭାଷା। ଏହି ଭ୍ରାନ୍ତ ଭାବନା ନେଇ ଏମାନେ ଓଡ଼ିଆରେ ଲେଖାପଢ଼ା ନକରିପାରିବାକୁ ଗୌରବ ବୋଲି ଭାବନ୍ତି ଏବଂ ନିଜ ପିଲାମାନଙ୍କୁ ପଢ଼ାନ୍ତି ଇଂଲିଶ ମାଧ୍ୟମ ବିଦ୍ୟାଳୟରେ। ମାତୃଭାଷା ଗୋଟିଏ ଜାତିର ଜୀବନଚର୍ଯ୍ୟାର ବାହକ। ମାତ୍ର ଓଡ଼ିଆ ଭାଷାର ସେ ବ୍ୟବହାରିକ ଉପଯୋଗିତା ଓ ସାର୍ବଭୌମ ମର୍ଯ୍ୟାଦାକୁ ଉଜୁଡ଼ିଯିବା ଅବସ୍ଥାକୁ ଟାଣିନେଲାଣି ଆମ ଇଂଲିଶ ମନସ୍ତତା। ସ୍କୁଲ, କଲେଜ, କଚେରୀ, ରାସ୍ତାଘାଟ ଓ ବ୍ୟବସାୟ ପ୍ରତିଷ୍ଠାନର ବିଜ୍ଞାପନ ଫଳକ ତଥା ନିମନ୍ତ୍ରଣ ପତ୍ର ଆଦି ସବୁଠି ଇଂଲିଶ ଭାଷାର ପ୍ରାଧାନ୍ୟ। ସଂସ୍କୃତିର ରକ୍ଷକ କୁହାଯାଉଥିବା ଗଣମାଧ୍ୟମ ଆଉ ବହନ କରୁନି ଭାଷା ସୁରକ୍ଷାର ଗୁରୁଦାୟିତ୍ୱ। ଲେଖାକୁ ଓଜନଦାର କରିବା ପ୍ରୟାସରେ ଗଣମାଧ୍ୟମ ବହୁଳ ମାତ୍ରାରେ ବ୍ୟବହାର କରୁଛି ଇଂଲିଶ ଶବ୍ଦ। ଶିକ୍ଷା କ୍ଷେତ୍ରରୁ ବି ତାର ଅପସାରଣ ପାଇଁ ଚାଲିଛି ରୀତିମତ ଷଡ଼ଯନ୍ତ୍ର। ଯେଉଁ ରାଜ୍ୟରେ ଅର୍ଦ୍ଧେକ ଛାତ୍ରଛାତ୍ରୀ ଇଂଲିଶ ମାଧ୍ୟମରେ ପଢ଼ନ୍ତି ଏବଂ ବାକି ଅର୍ଦ୍ଧେକ ପଢୁଥିବା ସ୍କୁଲଗୁଡ଼ିକରେ ଓଡ଼ିଆ ଶିକ୍ଷକ ନଥାନ୍ତି, ସେ ରାଜ୍ୟରେ ଓଡ଼ିଆ ଭାଷାର ଭବିଷ୍ୟତ ଅନ୍ଧାରରେ ଜର୍ଜରିତ ହେବା ସ୍ୱାଭାବିକ।

ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା। ଭକ୍ତ କବି ମଧୁସୂଦନଙ୍କ ପଂକ୍ତି ବୋଧହୁଏ ମିଳିତ ଜାତିସଂଘ ପ୍ରତିନିଧିମାନେ ଶୁଣିଥାଇ ନପାରନ୍ତି, କିନ୍ତୁ ଏହାର ସାରମର୍ମକୁ ସେମାନେ ଠିକ୍ ଭାବେ ବୁଝିସାରିଛନ୍ତି। ଅର୍ଥାତ୍ ମଣିଷ ଜାତି ଏବଂ କୌଣସି ଏକ ସମ୍ପ୍ରଦାୟର ଉନ୍ନତି ଲାଗି ଏହାର ଭାଷା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ଅନୁଭବ କରି ମାତୃଭାଷା ଲାଗି ଦିନଟିଏ ଉତ୍ସର୍ଗ କରିଛି ବିଶ୍ୱ ସମୁଦାୟ। ବିଶ୍ୱର କୋଣଅନୁକୋଣରେ ପ୍ରଚଳିତ ଲକ୍ଷ ଲକ୍ଷ ଭାଷାର ସୁରକ୍ଷା ତଥା ପ୍ରଚାର ଏବଂ ପ୍ରସାର ଲାଗି ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଫେବୃଆରୀ ୨୧ରେ ପାଳିତ ହେଉଛି ଅନ୍ତର୍ଜାତୀୟ ମାତୃଭାଷା ଦିବସ। ମାତୃଭାଷା ଓ ସାଂସ୍କୃତିକ ବିବିଧତା ତଥା ବହୁ ଭାଷାବାଦକୁ ପ୍ରୋତ୍ସାହିତ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ। ଏହି ଦିବସର ପାଳନ ଲାଗି ୧୭ ନଭେମ୍ବର ୧୯୯୯ରେ ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ ଏବଂ ସଂସ୍କୃତି ସଙ୍ଗଠନ ପକ୍ଷରୁ ପ୍ରଥମେ ଘୋଷଣା କରାଯାଇଥିଲା। ୨୦୦୦ ମସିହାରୁ ବିଧିବଦ୍ଧ ଭାବେ ଏହାର ପାଳନ ହୋଇଆସୁଛି। ଏପରିକି ୨୦୦୮ରେ ଜାତିସଂଘର ସାଧାରଣ ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇ ସେହି ବର୍ଷକୁ ଅନ୍ତର୍ଜାତୀୟ ମାତୃଭାଷା ବର୍ଷ ଭାବେ ପାଳନ କରାଯାଇଥିଲା। ଏହି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବା ପଛରେ ମଧ ରହିଛି ଏକ ପ୍ରମୁଖ କାରଣ। ୧୯୫୨ ଫେବୃଆରୀ ୨୧ରେ ବାଙ୍ଗଲାଦେଶର ରକ୍ତାକ୍ତ ଭାଷା ଆନ୍ଦୋଳନର ସ୍ମରଣ ଉଦ୍ଦେଶ୍ୟରେ ଏହି ଦିନକୁ ଚୟନ କରାଯାଇଥିଲା। ବଙ୍ଗଳା ଭାଷାକୁ ପୂର୍ବ ପାକିସ୍ତାନର ଅନ୍ୟତମ ଜାତୀୟ ଭାଷା ମଧ୍ୟରେ ସ୍ଥାନିତ କରିବା ଲାଗି ୧୯୫୨ ଢ଼ାକାରେ ବଡ଼ଧରଣର ଛାତ୍ର ଆନ୍ଦୋଳନ ଦେଖାଦେଇଥିଲା। ଢ଼ାକା ବିଶ୍ୱବିଦ୍ୟାଳୟ ଜଗନ୍ନାଥ କଲେଜ ଏବଂ ଢ଼ାକା ମେଡ଼ିକାଲ କଲେଜର ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ପାକିସ୍ତାନ ସରକାର ଏହି ଆନ୍ଦୋଳନକୁ ପୋଲିସ ଲଗାଇ ଦମନ କରିଥିଲେ।

ପୋଲିସ ଗୁଳିରେ ବହୁ ସଂଖ୍ୟକ ଆନ୍ଦୋଳନକାରୀ ଛାତ୍ର ପ୍ରାଣ ହରାଇଥିଲେ। ସେମାନଙ୍କ ବଳିଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ କାନାଡ଼ାରେ ରହୁଥିବା ରଫିକୁଲ୍ ଇସ୍‌ଲାମ ନାମକ ଜଣେ ବ୍ୟକ୍ତି ୧୯୯୮ରେ ଜାତିସଂଘର ତତ୍କାଳୀନ ମହାସଚିବ କୁଫି ଆନ୍ନନ୍‌ଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବିଶ୍ୱର କୋଣ ଅନୁକୋଣରେ ପ୍ରଚଳିତ ଅନେକ ଭାଷାକୁ ବିଲୁପ୍ତ ମୁହଁରୁ ରକ୍ଷା କରିବା ଲାଗି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବାକୁ ରଫିକୁଲ୍ ନିବେଦନ କରିଥିଲେ। ତାଙ୍କ ଆବେଦନକୁ ଗ୍ରହଣ କରି ଆନ୍ନନ୍ ଏ ଦିଗରେ ପଦକ୍ଷେପ ଆରମ୍ଭ କରିଥିଲେ। ପରିଣାମ ସ୍ୱରୂପ ୧୯୯୯ ନଭେମ୍ବରରେ ୟୁନେସ୍କୋର ସାଧାରଣ ସମ୍ମିଳନୀରେ ଏହାକୁ ଗ୍ରହଣ କରାଯାଇଥିଲା। ଏହାପରେ ୨୦୦୮କୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ପାଳନ କରାଯିବା ସହ ଜାତିସଂଘର ସମସ୍ତ ରାଷ୍ଟ୍ର ମାତୃଭାଷାର ପ୍ରଚାର ପ୍ରସାର ଲାଗି ନିଜ ନିଜ ସ୍ତରରେ ଅଭିଯାନ ଚଳାଇବେ ବୋଲି ୨୦୦୯ ମେ ୧୬ ବୈଠକରେ ଜାତିସଂଘ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏହା ପରଠାରୁ ଫ୍ରାନସ୍ ପ୍ୟାରିସ୍‌ରେ ଥିବା ୟୁନେସ୍କୋ ମୁଖ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱର ପ୍ରତିଟି ଦେଶରେ ଏହି ଦିବସ ପାଳନ କରାଯାଇଛି। ବିଶ୍ୱବାସୀଙ୍କ ପାଇଁ ଶିକ୍ଷା ଏବଂ ଶିକ୍ଷା ଜରିଆରେ ସମସ୍ତଙ୍କ ଭବିଷ୍ୟତ ସୁରକ୍ଷିତ କରିବା ମଧ ଏ ବର୍ଷ ମାତୃଭାଷା ଦିବସର ଏକ ପ୍ରମୁଖ ଉଦ୍ଦେଶ୍ୟ ରହିଛି।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ମମ ଭୂତ ମହେଶ୍ୱରମ୍

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

୧୩୨୧ ସାଲ ୧୯୧୪ ମସିହା ଭାବାବେଶରେ ମତୁଆଲା ହୋଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯେତେବେଳେ କୀର୍ତ୍ତନ କରୁଥିଲେ ସେ ସମୟରେ ସେ ନୃତ୍ୟର ଦୈବୀ ବିଭଙ୍ଗ ଯେପରି ଅନିର୍ବଚନୀୟ ତାହା ଏକ ଅମାନବୀୟ ପ୍ରତିଭାର ନିଦର୍ଶନ। ସଙ୍ଗରେ ଥାଆନ୍ତି ପଞ୍ଚସଖା - ଅନନ୍ତ, କିଶୋରୀ, ଗୋସାଇଁ, କୃଷ୍ଣପ୍ରସନ୍ନ, ସୁଶୀଳଚନ୍ଦ୍ର, ଏତଦ୍‌ବ୍ୟତୀତ କୀର୍ତ୍ତନ ପ୍ରେମୀ ଖୋକନ, ତରଣୀ, ନଫଂର ଘୋଷ... ଇତ୍ୟାଦି। ସେ ଏକ ଅପୂର୍ବ ଅନିର୍ବଚନୀୟ ଅଭୂତପୂର୍ବ ଦୃଶ୍ୟ - ଯାହା ଅବ୍ୟକ୍ତ, କୀର୍ତ୍ତନର ଭାବାବସ୍ଥା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କେତେବେଳେ ଦୁଇ ବାହୁ ତୋଳି ନାଚି କୁଦି ସମସ୍ତଙ୍କୁ ପ୍ରେମ ବିହ୍ୱଳ କରି ତୋଳୁ ଥିଲେ ତ କେତେବେଳେ ଉତ୍ତାଳ ଭାବର ଆତିଶଯ୍ୟରେ ପ୍ରେମାଲିଙ୍ଗନରେ ସମସ୍ତଙ୍କୁ ବୁକୁରେ ଜାବୁଡ଼ି ଧରୁଥିଲେ ତ ପୁଣି କାହାକୁ କାନ୍ଧରେ ବସାଉ ଥିଲେ। କେତେବେଳେ ବା କାହା କାନ୍ଧ ଉପରକୁ ଚଢ଼ି ଯାଉଥିଲେ। କେତେବେଳେ ବା ନିବିଡ଼ ଭାବରେ ବୁକୁରେ ଜାବୁଡ଼ି ଧରି ପ୍ରେମାଲିଙ୍ଗନ ପୂର୍ବକ ଚୁମା ଖାଉଥିଲେ। ସେ ଭାବ ରାଜ୍ୟର ଦୃଶ୍ୟ ମର୍ତ୍ତ୍ୟରେ ସମ୍ଭବ ନୁହେଁ, ସ୍ୱର୍ଗରେ। ଜୀବନରେ ଶ୍ରୀ ଶ୍ରୀ ଠାକୁର ନିଜେ କୌଣସି ଆସନର ଅଭ୍ୟାସ ନକରି ଥିବା ସ୍ଥଳେ କୀର୍ତ୍ତନାବସ୍ଥାରେ ଏତାଦୃଶ୍ୟ ସମସ୍ତଙ୍କ ମାନସ ରାଜ୍ୟରେ ଏକ ଦୁର୍ଭେଦ୍ୟ, ବିସ୍ମୟ ଅମୀମାଂସିତ ରହସ୍ୟ ହୋଇ ରହିଯାଇଛି - ଅଦ୍ୟାବଧି। ଗୀତାରେ ସେହି ମହାନ ବାଣୀ, - 'ଅବ ଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍, ପରଂ ଭାବ ମଜାନନ୍ତୋ ମମ ଭୂତ ମହେଶ୍ୱରମ୍।।'

ଯେ ନିଜର ହୃଦୟ କ୍ଷେତରେ ପ୍ରେମର ଫସଲ ଉପୁଜାଏ ସେ ହିଁ ପ୍ରକୃତ ଖ୍ରୀଷ୍ଟିୟାନ୍, ଶିଖ, ହିନ୍ଦୁ ବା ମୁସଲମାନ। ବସ୍ତୁତଃ ଯିଏ ହୃଦୟରେ ପ୍ରେମଭାବ ପୋଷଣା କରେ ସେ ହିଁ ପ୍ରକୃତ ମାନବ। ପ୍ରେମ ମଣିଷର ପ୍ରାଣବାୟୁ ଅଟେ। ପ୍ରେମ ହିଁ ସକଳ ଜୀବ ମଧ୍ୟରେ ଦିବ୍ୟ ଚେତନା। ପ୍ରେମ ହିଁ ଜୀବନର ଲକ୍ଷ୍ୟ। ମାନବ ଜୀବନ ପ୍ରେମ ଦ୍ୱାରା ରସମୟ ହୋଇଥାଏ। ଏହି ନିତ୍ୟ ଶୁଦ୍ଧ ପ୍ରେମତତ୍ତ୍ୱକୁ ବୁଝି ନପାରି ମଣିଷ ନାନାବିଧ ଦୈହିକ ତଥା ସାଂସାରିକ ଅଶାନ୍ତି ଓ ଉଦ୍‌ବେଗରେ ହନ୍ତସନ୍ତ ହେଉଛି। ଆଜିକାଲି ଲୋକମାନଙ୍କ ମଧ୍ୟରେ ପ୍ରେମଭାବ କମିଯିବାର ଦେଖାଯାଉଛି। ପ୍ରେମଶୂନ୍ୟ ମାନବ ଦାନବ ସହ ସମାନ। ଦାନବ ପ୍ରବୃତ୍ତିଯୁକ୍ତ ମଣିଷ ଆଜି ପଶୁ ଭଳି ବ୍ୟବହାର କରୁଛି। ଭଗବାନ ଜୀବମାନଙ୍କୁ ଭୂତ, ପ୍ରେତ ବା ପିଶାଚ କରି ସୃଷ୍ଟି କରି ନଥାନ୍ତି। ଏଗୁଡ଼ିକ ମଣିଷର ସୃଷ୍ଟି। ପ୍ରତ୍ୟେକଙ୍କୁ ନାମ ଓ ପ୍ରେମ ପ୍ରଚାର ପାଇଁ ଗଠନ କର। ପ୍ରେମ ହିଁ ସ୍ୱର୍ଗ ଓ ସ୍ୱର୍ଗ ହିଁ ପ୍ରେମ - ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପବିତ୍ର ପୁଣ୍ୟପୋଥିରେ ଅମୃତ ପାବନ ଉଦ୍‌ଘୋଷଣ ଦେଇ ସତ୍‌ସଙ୍ଗୀମାନଙ୍କୁ ଆଶୀର୍ବଚନ କରି କହିଛନ୍ତି - 'ନିଃସ୍ୱାର୍ଥପର ଭାବରେ ଭଲ ପାଇ ଦେଖ। ଭଲପାଇ ଦେଖ। ଭଲ ପାଇବା ପାଇଁ ମନ ଭିତରେ କୌଣସି ପ୍ରକାର ଗୋଳମାଳ ରଖ ନାହିଁ। ଦେଖ, ମନ ହିଁ ସବୁ କରେ।' 'ପ୍ରାଣ ଧରିବାକୁ ଗଲେ ପ୍ରେମ ହିଁ ଔଷଧ। ଜଗତରେ ଯେତେ ବେଶୀ ଲୋକଙ୍କୁ ଭଲପାଇ ପାରିବୁ ଜଡ଼ ଚେତନକୁ ଯେତେ ଭଲପାଇ ପାରିବୁ, - ଈଶ୍ୱରଙ୍କୁ ସେତେ ଭଲ ପାଇପାରିବୁ। ଯଦି ମୋତେ ପାଇବାକୁ ଚାହଁ, ଭଲପାଅ। ସମସ୍ତ ଜୀବକୁ ଭଲପାଅ। ଭଲପାଅ, ପ୍ରାଣକୁ ଭଲପାଅ, ଜଗତକୁ ଭଲପାଅ, ତା'ହେଲେ ମୋତେ ପାଇବ।'

ନିଜ ହୃଦୟରେ ପ୍ରେମଭାବ ପରିପୁଷ୍ଟ କରୁଥିବା ବ୍ୟକ୍ତି ହିଁ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ, ଶିଖ୍, ହିନ୍ଦୁ ବା ମୁସ୍‌ଲମାନ ହୋଇପାରେ। ଦୁର୍ଭାଗ୍ୟବଶତଃ ଆଜି କେହି ହେଲେ ସେମାନଙ୍କର ହୃଦୟ କ୍ଷେତରେ ପ୍ରେମର ବୀଜ ବପନ କରୁ ନାହାନ୍ତି। ତେବେ ତୁମେ ପ୍ରେମର ଶସ୍ୟ ଅମଳ କରିବ ବୋଲି କିପରି ଭାବୁଛ ? ଯାହା ମଧ୍ୟରେ ପ୍ରେମଭାବ ନାହିଁ ସେ ମଣିଷ ହେବ କିପରି ? ଶ୍ରୀ ଶ୍ରୀ ଠାକୁର ଆହୁରି ମଧ କହିଛନ୍ତି - 'ଭଗବାନଙ୍କୁ ଭଲପାଏ କି ନା ଠିକ୍ କରିବାକୁ ହେଲେ ଆଗେ ଦେଖିବାକୁ ହୁଏ ମୁଁ ଜଗତକୁ ଭଲ ପାଏ କି ନାହିଁ। ଦେଖ, ଯଦି ଜଗତର ପ୍ରତ୍ୟେକ ଜୀବକୁ ଭଲପାଉ, ପ୍ରତ୍ୟେକ ବସ୍ତୁକୁ ଭଲପାଉ ସେତେବେଳେ ବୁଝିବୁ ମୁଁ ଭଗବାନଙ୍କୁ ଭଲପାଏ, ଏହିପରି ଭାବିବା ହିଁ ଭଲ।' ଭଲପାଇବାଟା ହିଁ ସ୍ୱର୍ଗ। ଭଲପାଇବା ହିଁ ନରକରେ ସ୍ୱର୍ଗ ସ୍ଥାପନ କରିଥାଏ। ଦେଖ, ଅନ୍ତରରେ ଭଲପାଇବା ନଥିଲେ ମଧ ବାହାରେ ଭଲ ପାଇବାକୁ ହୁଏ। ଦେଖ, ଜଣେ କୁଷ୍ଠ ରୋଗୀ ଯଦି ରାସ୍ତାରେ ବସି 'ଗୋଟାଏ ପଇସା ଦିଅ, ଗୋଟାଏ ପଇସା ଦିଅ' କହେ, ତୁ ସେତେବେଳେ ମନକୁ ପଚାରିବୁ 'ମନ ! ତୁ ଏହାକୁ ଭଲପାଇ ପାରିବୁ ?' ମନ ଯଦି ଅସ୍ୱୀକାର କରିବ, ତେବେ ମନ ବିପକ୍ଷରେ ଛିଡ଼ା ହେବୁ.... 'ଦେଖ, ପାରିବୁ ନାହିଁ ବୋଲି କହୁଛୁ କାହିଁକି ?' ଏଇ ପରପାଇଁ ଯେତେବେଳେ ତୁ ତୋର ଗଳାଟା କାଟି ଦେଇ ପାରିବୁ, ସେତେବେଳେ ଜାଣିବୁ ତୁହିଁ ଭଗବାନଙ୍କୁ ଭଲ ପାଉଛୁ। ପ୍ରକୃତ ହିନ୍ଦୁ, ମୁସଲମାନ ବା ଖ୍ରୀଷ୍ଟିୟାନ ପ୍ରେମସ୍ୱରୂପ ହେବା ଆବଶ୍ୟକ। ମୁସଲମାନମାନେ ପ୍ରାର୍ଥନା କରିଥାନ୍ତି, 'ଆଲ୍ଲା ହୋ ଆକବର୍' ଅର୍ଥାତ୍ ଈଶ୍ୱର ହିଁ ମହାନ୍। ଇସ୍‌ଲାମର ଅର୍ଥ ହେଲା ଶାନ୍ତି। ତେଣୁ ଯିଏ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରେ ସେ ପ୍ରକୃତ ମୁସଲମାନ। ଏକ ପ୍ରେମପୂର୍ଣ୍ଣ ହୃଦୟରୁ ଶାନ୍ତି ବିକଶିତ ହୁଏ। ପ୍ରେମ ବିନା ଜଣେ ଶାନ୍ତି ପାଇ ପାରେନା, ତେଣୁ ଯେ କୌଣସି ଜାତି, ଧର୍ମ ବା ମତବାଦ ପାଇଁ ମୂଳ ହେଲା ପ୍ରେମ। ପ୍ରେମ ହିଁ ଶିବ, ପ୍ରେମ ହିଁ ମଙ୍ଗଳ, ପ୍ରେମ କାହାକୁ କଷ୍ଟ ଦିଏନା। ଯାହା କଷ୍ଟ ଦିଏନା ତାହା ହିଁ ଶିବ। ପ୍ରେମଶୂନ୍ୟ ମାନବକୁ ଶବ, ପ୍ରେମଯୁକ୍ତ ମାନବକୁ ଶିବ କହିବା ଠିକ୍ ହେବ।


**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**

**ଦୂରଭାଷ : ୯୪୩୭୦୫୧୯୫୭**



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ବୁଧବାର, ୨୧ ମଇ, ୨୦୨୫ 

## ପୌରପରିଷଦ ଖବର ପ୍ରସାରଣ ପରେ ସଫା କରିଲା ଡ୍ରେନ



ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପୌର ପରିଷଦ ପାର୍ଶ୍ୱରେ ଥିବା ଡ୍ରେନ ରୁ ଅପରିଷ୍କାର ଜଳ ରାସ୍ତାରେ ପ୍ରବାହିତ ହଉଥିବା ଓ ଦୁର୍ଗନ୍ଧ ହଉ ଥିବା ଖବର ପ୍ରସାରଣ ପରେ ପୌର ପରିଷଦ ଡ୍ରେନ ସଫା କରିଛି। ଖବର କୁ ଗୁରୁତ୍ୱ ନେଇ ସଫା କରି ଥିବାରୁ ଗଣ ମାଧ୍ୟମ ଗୁରୁତ୍ୱ ଦେଇଥିବାରୁ ଧନ୍ୟବାଦ ଜଣାଯାଇଛି।

## ବସ୍‌ରେ ଗଞ୍ଜେଇ ପରିବହନ କରୁଛନ୍ତି ନାବାଳକ

ନୟାଗଡ଼, (ମହାଭାରତ) : ନୟାଗଡ଼ରେ ଚାଷ ହେଉନଥିଲେ ମଧ୍ୟ ବାହାର ଜିଲ୍ଲାରୁ ବହୁ ପରିମାଣର ଗଞ୍ଜେଇ ଏହି ଅଞ୍ଚଳକୁ ଚାଲାଣ କରାଯାଉଛି। ଏହି ରାସ୍ତା ଦେଇ ଖୋର୍ଦ୍ଧା, ଭୁବନେଶ୍ୱର ଓ ଅନ୍ୟ ଜିଲ୍ଲାକୁ ଚାଲାଣ ହେଉଛି। କେତେବେଳେ ଖବର ପାଇ ପୁଲିସ ଚଢ଼ଉ କରୁଛି ତ ଆଉ କେତେବେଳେ ଅତି ଆରାମରେ ନିଶା ବ୍ୟବସାୟୀ ମାନେ ଖସି ଯାଉଛନ୍ତି। ବିଶେଷ କରି ପୁଲିସକୁ ଚକମା ଦେବା ପାଇଁ ନିଶା ବେପାରୀ ମାନେ ନୂଆ ନୂଆ ଯୋଜନା ପ୍ରସ୍ତୁତ କରୁଛନ୍ତି। ବର୍ତ୍ତମାନ ଗଞ୍ଜେଇ ବେପାରରେ ନାବାଳକ ମାନଙ୍କୁ ବ୍ୟବହାର କରାଯାଉଛି। ଫଳରେ ରାସ୍ତାରେ ହେଉଥିବା ଯାଞ୍ଚ ସମୟରେ ପୁଲିସର ନଜର ସେମାନଙ୍କ ଉପରକୁ ଯାଉ ନାହିଁ। କେବଳ ସେତିକି ନୁହେଁ ଗଞ୍ଜେଇ ପରିବହନ ହେଉଥିବା ଗାଡ଼ି ସୁରକ୍ଷା ଦାୟିତ୍ୱରେ ମଧ୍ୟ ସେମାନଙ୍କୁ ବ୍ୟବହାର କରୁଛନ୍ତି। ଏହି ନାବାଳକ ମାନେ ଗାଡ଼ି ସୁରକ୍ଷା ପାଇଁ ଆଗେ ଆଗେ ବାଇକରେ ଆସୁଥିବା ଦେଖାଯାଉଛି। ଯେଉଁଠି ପୁଲିସ କିମ୍ବା ଅବକାରୀ ବିଭାଗର ଯାଞ୍ଚ ହେଉଥିବା ସେମାନେ ଦେଖୁଛନ୍ତି, ତୁରନ୍ତ ନିଶା ଦ୍ରବ୍ୟ ଆସୁଥିବା ଗାଡ଼ିର ଦିଗକୁ ବଦଳାଇ ଦେଉଛନ୍ତି। ଫୁଲବାଣୀରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବେପାରୀଙ୍କୁ ଯୋଗାଉଥିବା ଜଣେ ନାବାଳକଙ୍କୁ ଟାଉନ ଥାନା ପୁଲିସ କିଛି ଦିନ ତଳେ ଗିରଫ କରିଥିଲା। ତା' ନିକଟରୁ ପୁଲିସ ୯ କିଲୋ ୩୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଥିଲା। ଗଞ୍ଜେଇ ସମ୍ପର୍କରେ ଯେପରି କେହି ଟେ ? ନପାଇବେ, ସେଥିପାଇଁ ସେ ବସରେ ଆସିଥିଲା। ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ସହ ସେ ନୂଆ ବସଷ୍ଟାଣ୍ଡ ନିକଟରେ ସନ୍ଦେହ ଜନକ ଅବସ୍ଥାରେ ଛିଡ଼ା ହୋଇଥିବା ବେଳେ ପୁଲିସ ତାକୁ ଗିରଫ କରିଥିଲା। ମାତ୍ର ସେ ଯାହା ବୟାନ ଦେଇଥିଲା, ଏହାକୁ ନେଇ ଜୋରଦାର ଚର୍ଚ୍ଚା ହୋଇଛି। ଉକ୍ତ ନାବାଳକଙ୍କ କହିବା ମୁତାବକ, ସେ ପୂର୍ବରୁ ପାଞ୍ଚ ଥର ଏହି ରାସ୍ତାରେ ଓ ବସ ମାଧ୍ୟମରେ ଫୁଲବାଣୀରୁ ଆସି ଭୁବନେଶ୍ୱରରେ ଗଞ୍ଜେଇ ବିତରଣ କରି ନିରାପଦରେ ଫେରିଛି। ପୂର୍ବରୁ କାଁ ଭାଁ ଏହି ବେପାରରେ ନାବାଳକଙ୍କୁ ଦେଖିବାକୁ ମିଳୁଥିଲା। ବର୍ତ୍ତମାନ ଗଞ୍ଜେଇ ବେପାରରେ ଅଧିକରୁ ଅଧିକ ନାବାଳକଙ୍କ ସମ୍ପୃକ୍ତି ରହୁଥିବା ଦେଖିବାକୁ ମିଳିଛି। ଫୁଲବାଣୀରୁ ବହୁ ପରିମାଣରେ ଗଞ୍ଜେଇ ନୟାଗଡ଼ ରାସ୍ତା ଦେଇ ଚାଲାଣ କରାଯାଉଛି। ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ହେଉ କି ଦଶପଲ୍ଲା-ଗଣିଆ ଦେଇ ଯାଉଥିବା ୪୮ ନମ୍ବର ରାଜ୍ୟ ରାଜପଥରେ ଅଧିକାଂଶ ସମୟରେ ଗଞ୍ଜେଇ ଚାଲାଣ କରାଯାଉଛି। ପୂର୍ବରୁ ଜିଲ୍ଲା ବ୍ୟାପି ପୁଲିସର ଯାଞ୍ଚ ଜୋର୍ଦାର ହେଉଥିଲା। ଛକ ଛକରେ ପୁଲିସ ବସି ନୟାଗଡ଼ ସୀମାକୁ ପ୍ରବେଶ କରୁଥିବା ପ୍ରତ୍ୟେକ ଗାଡ଼ିକୁ ଯାଞ୍ଚ କରୁଥିଲା। ପୁଲିସର ଏମିତି ପଦକ୍ଷେପ ଯୋଗୁଁ ନିଶା ମାଫିଆ ମାନଙ୍କ ମଧ୍ୟରେ ଛନକା ପଶି ଯାଇଥିଲା। ସେମାନେ ଏକ ପ୍ରକାର ନିଶା ଚୋରା ଚାଲାଣକୁ ବନ୍ଦ କରି ଦେଇଥିଲେ। ମାତ୍ର ଏବେ ପୁଲିସର ଯାଞ୍ଚ ପ୍ରକ୍ରିୟା କୋହଳ ହୋଇଯାଇଛି। ଫଳରେ ମାଫିଆ ମାନେ ପୁଣି ଥରେ ନିଜର କାରନାମା ଦେଖାଇବା ଆରମ୍ଭ କଲେଣି। ବସ୍‌ରେ ନାବାଳକ ଓ ମହିଳା ମାନଙ୍କ ଦ୍ୱାରା ଏବଂ କାର୍ ଭଡ଼ା ନେଇ ଯାଉଥିବା ଯାତ୍ରୀ ମାନଙ୍କ ଦ୍ୱାରା ମଧ୍ୟ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ କରାଯାଉଛି। ଏଣୁ ଏ ଦିଗରେ ପୁଲିସ ପଦକ୍ଷେପ ନେଉ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଫରଙ୍ଗ ଠାରେ ବ୍ଲକର ପ୍ରଥମ ରବି ଧାନ ମଣ୍ଡି ଉଦଘାଟିତ

ଗୋଲାମୁଣ୍ଡା, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫରଙ୍ଗ ପେକ୍ସ ଫରଙ୍ଗ ଧାନ ମଣ୍ଡି ମଙ୍ଗଳବାର ସକାଳ ୧୧ ଟା ରେ ଉଦଘାଟିତ ହୋଇ ଯାଇଛି । ମୁଖ୍ୟ



ଅତିଥି ଭାବରେ ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ ଏହାକୁ ଉଦଘାଟନ କରିଥିଲେ । ଏହି ଉଦଘାଟନ ସମୟରେ ସମ୍ମାନିତ ଅତିଥି ଭାବେ ଏସଆର ବିଶ୍ୱନାଥ ସିଂ, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ସମେତ ପେକ୍ସ କର୍ମଚାରୀ, ପେକ୍ସ ପ୍ରେସିଡେଣ୍ଟ ଉଦିଆ ନିଆଲ , ପେକ୍ସ ସେକ୍ରେଟାରୀ କିରୋଟି ପ୍ରଧାନ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଭୋଇ , ନୋଡାଲ ଅଫିସର ଉର୍ମିଳା ନାଗ ଯୋଗଦେଇଥିବା ବେଳେ ଆର.ଏମ.ସି କର୍ମଚାରୀ ତପନ ନାଏକ, ତ୍ରିନାଥ କାଣ୍ଡ, ରତ୍ନାକର ହଂସ, ଧୀରେନ୍ଦ୍ର ହଂସ ଏବଂ ଚାଷୀ ଉପସ୍ଥିତ ଥିଲେ ।ଗୋଲାମୁଣ୍ଡା ବ୍ଲକ ରେ ୬ ଟି ମଣ୍ଡି ରୁ ଗୋଟିଏ ମଣ୍ଡିରେ ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ ପାଇଁ ଚୟନ ହୋଇଥିବା ବେଳେ ୫ ଟି ମଣ୍ଡି ରେ ପ୍ୟାକ୍ସ ଧାନ କ୍ରୟ କରିବ ।

## ବାଘ ଛାଲ ଜବତ, ତିନି ଗିରଫ

ଗଣିଆ, (ମହାଭାରତ) : ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ଗଣିଆ ବନାଞ୍ଚଳ ଅଧୀନ କାଚପଲ୍ଲୀ ଅଞ୍ଚଳରୁ ଏକ ବାଘ ଛାଲ ଜବତ କରିଛି ଗଣିଆ ବନ ବିଭାଗ । ଗଣିଆ ବନାଞ୍ଚଳ ଘୁଗୁଡ଼ିପଡା ସେକ୍ସନ ଅଞ୍ଚଳରୁ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବାଘ ଛାଲ ଓ ବ୍ୟବହୃତ ହୋଇଥିବା ବନ୍ଧୁକକୁ ଜବତ କରିବା ସହିତ ତିନି ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଖଳିସାହି ଗ୍ରାମର ତ୍ରିନାଥ ପ୍ରଧାନ (୫୨), କାଚପଲ୍ଲୀ ଗ୍ରାମର ବିମ୍ବାଧର ନାୟକ (୨୪) ଓ ରାମଚନ୍ଦ୍ର ଦଳବେହେରା (୨୪) ବୋଲି ଜଣାପଡିଛି । ସୂଚନାନୁଯାୟୀ ଗତ ଜାନୁଆରୀ ମାସରେ ଗଣିଆ ବନାଞ୍ଚଳ ଅଧୀନ ଖଳିସାହି ଗ୍ରାମର ତ୍ରିନାଥ ପ୍ରଧାନ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ସେଠାରେ ଛେଳିକୁ ଏକ କଲରା ପତରିଆ ବାଘ ଝାମ୍ପ ମାରି ଖାଇଯାଇଥିଲା । ଏହାକୁ ନେଇ ତ୍ରିନାଥ ମନରେ ପ୍ରତିଶୋଧ ନିଆଁରେ ଜଳି ବାଘକୁ ମାରିବା ପାଇଁ ଯୋଜନା କରିଥିଲା । ଯୋଜନା ମୁତାବକ ତ୍ରିନାଥ ଓ ବିମ୍ବାଧର ନାୟକ ଓ ରାମଚନ୍ଦ୍ର ଦଳବେହେରା ଙ୍କ ସମେତ ଆଉ ଦୁଇ ସହଯୋଗୀ ମିଶି ବିଦ୍ୟୁତ ତାର ବିଛାଇ ବାଘ ଟିକୁ ଶିକାର କରି ମାରିଥିଲେ । ବାଘ ଛାଲକୁ ବିକ୍ରି କରିବା ପାଇଁ ନିଷ୍ପତି ନେଇଥିଲେ। କୌଣସି କାରଣରୁ ଖବର ପାଇଁ ନୟାଗଡ ବନବିଭାଗ ଅତର୍କିତ ଖଳିସାହି ଗ୍ରାମରେ ଚଢ଼ାଉ କରିଥିଲେ । ତ୍ରିନାଥ ଙ୍କ ଘରୁ ବାଘ ଛାଲ ଓ ବ୍ୟବହୃତ ହୋଇଥିବା ବନ୍ଧୁକ ସହ ଅନ୍ୟ ସାମଗ୍ରୀ ଜବତ କରି ଗଣିଆ ବନ ବିଭାଗକୁ ଆଣିବା ପରେ ଏସ ଟି ଏଫ୍ ଟିମ୍ ଅଧିକ ତଥ୍ୟ ପାଇଁ ପଚରାଉଚରା ଜାରି ରଖିଛି ।

# ବିଭାଗକୁ କାମ ମାଗି ନ ପାଇବାରୁ କାମ ବନ୍ଦ କରୁଛନ୍ତି ସ୍ଥାନୀୟ ଠିକାଦାର

ହାଟଡିହି, (ମହାଭାରତ) : କେନ୍ଦୁଝର ଜିଲା ହାଟଡିହି ବ୍ଲକର ବିଦ୍ୟାଧରପୁର ଜଳ ସେଚନ ବିଭାଗ ବଦନାମ୍ କରିବାକୁ ଆରମ୍ଭ କରାଯାଇଛି ବଡ ଷଡ଼ଯନ୍ତ୍ର। କିଛି ଦିନ ପୂର୍ବରୁ ବିଭାଗ କାହିଁକି ଆମକୁ କୌଣସି କାମ ଦେଉନାହିଁ ତେଣୁ ଏହି ବିଭାଗ ରେ କାମ କୁ ସବୁଠି ବିରୋଧ କରିବାରୁ କରାଯାଇଛି ବଡ ଯୋଜନା। ଯାହାକୁ ନେଇ ବିକାଶ କାର୍ଯ୍ୟକୁ ବିରୋଧ ପ୍ରଦର୍ଶନ କରିଛନ୍ତି ବିଦ୍ୟାଧର ପୂର ର କିଛି ଠିକାଦାର। ସୂଚନା ଅନୁଯାୟୀ ହାଟଡିହି ବ୍ଲକ ରେ ତିନି ଗୋଟି ବିଭାଗ ର କେନାଲ ପ୍ରବାହିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ସାଳନ୍ଦୀ ଜଳସେଚନ ବିଭାଗ, ବୈତରଣୀ ଜଳସେଚନ ବିଭାଗ ବିଦ୍ୟାଧରପୁର କେନାଲ ଡିଭିଜନ ରେ ବାମ ଏବଂ ଦକ୍ଷିଣ ପାର୍ଶ୍ୱରେ ଦୁଇଟି ଲେଖାଏଁ ମୁଖ୍ୟ କେନାଲ ରହିଛି । ଏବଂ ଏହାର ମଧ ଶାଖା କେନାଲ ରହିଛି। କେଉଁ କେନାଲ କାହା ଅଧୀନ ରେ ରହିଛି କେଉଁ ଅଞ୍ଚଳରେ କେତେ ଚାଷୀ ଅଛନ୍ତି ତାହା ଠିକାଦାର ମାନଙ୍କୁ ଜଣା ନଥିବା ଦେଖିବାକୁ ମିଳୁଛି। ଯେହେତୁ ବାଲେଶ୍ୱର ଜିଲ୍ଲାରେ ଏହି ବିଭାଗ ଅଧିନରେ ଅଧିକ ଚାଷ ଜମି ରହିଛି ।ତାହାକୁ ଜଳ ଯୋଗାଣ ପାଇଁ ଆବଶ୍ୟକ ମଧ ରହିଛି। ସେଥିପାଇଁ ୭୦ ଭାଗ କାମ ଏବେ ଉକ୍ତ ଅଞ୍ଚଳ ରେ ଚାଲୁରହିଛି। ତାହା ଛଡା ଏହି ଆର୍ଥିକ ବର୍ଷରେ ଆସିଥିବା ଉନ୍ନତି କରଣ ରେ ୩୦ ଭାଗ କାମ ସାରିଥିବା ବେଳେ, ପୁନଃ ବଜେଟ ରେ ଅବଶିଷ୍ଟ କାମ ହେବାକୁ ଥିବା ପ୍ରୋଜେକ୍ଟ ଯାଇଛି। ସ୍ଥାନୀୟ ଲୋକଙ୍କ ଦ୍ୱାରା ଏବେ କାମ ଗୁଡିକ ବନ୍ଧ କରାଯାଇ ଭାରତୀୟ ଜନତା ପାର୍ଟି ସରକାର କୁ ବାଦ୍ ନାମ କରିବାକୁ ବଡ ଷଡ଼ଯନ୍ତ୍ର ଆରମ୍ଭ ହୋଇଛି। ଗତକାଲି ହଦଗଡ଼ ବ୍ୟାରେଜ ପାର୍ଶ୍ୱ ରେ ସୌନ୍ଦର୍ଯ୍ୟ କରଣ ପାଇଁ କାର୍ଯ୍ୟ ସମ୍ପୂର୍ଣ ବନ୍ଦ କରା ଯାଇଛି। କେନ୍ଦୁଝର ଜିଲା ପରିଷଦ ଉପାଧକ୍ଷ ସୋମନାଥ ଦାସ ଓ ତାଙ୍କ ସହଯୋଗୀ ହଦଗଡ଼ ରେ ପହଞ୍ଚି କାର୍ଯ୍ୟକୁ ବନ୍ଦ କରିଥିଲେ। ତାଛଡା କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ କାର୍ଯ୍ୟ ବନ୍ଦ କରି ପଳାଇବାକୁ କହିଥିବାବେଳେ ବିଭାଗର ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ।ଫଳରେ କାର୍ଯ୍ୟ କରୁଥିବା ଶ୍ରମିକ ମାନେ କାର୍ଯ୍ୟ ବନ୍ଦ କରି ପଳାଇଥିଲେ। ହେଲେ ଅଧାରୁ ଫେରିଯାଇଥିବା ଶ୍ରମିକ ମାନେ ସେମାନଙ୍କ ର ପାରିଶ୍ରମିକ ପାଇବାକୁ ନିବେଦନ କରିଥିଲେ । କିନ୍ତୁ ରାଗ ରେ ତାଙ୍କ ରଙ୍ଗ ଡାକି ଦେବାକୁ ସ୍ଥାନୀୟ ଠିକାଦାର କହିଥିଲେ । ଏହି ଜିଲ୍ଲା ର ମୁଖ୍ୟମନ୍ତ୍ରୀ ଙ୍କୁ ମିଛ ରେ ବାଦ ନାମ କରିବାକୁ ଏପରି ଏକ ପ୍ରଯୋଜିତ ନାଟକ ରଚିଥିବା କହିଛନ୍ତି ସାମାଜିକ କର୍ମୀ ତଥା ବିଜେପି ସଦସ୍ୟ ବିଶ୍ୱରଂଜନ ପାଣିଗ୍ରାହୀ ସେ କହିଛନ୍ତି ଏହି ସରକାର ରେ କେହି ଭୁଲ ନିଷ୍ପତି ନେଲା ଭଳି କାମ କରୁନାହାଁନ୍ତି ନିଜର ବ୍ୟକ୍ତି ସ୍ୱାର୍ଥ ଦୃଷ୍ଟିରୁ ଏପରି ଘଟଣା ଦେଖିବାକୁ ମିଳୁଛି। ଏହା କେବଳ ସ୍ୱାର୍ଥ ପାଇଁ ବିଭାଗକୁ ଢାଲ କରି ରାଜନୀତି ଉଦ୍ଦେଶ୍ୟ ରେ ହେଉଛି । ପରେ ପରେ ସେହି ବିଭାଗ ର ଅଧିକାରୀ ଙ୍କୁ ପଚାରିବାରୁ ସେ କହିଥିଲେ ଏବେ ଚାଷକାର୍ଯ୍ୟ ପାଇଁ ଜଳ ଯୋଗାଣ କୁ ଆଉ ଅଳ୍ପ ଦିନ ରହିଛି, ଏବଂ ହାଟଡିହି ବ୍ଲକ ଅପେକ୍ଷା ବାଲେଶ୍ୱର ଜିଲ୍ଲାରେ ଅଧିକାଂଶ ସ୍ଥାନ ଚାଷ ଜମି ଥିବାରୁ ସେଠାରେ ଅଧିକ କାମର ଆବଶ୍ୟକତା ରହିଛି। ଯାହାକୁ ନେଇ ବିଦ୍ୟାଧର ପୂର୍ ଅଂଚଳର ଲୋକମାନେ କାମ ପାଇଁ ଦାବି କରିଥିଲେ ଏବେ କାମ ନଥିବାରୁ ଆକ୍ରୋଶ ମୂଳକ ଭାବେ ଏସବୁ କରୁଛନ୍ତି । କାମ ଆସିଲେ କରିବେ। ଏହା ଛଡା କୌଣସି କାମ ରେ ଦୁର୍ନୀତି ହୋଇନାହିଁ। ଦରକାର ବେଳେ ଦେଖାଇ ପାରିବୁ।

## କେନ୍ଦ୍ରୀୟ ଶ୍ରମିକ ସଂଗଠନ ତରଫରୁ ୨୦ ଦଫା ଦାବିରେ ବଡବିଲ ତହସିଲ ଅଫିସରେ ବିକ୍ଷୋଭ




ବଡବିଲ, (ମହାଭାରତ): ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ତଥା ଏଆଇଟିୟୁସି, ସିଆଇଟିୟୁ,ଆଏନଟିୟୁସି, ଏଚ୍‌ଏମ୍‌ଏସ୍ ତରଫରୁ ଶ୍ରମିକ ମାନଙ୍କର ୨୦ ଦଫା ଦାବି ନେଇ ବଡବିଲ ତହସିଲ ଅଫିସରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରା ଯାଇଛି। ବିଗତ ଦଶ ବର୍ଷ ହେଲା କେନ୍ଦ୍ର ସରକାରଙ୍କ ଶ୍ରମିକ,କୃଷକ ଓ ସାଧାରଣ ଜନତା ବିରୋଧି ନୀତି ଯୋଗୁ ଦେଶରେ ଶ୍ରମିକ ମାନଙ୍କର ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ଆଡକୁ ଗତି କରୁଛି। ପୁଞ୍ଜିପତି ଓ ଧନୀ ଲୋକ ମାନେ ଅଧିକରୁ ଅଧିକ ଧନୀ ହେଉଥିବା ବେଳେ ମଧ୍ୟବିତ ଓ ଗରିବ ଲୋକ ଅଧିକ ଦର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଦରବୃଦ୍ଧି ଆକାଶ ଛୁଆଁ ହେବାରେ ଲାଗିଛି, ସରକାରଙ୍କ କୌଣସି ନିୟନ୍ତ୍ରଣ ନାହିଁ। ୨୦୧୫ ମସିହା ଠାରୁ ଇଣ୍ଡିଆନ ଲେବର କନଫରେନ୍ସ ବୈଠକ ଅନୁଷ୍ଠିତ ହୋଇ ନାହିଁ। ଦୀର୍ଘ ବର୍ଷର ଲଢେଇରେ ହାସଲ କରାଯାଇଥିବା ଶ୍ରମ ଆଇନକୁ ଏ ସରକାର ପରିବର୍ତ୍ତନ କରି କମ୍ପାନୀ ସପକ୍ଷବାଦୀ ୪ଟି ଶ୍ରମ କୋର୍ଡରେ ପରିବର୍ତ୍ତନ କରି ଲାଗୁ କରିବାକୁ ଯାଉଛନ୍ତି। ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେସନ ମାନେ ଏହି ଶ୍ରମ କୋର୍ଡକୁ କଡା କଡି ଭାବେ ବିରୋଧ କରୁଛନ୍ତି। ସେହିଭଳି ନୂତନ ଶ୍ରମ କୋର୍ଡ ଲାଗୁହେଲେ ୮ ଘଣ୍ଟା ବଦଳରେ ୧୨ ଘଣ୍ଟା କାମ କରିବା,ସରକାରଙ୍କ ବିନା ଅନୁମତିରେ ତିନିଶହ ଶ୍ରମିକ ମାନଙ୍କୁ ଛଟେଇ କରି ପାରିବା, ଶ୍ରମିକ ସଂଗଠନର କାର୍ଯ୍ୟଧାରାରେ ଅଙ୍କୁଶ ଲଗାଇବା ଆଦି ନିୟମ ପରିବର୍ତ୍ତନକୁ ଘୋର ବିରୋଧ କରା ଯାଉଛି। ସେହିଭଳି ପୁରୁଣା ପେନସନ୍ ସ୍କିମ୍ ଲାଗୁ କରିବା ପାଇଁ ସରକାରୀ କର୍ମଚାରୀ ମାନେ ଦାବି କରୁଥିବା ବେଳେ ସରକାର କର୍ମଚାରୀ ବିରୋଧି ଏନପିଏସ୍ ଓ ୟୁପିଏସ୍ ଲାଗୁ କରିଛନ୍ତି। ସରକାରଙ୍କ ବିଭନ୍ନ ସ୍କିମ୍ ତଥା ଆସିଡିଏସ୍,ଏମଡିଏମ୍,ଏନ୍‌ଏଚ୍‌ଏମ୍, ଓ ଏଆରଏଲ୍‌ଏମ୍ ଅଧିନରେ କାର୍ଯ୍ୟରତ ଲକ୍ଷ ଲକ୍ଷ ମହିଳା ଓ ପୁରୁଷ ସରକାରୀ କର୍ମଚାରୀର ମାନ୍ୟତା ପାଇବାରୁ ବଂଚିତ ହେଉଛନ୍ତି। ସେମାନଙ୍କୁ ସରକାରୀ ମାନ୍ୟତା ଦାବିରେ ଦୀର୍ଘ ଦିନ ହେଲା ଆନ୍ଦୋଳନ ଚାଲୁ ରହିଲେ ବି ସରକାର କର୍ଣ୍ଣପାତ କରୁ ନାହାନ୍ତି।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ




ଗଜପତି, (ମହାଭାରତ) : ବିଏସଏନଏଲ ଗଜପତି ଜିଲ୍ଲା ନୂଆଗଡ ବ୍ଲକ ଅନ୍ତର୍ଗତ ପି.ଅନ୍ତରଡ଼ା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ବିଜୟ କୁମାର ଦାଶ,ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ପି.ଅନ୍ତରଡ଼ା ଗ୍ରାମ ପଞ୍ଚାୟତ ସମେତ କେରଣ୍ଡଙ୍ଗ, ନୂଆଗଡ ଓ ଲୁହାଙ୍ଗର ପଞ୍ଚାୟତର ସମୁଦାୟ ମୋଟ- ୪୬ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୩ ଗୋଟି ,ଗ୍ରାମ ଭିତ୍ତିକ ସମସ୍ୟା- ୩୩ ଗୋଟି ଅଭିଯୋଗ ଆସିଥିଲା ଓ ସେଥିମଧ୍ୟରୁ ୪ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା, ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ନୂଆଗଡ ପଞ୍ଚାୟତ ସମିତି ଅଧକ୍ଷା ମାଳତୀ ପ୍ରଧାନ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ତହସିଲଦାର ମୋନାଲିସା ଆଚାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରଖ ଆଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସୋନ୍ତୋଷ କୁମାର ନାୟକ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣୀ ରେ ଉପସ୍ଥିତ ଥିଲେ।

## ଶ୍ରମ କାର୍ଡ କରାଇଦେବା ନାଁରେ ଦଲାଲ ନେଉଛନ୍ତି ମୋଟା ଅଙ୍କର ଲାଞ୍ଚ

ନୟାଗଡ଼, (ମହାଭାରତ) : ଗାଁ ଗାଁ ରେ ଶ୍ରମ କାର୍ଡ କରାଇ ଦେବା ନାଁରେ ନିରୀହ ଲୋକ ମାନଙ୍କୁ ଚୂନ ଲଗାଯାଉଛି। ସେମାନଙ୍କ ଠାରୁ ଦୁଇ-ତିନି ହଜାର ଲାଞ୍ଚ ଆଦାୟ କରାଯାଉଛି। ଲାଞ୍ଚ ଦେବା ପରେ ମଧ୍ୟ କାର୍ଡ ନ ହେଉଥିବାରୁ ଏହି ଲୋକ ମାନେ ଶ୍ରମ ବିଭାଗ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ଶ୍ରମ ବିଭାଗରେ ଦଲାଲରାଜ୍ ବଢ଼ି ଚାଲିଥିବା ଅଭିଯୋଗ କରି ଭାରତୀୟ ବିକାଶ ପରିଷଦ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ମୁଖ୍ୟ ଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି। ପରିଷଦର ରାଜ୍ୟ ଉପସଭାପତି ନିରଞ୍ଜନ ଦାସଙ୍କ ଅଭିଯୋଗ ମୁତାବକ, ରାଜ୍ୟ ସରକାର ଶ୍ରମିକଙ୍କ ପାଇଁ ଶ୍ରମ କାର୍ଡ ମାଧ୍ୟମରେ ପଞ୍ଜୀକୃତ କରୁଛନ୍ତି। ଏହାପରେ ଯେଉଁମାନେ ପଞ୍ଜୀକୃତ ହେଉଥିବା ଶ୍ରମିକ ମାନଙ୍କ ପାଇଁ ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ଏହାର ସୁଯୋଗ ନେଇ ଏବେ ଜିଲ୍ଲା ବ୍ୟାପୀ ଦଲାଲ ମାନେ ସକ୍ରିୟ ହୋଇ ଉଠିଛନ୍ତି। ବିଶେଷ କରି ଖଣ୍ଡପଡ଼ା, ଭାପୁର, ଗଣିଆ ଓ ଦଶପଲ୍ଲାରେ ଏବେ ସେମାନଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ନିୟମ ଅନୁଯାୟୀ, ଶ୍ରମ କାର୍ଡ ପାଇଁ ଶ୍ରମିକ ମାନେ ୨୦ ଟଙ୍କା ଜମା କରିବେ ମାତ୍ର ସେମାନ ଙ୍କ ଠାରୁ ଦଲାଲ ମାନେ ଦୁଇ-ତିନି ହଜାର ଟଙ୍କା ଆଦାୟ କରି ଠକୁଛନ୍ତି। ଟଙ୍କା ଦେଇଥିବା ଶ୍ରମିକ ମାନେ ମାସ ମାସ ଧରି କାର୍ଡ ପାଇଁ ଅପେକ୍ଷା କରି ରହୁଛନ୍ତି। ଶ୍ରମ ବିଭାଗର କାର୍ଯ୍ୟାଳୟରେ ମଧ୍ୟ ସେମାନଙ୍କର ଦଲାଲି ଚାଲୁଛି। ଅଧିକାଂଶ ସମୟରେ କାର୍ଡ ପାଇନଥିବା ଶ୍ରମିକ ମାନଙ୍କ ଗହଳି କାର୍ଯ୍ୟାଳୟ ସାମ୍ନାରେ ଦେଖିବାକୁ ମିଳୁଛି। ଏଣୁ ଏହି କାର୍ଯ୍ୟାଳୟ ଓ ଶ୍ରମିକ ମାନଙ୍କୁ ଦଲାଲଙ୍କ କବଳରୁ ମୁକ୍ତ କରିବାକୁ ହେଲେ ଦୃଢ଼ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏ ନେଇ ଜିଲ୍ଲାପାଳ ଓ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି। ଏ ନେଇ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ କୁହନ୍ତି ଯେ, ବିଭାଗୀୟ କାର୍ଯ୍ୟାଳୟରେ ଶ୍ରମିକ ମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରାଯାଉଛି। ଶ୍ରମିକ ମାନେ ଦଲାଲ ମାନଙ୍କୁ ବିଶ୍ୱାସ ନ କରି ସିଧାସଳଖ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବା ଆବଶ୍ୟକ ବିନା ଲାଞ୍ଚରେ ସରକାରୀ ନିୟମ ମାନି କାର୍ଡ କରି ଶ୍ରମିକ ମାନେ ସମସ୍ତ ସରକାରୀ ସହାୟତା ଉପଭୋଗ କରିପାରିବେ।

## ସାଲେପୁରରେ ତ୍ରିରଙ୍ଗା ଶୋଭାଯାତ୍ରା




ସାଲେପୁର , (ମହାଭାରତ): ଭାରତ ପାକିସ୍ତାନ ଯୁଦ୍ଧ ରେ ଭାରତୀୟ ସେନା ର ଅସୀମ ତ୍ୟାଗ ଓ ବଳିଦାନ କୁ ସମ୍ମାନ ଜଣାଇ ସାଲେପୁର ଠାରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି. ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ସାଲେପୁର - ଟାଙ୍ଗୀ ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରା ରେ ସମାଜସେବୀ ଏବଂ ବିଜେପି ର ଯୁବନେତା ହିମାଂଶୁ ମହାନ୍ତି ଙ୍କ ନେତୃତ୍ୱରେ ଶତାଧିକ ମହିଳା ଏବଂ ପୁରୁଷ ଯୁବକ ଏବଂ ହିମାଂଶୁ ପ୍ରେମୀ ଯୋଗ ଦେଇଥିଲେ. ଏହି ଶୋଭାଯାତ୍ରା ମାଛୁଆଡି ତାରିଣୀ ଛକ ନିକଟରୁ ବାହାରି ସାଲେପୁର ବଜାର ପରିକ୍ରମା କରି ମା ସାହେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା. ଏଥିରେ ବହୁ ପୁରୁଷ ମହିଳା ତ୍ରିରଙ୍ଗା ପତାକା ହାତରେ ଧରି ମନ୍ଦିର ପର୍ଯ୍ୟନ୍ତ ଚାଲି ଚାଲି ଆସିଥିଲେ. ଏହି ତ୍ରିରଙ୍ଗା ଶୋଭାଯାତ୍ରା ରେ ଅଜୟ ସ୍ୱାଇଁ, ସୁକାନ୍ତ ବେହେରା, ଅନ୍ତର୍ଯ୍ୟାମୀ ସାହୁ, ରଶ୍ମିରଂଜନ ପରିଡା, ସମରେନ୍ଦ୍ର ଷଡ଼ଙ୍ଗୀ, ରାଜୀବ ଦ୍ୱିବେଦୀ, ନିର୍ମଳା ସିଂ, ରୀନା ବରାଳ, ପୁଷ୍ପଲତା ବଳ, ରେଣୁବାଳା ରାଉତ, ତୁଳସୀ ରାଣୀ ଦାସ, ତୀର୍ଥଂଶୁ ସାହୁ, ଲୋକନାଥ ସାହୁ, ଶଶିକାନ୍ତ ମହାନ୍ତି ପ୍ରମୁଖ ସୁଚାରୁରୂପେ ପରିଚାଳନା କରିଥିଲେ.।

# ଟାୱାର ମାଳମାଳ ନେଟୱାର୍କ ଦୁର୍ବଳ



ନୂଆଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ନେଟୱାର୍କ ସମସ୍ୟା ଦେଖାଦେଇଛି। ମନୁଷ୍ୟର ଯେପରି ଖାଦ୍ୟ,ବସ୍ତ୍ର,ପାନୀୟ ଜଳ ଓ ବାସଗୃହ ନିତ୍ୟ ବ୍ୟବହାରିକ ସାମଗ୍ରୀ ହୋଇଥିବା ବେଳେ ଠିକ ସେହିପରି ମୋବାଇଲ ହେଉଛି ଆଉ ଗୋଟିଏ ସେବା। ବର୍ତ୍ତମାନ ପ୍ରତ୍ୟକ ଲୋକଙ୍କ ପାଇଁ ଏହା ଆବଶ୍ୟକତା ରହିଛି । ଡିଜିଟାଲ ଯୋଗ ହୋଇଥିବାରୁ ଛାତ୍ରଛାତ୍ରୀ ମାନେ ମୋବାଇଲ ସେବା ଦ୍ୱାରା ପାଠପଢ଼ା,ସରକାରୀ କାର୍ଯ୍ୟ, ବେସରକାରୀ କାର୍ଯ୍ୟ ଏମିତିକି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ଏହାକୁ ବ୍ୟବହାର କରିଥାନ୍ତି। ଏପରିକି ଜରୁରୀକାଳୀନ ବେଳେ ଆମ୍ବୁଲାନ୍ସ ସେବା ହେଉକି ଅଗ୍ନିଶମ ସେବା ପାଇଁ ଆବଶ୍ୟକସ୍ଥଳେ ଯୋଗାଯୋଗ କରିଥାନ୍ତି। ଅଞ୍ଚଳରେ ନେଟୱାର୍କ ସମସ୍ୟା ଜନିତ କାରଣରୁ ଛାତ୍ରଛାତ୍ରୀ ମାନେ ଅନଲାଇନରେ ପାଠପଢ଼ି ପାରୁନାହାନ୍ତି କି ସରକାରୀ କର୍ମଚାରୀ ମାନେ ସରକାରଙ୍କ କାର୍ଯ୍ୟ କରିପାରୁ ନାହାନ୍ତି। ଯାହାଫଳରେ ଲୋକମାନେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏନେଇ ପ୍ରଶାସନ ଠାରୁ ସରକାର ପର୍ଯ୍ୟନ୍ତ ଯେତେ ଗୁହାରି କରୁଥିଲେ ମଧ୍ୟ କେହି ଶୁଣୁନଥିବା ଅଞ୍ଚଳବାସୀଙ୍କ ଠାରୁ ସୂଚନା ମିଳିଛି। ଏଭଳି ସମସ୍ୟା ଦେଖିବାକୁ ମିଳିଛି ଜଙ୍ଗଲ ପାହାଡ଼ ଘେରା ଭିତରେ ଥିବା ଆଦିବାସୀ ପଞ୍ଚାୟତ ଜାକେଡ଼ା, ଗୁମି, କାପ୍ତାପଲ୍ଲୀ ଏମିତିକି ଅନେକ ପଞ୍ଚାୟତରେ। ନେଟୱାର୍କ ସମସ୍ୟା ସୁଧାର ଆଣିବା ପାଇଁ ପୂର୍ବ ସରକାର ସମୟରେ ପ୍ରତି ପଞ୍ଚାୟତରେ ବିଏସଏନଏଲ ଟାୱାର ନିର୍ମାଣ ହୋଇଥିଲା। ଦୁର୍ଭାଗ୍ୟର କଥା ଦୀର୍ଘ ଦେଢ଼ ବର୍ଷ ହେଲା ବିଏସଏନଏଲ ଟାୱାର ନିର୍ମାଣ ଶେଷ ହୋଇଛି ସତ କିନ୍ତୁ ଏହାକୁ କାର୍ଯ୍ୟକ୍ଷମ କରିବାରେ କଥାକୁହା ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏନେଇ ବିଧାନସଭାରେ ହେଉକି ଲୋକସଭାରେ ବିଧାୟକ ହୁଅନ୍ତୁ କି ସାଂସଦ ମାନେ ଯେତେ ଶାଣିତ ଢଙ୍ଗରେ ସ୍ୱରକୁ ଉଥାପନ କରୁଛନ୍ତି କିଛି ଫଳପ୍ରଦ ହେଉନାହିଁ। ଏଥିରେ ପୁଣି ସରକାର ଡିଜିଟାଲ ଇଣ୍ଡିଆ ସେବା କଥା ଡ଼ିଣ୍ଡିମ ପିଟୁଛନ୍ତି। ତେବେ ଡିଜିଟାଲ ଇଣ୍ଡିଆ ସେବା କାହା ପାଇଁ ? ନେତା ଓ ମନ୍ତ୍ରୀମାନେ ସଭା ସମିତିରେ ବିକାଶ ଉପରେ ବଡ଼ବଡ଼ ଭାଷଣ ଦେଉଛନ୍ତି କିନ୍ତୁ ୧୧ ମାସ ଶାସନକୁ ଆସିବା ପରେ ବି ସମସ୍ୟାର ସମାଧାନ ଉପରେ ଦେଉନାହାନ୍ତି ଗୁରୁତ୍ୱ। ଦେଖିବାକୁ ଗଲେ ବିଏସଏନଏଲ ଟାୱାର ମାଳମାଳା କିନ୍ତୁ ନେଟୱାର୍କ ସମସ୍ୟା ସମାଧାନ କରିବାରେ ଡବଲ ଇଞ୍ଜିନ ସରକାର ପୁରା ଦୁର୍ବଳ। ଦେଖାଯାଉ ସରକାର ନେଟୱାର୍କ ସମସ୍ୟାର ସମାଧାନ କେବେ କରୁଛନ୍ତି ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଲା।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରର ସ୍ଥିତି ସଙ୍ଗିନୀ

# ଦୈନିକ ଆବଶ୍ୟକ ୨୦, ମହଜୁଦ୍ ଅଛି ୨ ୟୁନିଟ୍ ରକ୍ତ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରକ୍ତ ଭଣ୍ଡାରର ସ୍ଥିତି ସଙ୍ଗିନୀ। ହସ୍ପିଟାଲକୁ ଆସୁଥିବା କେହି ଗୁରୁତର ରୋଗୀଙ୍କୁ ଯଦି ରକ୍ତ ଆବଶ୍ୟକ ପଡ଼ିଲେ କଥା ସରିଲା। ବର୍ତ୍ତମାନ ରକ୍ତ ଭଣ୍ଡାରରେ ମାତ୍ର ୨ ୟୁନିଟ୍ ରକ୍ତ ମହଜୁଦ୍ ଥିବା ଜଣାପଡ଼ିଛି। ଯାହାକି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇ ଦେଇଛି। ଏମିତି ପରିସ୍ଥିତିର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ବ୍ଲକ୍ ବ୍ଲକ୍ ବୁଲି ଅଧିକରୁ ଅଧିକ ରକ୍ତ ଦାନ ଶିବିର ଆୟୋଜନ କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷାନୁଷ୍ଠାନ ଓ କ୍ଲବ୍ ଗୁଡ଼ିକୁ ସଚେତନ କରାଯିବ ବୋଲି ଜଣାପଡ଼ିଛି। ସାଧାରଣତଃ ମାର୍ଚ୍ଚରୁ ଜୁନ୍ ମାସ ପର୍ଯ୍ୟନ୍ତ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଯାଏ। ପ୍ରବଳ ଗ୍ରୀଷ୍ମ ଯୋଗୁ ରକ୍ତଦାନ ଶିବିର ଆୟୋଜନ କରିବା ସମ୍ଭବ ହୁଏ ନାହିଁ। ମାତ୍ର ଚଳିତ ବର୍ଷ ଆରମ୍ଭରୁ ରକ୍ତର ଅଭାବ ଦେଖାଦେଲାଣି ଦିନକୁ ହାରାହାରି ୧୫ ରୁ ୨୦ ୟୁନିଟ୍ ରକ୍ତର ଆବଶ୍ୟକତାକୁ ଦୃଷ୍ଟିକୁ ନେଲେ ପ୍ରତ୍ୟେକ ମାସରେ ପ୍ରାୟ ପାଞ୍ଚ ଶହ ୟୁନିଟ୍ ରକ୍ତର ଆବଶ୍ୟକତା ପଡୁଛି।ମାତ୍ର ବର୍ତ୍ତମାନ ସୁଦ୍ଧା ବ୍ଲଡ୍ ବ୍ୟାଙ୍କରେ ଗୋଟିଏ 'ଏ' ଓ 'ଓ-ନେଗେଟିଭ୍' ମାତ୍ର ଦୁଇ ୟୁନିଟ୍ ରକ୍ତ ଥିବା ଜଣାପଡ଼ିଛି। ଫଳରେ ରୋଗୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିନା ରକ୍ତଦାତାରେ ରକ୍ତ ଦେବା ମଧ୍ୟ ରକ୍ତଭଣ୍ଡାରରେ ସମ୍ଭବ ହେଉନାହିଁ। ଏପଟେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମାନେ ରକ୍ତଦାତା ଖୋଜିଖୋଜି ନାକେଦମ୍ ହେଉଛନ୍ତି। ଏଣୁ ଅଧିକରୁ ଅଧିକ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ସଂଗଠନ ଗୁଡ଼ିକ ପଦକ୍ଷେପ ନିଅନ୍ତୁ ବୋଲି ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ପିତବାସ ନାୟକ କହିଛନ୍ତି। ନୟାଗଡ଼ ଜିଲ୍ଲାର ଅଧିକାଂଶ ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣାୟ ଯେଉଁମାନେ କି ରକ୍ତଦାନ ସମ୍ପର୍କରେ ସେତେଟା ସଚେତନ ନୁହନ୍ତି। ଏହା ସହ ଫେବୃଆରୀ ମାସ ଆରମ୍ଭରୁ ହିଁ ଗ୍ରୀଷ୍ମ ଅନୁଭୂତ ହେଉଛି। ଗରମ ଯୋଗୁ ଶିବିର ଆୟୋଜନ କରିବା ସମ୍ଭବ ହେଉ ନାହିଁ। ଏପଟେ ଜିଲ୍ଲାରେ ରକ୍ତହୀନତା ରୋଗୀ ମାନଙ୍କର ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଉଛି। ଯେଉଁ ମାନେ ଏହି ରକ୍ତ ଭଣ୍ଡାର ଉପରେ ନିର୍ଭର କରନ୍ତି।ଯେହେତୁ ରକ୍ତର ଅଭାବ ଦେଖା ଦେଇଛି, ଏହାକୁ ନେଇ ସେମାନଙ୍କର ଚିନ୍ତା ବଢ଼ିଯାଇଛି। ଏହା ସହ ଅନ୍ୟ ରୋଗୀ ମାନଙ୍କର ସମ୍ପର୍କୀୟ ରକ୍ତଦାନ କଲେ ସେମାନଙ୍କୁ ରକ୍ତ ଦିଆଯିବ ବୋଲି ଜଣାପଡ଼ିଛି। ଫଳରେ ରକ୍ତ ଭଣ୍ଡାରରେ ଉପଜୁଥିବା ଏହି ସମସ୍ୟାକୁ ନେଇ ଅଧିକାଂଶ ସମୟରେ ରୋଗୀ ମାନଙ୍କର ସମ୍ପର୍କୀୟ ମାନେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନଙ୍କ ସହ ପାଟିତୁଣ୍ଡ କରୁଥିବା ଦେଖାଯାଉଛି। ଏଣୁ ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ପଦକ୍ଷେପ ନେଉ ବୋଲି ସାଧାରଣରେ ଦାବି ହୋଇଛି।




## ପିର ଜାହାନିଆ ଉନ୍ନତି ପ୍ରସଙ୍ଗରେ ପରିଦର୍ଶନ କଲେ ପ୍ରକଳ୍ପ ଅଧିକାରୀ



ଅସ୍ତରଙ୍ଗ (ମହାଭାରତ): ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଜାହାନିଆଁ ପର୍ଯ୍ୟଟନ ସ୍ଥଳ ବେଳାଭୂମି ସହ ପାରିପାର୍ଶ୍ୱିକ ଉନ୍ନତି ପାଇଁ ଆଜି ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପରିଦର୍ଶନ କରିଥିଲେ। ଆଜି ଦିନ ୧୧ଟା ସମୟରେ ପୀର ଜାହାନିଆଁ ଠାରେ ପହଂଚି ପର୍ଯ୍ୟଟନ ସ୍ଥଳର ପିଇବା ପାଣି, ପରିମଳ, ପାର୍କିଙ୍ଗ ସହ ବିଭିନ୍ନ ଆବଶକୀୟ ସୁବିଧା ତଥା ବ୍ୟବସାୟୀ ମାନଙ୍କ ପାଇଁ ନୂତନ ଦୋକାନ ଗୃହ ନିର୍ମାଣ ସ୍ଥାନ ପରିଦର୍ଶନ କରିଥିଲେ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟକ ଙ୍କ ଆବଶକୀୟ ସୁବିଧା ଉପରେ ପୀରଜାହାନିଆଁ ବ୍ୟବସାୟୀ ସଂଘ ସଭାପତି ବୃନ୍ଦାବନ ବିଶ୍ୱାଳ ପ୍ରକଳ୍ପ ଅଧିକାରୀଙ୍କ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ମଣ୍ଡଳ ଉଦ୍ୟାନ ଅଧିକାରିଣୀ ସସ୍ମିତା ବେହେରା, ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ସେଠି, କନିଷ୍ଠ ଯନ୍ତ୍ରୀ ରଶ୍ମିରେଖା ସାହୁ, ସରୋଜ ଛାଟୋଇ ଓ ଅସ୍ତରଙ୍ଗ ଥାନା ଉପନିରୀକ୍ଷକ ଅନିରୁଦ୍ଧ ଜାଲି ପ୍ରମୁଖ ଉପସ୍ଥିତ ଥିଲେ।

## ଚାଇନା ସଲ୍ଟର ବହୁଳ ବ୍ୟବହାର ଜୀବନ ସହ ଖେଳୁଛନ୍ତି ହୋଟେଲ ବ୍ୟବସାୟୀ ନିଦା ବିଷ୍ଟୁ ପାଳଟିଛି ପ୍ରଶାସନ

ଆସିକା,(ମହାଭାରତ): ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଦୀର୍ଘବର୍ଷ ହେଲା ଅପମିଶ୍ରିତ ଖାଦ୍ୟ ପଦାର୍ଥର ବହୁଳ ବ୍ୟବହାର ଚାଲିଛି। ଏହାକୁ ନିୟନ୍ତ୍ରଣ କରିବା ଦିଗରେ ପ୍ରଶାସନ ନିଦା ବିଷ୍ଟୁ ପାଲଟିଛି। ତେଣୁ ସଚେତନ ନାଗରିକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଉଛି । ଜଳଖିଆ ହେଉ ବା ମଧ୍ୟାହ୍ନ ଭୋଜନ ହେଉ କି ରାତ୍ରି ଭୋଜନ ଏଥିପାଇଁ ସାରା ଜିଲ୍ଲା ତଥା ଅନ୍ୟ ସହର ତୁଳନାରେ ଆସିକା ସହରରେ କମ୍ ଖର୍ଚ୍ଚରେ ପେଟପୁରା ଖାଦ୍ୟ ମିଳେ। ଆସିକା ଅଞ୍ଚଳରେ ବହୁ ପୁରାତନ ହୋଟେଲ୍ ଓ ରେଷ୍ଟୁରାଣ୍ଟ ରହିଛି। ତେବେ ଅଧିକାଂଶ ଦୋକାନରେ ପ୍ରସ୍ତୁତ ଖାଦ୍ୟରେ ଚାଇନା ସଲ୍ଟର ବହୁଳ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି ଚାଇନା ସଲ୍ଟ,ଭିନେଗାର ବିଭିନ୍ନ ପ୍ରକାରର କେମିକାଲ ରେ ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତି କାରିକ ତାହା କେହି ଜାଣନ୍ତି ନାହିଁ । ଆସିକା ସହରରେ ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇ ଚାଲିଥିଲା ବେଳେ ଫାଷ୍ଟଫୁଡ ସେଣ୍ଟର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ହେଲେ ପ୍ରତେକ ବ୍ୟବସାୟୀ ନିଜ ବ୍ୟବସାୟ ବଢାଇବା ପାଇଁ ଖାଦ୍ୟକୁ ସୁସ୍ୱାଦୁ କରିବା ଓ ଏହା ଆଖିକୁ ସୁନ୍ଦର ଦିଶିବା ପାଇଁ ଖାଦ୍ୟରେ ବହୁ ପ୍ରକାରର ରାସାୟନିକ ପଦାର୍ଥ ବ୍ୟବହାର କରିବାକୁ ପଛାଉନାହାନ୍ତି। ତେବେ ପ୍ରଶାସନ ପକ୍ଷରୁ ଏହାକୁ ଯାଞ୍ଚ କରାଯାଉନଥିବା ଯୋଗୁଁ ଏଭଳି ଅସ୍ୱାସ୍ଥ୍ୟକର ଖାଦ୍ୟ ଖୁଆଇ ବହୁ ବ୍ୟକ୍ତି ବିଭିନ୍ନ ସମୟରେ ପେଟ ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଦୀର୍ଘ ଦିନ ଧରି ଚାଇନା ସଲ୍ଟ କିମ୍ବା କଲର ମିଶା ଖାଦ୍ୟ ଖାଇବା ଦ୍ୱାରା କିଡନ୍, ମସ୍ତିଷ୍କ ବିକାଶ ଅନଗ୍ରସର, ଅମ୍ଳ ଜନିତ ରୋଗ, ହୃଦ ରୋଗ ପରି ବହୁ ରୋଗର ଶିକାର ହୋଇଥାନ୍ତି । ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ବିନା ପଞ୍ଜିକରଣ ବହୁ ପାଷ୍ଟ ଫୁଡ ସେଣ୍ଟର ଚାଲିଛି। ପ୍ରଶାସନ ପକ୍ଷରୁ ଖାଦ୍ୟର ଗୁଣବତ୍ତା ଯାଞ୍ଚ କରିବା ପାଇଁ ଖାଦ୍ୟ ନିରୀକ୍ଷକ ନାହାନ୍ତି ଯାଞ୍ଚ ଅଭାବରୁ ଆସିକା ସହର ରେ ଛତୁ ଫୁଟିଲା ଭଳି ଫାଷ୍ଟଫୁଡ ସେଣ୍ଟର ଖୋଲି ଥିବା ଦେଖିବାକୁ ମିଳିଛି । ତେଣୁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନଦେଇ ଫାଷ୍ଟଫୁଡ ସେଣ୍ଟର ଗୁଡିକରେ ବିକ୍ରୀ ହେଉଥିବା ଖାଦ୍ୟ ଗୁଡିକର ଗୁଣବତ୍ତା ଯାଞ୍ଚ କରିବା ଦିଗରେ ପଦକ୍ଷେପ ନେବା ଓ ଅସାଧୁ ବ୍ୟବସାୟୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦୃଢଦାବୀ ହେଉଛି।

## ଓଡିଶା ସାମ୍ବାଦିକ ସଙ୍ଘ ପାରାଦୀପ ଶାଖାର କାର୍ଯ୍ୟକାରିଣୀ ବୈଠକ



ପାରାଦୀପ (ମହାଭର୍ତ) ଓଡିଶା ସାମ୍ବାଦିକ ସଙ୍ଘ (ଓଜେୟୁ) ପାରାଦୀପ ଶାଖାର କାର୍ଯ୍ୟକାରିଣୀ ବୈଠକ ନୂଆବଜାର ସ୍ଥିତ ସଙ୍ଘ କାର୍ଯ୍ୟାଳୟ ଠାରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଓଜେୟୁ ପାରାଦୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଓଜେୟୁ ରାଜ୍ୟ ସଭାପତି ଶଶି ଭୂଷଣ ପ୍ରହରାଜ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର କୁମାର ବିଶ୍ୱାଳ ଯୋଗ ଦେଇଥଲେ। ସାମ୍ବାଦିକ ମାନଙ୍କର ବୃତ୍ତିଗତ, ଅର୍ଥନୈତିକ, ପାରିବାରିକ, ସାମାଜିକ ଆଦି ବିଭିନ୍ନ ସମସ୍ୟା ଗୁଡିକର ସମାଧାନ ପାଇଁ ଆଲୋଚନା କରିବା ସହ ସମସ୍ତ ସାମ୍ବାଦିକ ଏକଜୁଟ ହୋଇ ସରକାରଙ୍କ ନିକଟରର ଦାବି ହାସଲ କରିବା ସମ୍ପର୍କରେ ମୁଖ୍ୟ ଅତିଥି ପ୍ରହରାଜ ଆଲୋଚନା କରିଥିଲେ । ପାରାଦୀପ ସଙ୍ଗଠନକୁ କିଭଳି ସୁଦୃଢ କରାଯିବ, ଆଗକୁ ପାରାଦୀପ ୟୁନିଟ୍ର ର ସମସ୍ତ ସାମ୍ବାଦିକ ଭାଇ ମାନଙ୍କର କିଭଳି ସହଯୋଗ ଜାରି ରହିବ ସେ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ କୁ ସାମ୍ବାଦିକ ଆଲୋକ ଚନ୍ଦ୍ର ମହାପାତ୍ର ପରିଚାଳନା କରିଥିବା ବେଳେ ସମୀର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେୟଶେଷରେ ଓଜେୟୁ ପାରାଦୀପ ଶାଖାର ନୂତନ କର୍ମକତର୍ତ୍ତା ଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ କର୍ମେଶ୍ୱର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଆଲୋକ ମହାପାତ୍ର, ଉପସଭାପତି ପ୍ରଶାନ୍ତ ଦାସ, ସାଧାରଣ ସମ୍ପାଦକ ସମୀର କୁମାର ମହାନ୍ତି, ସହ-ସମ୍ପାଦକ ସନ୍ତୋଷ କୁମାର ବେହେରା, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଗୋବିନ୍ଦ ନାଥ, ସେହିପରି ଉପଦେଷ୍ଟା ମଣ୍ଡଳୀ ରେ ଅଜିତ କୁମାର ଦାସ, ଚିତ୍ତ ରଞ୍ଜନ ସ୍ୱାଇଁ, ବସନ୍ତ କୁମାର ସାହୁ, ବଟକୃଷ୍ଣ ଦାସ, ସୁଶୀଲ କୁମାର ପଟ୍ଟନାୟକ ସ୍ଥାନ ପାଇଥିବା ବେଳେ କାର୍ଯ୍ୟକାରୀ କମିଟିରେ ଦେବଦତ୍ତ ସାମନ୍ତରାୟ, ନିରଞ୍ଜନ ଆଚାର୍ଯ୍ୟ, ପୁରୁଷୋତ୍ତମ ଶତପଥୀ, ତ୍ରିଲୋଚନ ସ୍ୱାଇଁ ଓ ପ୍ରଭାତ କୁମାର ମହାପାତ୍ର ଏବଂ ଆଇନି ଉପଦେଷ୍ଟା ଭାବେ ଅରୁଣ କୁମାର ସ୍ୱାଇଁ ଙ୍କ ନାମ ସ୍ଥାନ ପାଇଛି।

## ଶ୍ରୀ ଜଗନ୍ନାଥ ଚେତନା ଚରଣ ବାର୍ଷିକ ଉତ୍ସବ



ଦାନଗଦୀ :( ମହାଭାରତ) ସୋମବାର ଦାନଗଦୀ ବ୍ଲକ ସ୍ଥିତ ଗୋଲାଗାଁର ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ର ରେ ପ୍ରତିବର୍ଷପରି ଚଳିତବର୍ଷ ବଡ ଧୁମ୍ ଧାମ ଶ୍ରୀ ଜଗନ୍ନାଥ ଚେତନା ଚରଣ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ଗ୍ରାମ ର ଶତାଧିକ ଗ୍ରାମ ବାସୀ ଓ ମା ମାନେ କଳସ ଯାତ୍ରା ରେ ଯାଇ ଭଜନ କୀର୍ତ୍ତନ ଶଙ୍ଖ ମହୁରୀ ବଜାଇ ଗ୍ରାମ ପରିକ୍ରମା କରିଥିଲେ ପରେ ପରେ ବିଷ୍ଣୁ ସହସ୍ରନାମ୍ ରେ ୧୦୮ ଆହୂତି, ଗୀତା ପାଠ,ହନୁମାନ ଚାଳିଶା ସହିତ ଭାଗବତ ପାଠ କରାଯାଇଥିଲା, ଉକ୍ତପୂଜା ରେ କର୍ତ୍ତା ଭାବେ ରମାକାନ୍ତ ବାରିକ୍ ଓ ରଙ୍ଗ ଲତା ବାରିକ ଅଂଶ ଗ୍ରହଣ କରିଥିଲେ,ପଣ୍ଡିତ ଭଗାନ ଶତପଥୀ ଓ ସଂଗ୍ରାମ ଶତପଥୀ ଙ୍କ ବେଦ ଧ୍ୱନୀ ରେ ଗ୍ରାମ ରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲାଶ୍ରୀ ଜଗନ୍ନାଥ ଚେତନା ଆନ୍ତଜାତୀୟ ଚରଣ ଗୋଷ୍ଠୀ ପୁରୀ ର ଦଳପତି ଡ଼କ୍ଟର ଶରତ ଚନ୍ଦ୍ର ପାତ୍ର,ସମ୍ପାଦକ ବଂଶୀ ଧର ପରିଡା କେନ୍ଦ୍ରୀୟ କମିଟି ର ହରିହର ମଲ୍ଲିକ,ରମେଶ ସାହୁ ସେବାଦଳ ମୁଖ୍ୟ ସଂଯୋଜକ ଗଣେଶ୍ୱର ବେହେରା ଉପସ୍ଥିତ ରହିଥିଲେ। ଗ୍ରାମ ରେ ପୂଜା କମିଟି ର ଯୁବକ ମାନେ ଆନନ୍ଦ ବଜାର କାର୍ଯ୍ୟ କର୍ମ ରେ ମହାପ୍ରସାଦ ସେବା ଦାୟିତ୍ୱ ରେ ରହି ବହୁ ଶାନ୍ତି ଶୃଙ୍ଖଳ ର ସହ କାର୍ଯ୍ୟ ସମ୍ପନ୍ନକରିଥିଲେ, ଶେଷ ରେ ଚରଣ ର ନାରା ଦେଇ ବିଶ୍ୱର ମଙ୍ଗଳ, ସଂସାର ସୁଖ ମୟ ହେଉ, ସୁସ୍ଥ ସମାଜ ଗଠନ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ସାମୁହିକ ପ୍ରାର୍ଥନା, ହରିବୋଲ ହୁଳହୁଳି ଦେଇ ପୂଜା ସମାପ୍ତ ହୋଇଥିଲା

## ହାଇଟେକ୍ ସର୍ଭେ ମାଧ୍ୟମରେ ଭୁ-ବନ୍ଦୋବସ୍ତ କରିବାକୁ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ




ଆସିକା(ମହାଭାରତ): ଗତ ଏପ୍ରିଲ ୨୯ ତାରିଖରେ ରାଜ୍ୟ ସରକାର ଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଆସିକା ଏନ ଏ ସି ଅନ୍ତର୍ଗତ ୫ ଗୋଟି ମୌଜା ଗୁଡିକ ରେ ଭୁ-ବନ୍ଦୋବସ୍ତ ସମ୍ପର୍କିତ ନିର୍ଦ୍ଦେଶନାମା ରେ ଆସିକା ତହସିଲଦାର ଙ୍କୁ ପଟ୍ଟା ପ୍ରଦାନ କରିବାକୁ କ୍ଷମତା ପ୍ରଦାନ କରିଥିଲେ କିନ୍ତୁ ଏହି ନିର୍ଦେଶ ନାମାକୁ ବିଭିନ୍ନ ସଂଗଠନ ବିରୋଧ କରିଛନ୍ତି। ଆଜି ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟ ରେ ଆଜି ଏକ ସ୍ମାରକ ପତ୍ର ଅତିରିକ୍ତ ତହସିଲଦାର ଅମରେଶ କୁମାର ସାବତ ଓ ସୌଦାଗର ବେହେରା ଙ୍କୁ ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ଆସିକା ଏନ ଏ ସି ର ପା□ ଗୋଟି ମୌଜା ତଥା ଖମ୍ବେଶ୍ୱରୀ ପାଟଣା, ପାକଲା ପଲ୍ଲୀ, ନରସିଂହପୁର, ସୁନାମ୍ବ ଓ ଆସିକାଏହି ପାଞ୍ଚ ମୌଜାର ଅଧିବାସୀ ଙ୍କ ଜମିପଟ୍ଟା ପାଇବା ଆଶା ମଉଳିଯାଇଛି। ଏଥି ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।ସଂପୃକ୍ତ ପାଞ୍ଚ ମୌଜାରେ ହଜାର ହଜାର ସଂଖ୍ୟକ ଲୋକ ମାନେ ଘର କରି ପୁରୁଷାନୁକ୍ରମେ ବସ ବାସ କରିଆସୁଥିଲେ । ଗ୍ରାମକ□କ ଓ ପରଙ୍ଗପଙ୍କ କିସମ ରେ ବାସଗୃହ ଜମି ରହିଥିବାରୁ ରାଜସ୍ୱ ବିଭାଗ ପକ୍ଷରୁ ପଟ୍ଟା ବା ସ୍ୱତ୍ୱାଧିକାର ପାଇବାରୁ ବ□ିତ ହୋଇ ରହିଛନ୍ତି । ଗତ ୨୦୧୭ ମସିହାରେ ଭୁ ବନ୍ଦୋବସ୍ତ ନେଇ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି କୁ ସମ୍ପ୍ରତି ବାତିଲ ( ଡି- ନୋଟିଫାଇ) କରା ଯିବା ଯୋଗୁ ସ୍ୱାଧୀନତା ର ଦୀର୍ଘବର୍ଷ ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଆସିକା ସହରାଞ୍ଚଳ ଓ ଆଖ ପାଖ ଗ୍ରାମରେ ଭୁ ବନ୍ଦୋବସ୍ତ ହୋଇନଥିବାରୁ ସ୍ଥାୟୀ ବାସିନ୍ଦା ବହୁ ସମସ୍ୟା ର ସମ୍ମୁଖୀନ ହୋଇ ଆସୁଛନ୍ତି। ସାଧାରଣ ଜନତାଙ୍କ ବାସ ଗୃହ ର ପଟ୍ଟା ନଥିବାରୁ ବିକ୍ରୀ କିମ୍ବା ବ୍ୟାଙ୍କ୍ ଋଣ ପାଇବାରୁ ବଞ୍ଚିତ ହୋଇଥାନ୍ତି । ଅନେକ ଲୋକ ହାଇଟେକ୍ ସର୍ଭେ ମାଧ୍ୟମ ରେ ଭୂ ବନ୍ଦୋବସ୍ତ କରି ଲୋକଙ୍କୁ ପଟ୍ଟା ଯୋଗାଇବାକୁ ସରକାର ଙ୍କ ନିକଟରେ ବହୁ ସଂଗଠନ ପକ୍ଷରୁ ଦାବୀ କରାଯାଇଛି । ଏହି ପାଞ୍ଚଟି ମୌଜା ରେ ହାଇଟେକ୍ ସର୍ଭେ ମାଧ୍ୟମରେ ଭୁ-ବନ୍ଦୋବସ୍ତ କରି ଅଧିବାସୀ ଙ୍କ ଘରବାରି ପଟ୍ଟା ଯୋଗାଇବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବୀ କରାଯାଇଛି । ଆଜି କାର ଏହି ଦାବିପତ୍ର ପ୍ରଦାନ ସମୟରେ ବ୍ରାହ୍ମଣ ମହାସଂଘ ର ସଭାପତି ଗଙ୍ଗାଧର ଶତପଥି ଆଇନଜୀବୀ ସନ୍ତୋଷ କୁମାର ପାଣିଗ୍ରାହୀ,ଧରାକୋଟ ନିରୋଜ କୁମାର ପାଢୀ, ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ଉପେନ୍ଦ୍ରନାଥ ମିଶ୍ର, ଅବସର ପ୍ରାପ୍ତ ଶିକ୍ଷକ ନିରଞ୍ଜନ ପଣ୍ଡା, ଯୁବ ସାମ୍ବାଦିକ ଶକ୍ତି ପ୍ରସାଦ କର, ଚିନ୍ମୟ ମିଶନ ପରିଚାଳନା କମିଟି ର ସଭାପତି ଲକ୍ଷ୍ମୀନାରାୟଣ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରାକ୍ଟର ପଛରେ ଧକ୍କା ହେଲା ବାଇକ ,ଚାଳକ ମୃତ

କରଞ୍ଜିଆ(ମହାଭାରତ)ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା- କରଞ୍ଜିଆ ୫୩ ନମ୍ବର ରାଜ୍ୟ ରାଜପଥ ର ଅଖାପଲାଣ ଛକ ରେ ମଙ୍ଗଳବାର ଅପରାହ୍ନ ସମୟରେ ଏକ ଟ୍ରାକ୍ଟର ପଛରେ ବାଇକ ଧକ୍କା ହେବାରୁ ଜଣେ ଯୁବକ ଙ୍କ ମୃତ୍ୟୁ ଘଟିଛି ।ମୃତ ଯୁବକ ଜଣକ ହେଉଛନ୍ତି ମହୁଲଡ଼ିହା ଥାନା ଅନ୍ତର୍ଗତ ସାତକୋଶିଆ ଗ୍ରାମପଞ୍ଚାୟତ ଘୁଲୁଘୁଲିଆ ଗ୍ରାମର ସାଧୁ ହାଇବୁରୁ ବୋଲି ଜଣାପଡିଛି ।ମିଳିଥିବା ସୂଚନା ଅନୁଯାୟୀ ଦୁର୍ଘଟଣା ରେ ମୃତ ସାଧୁ ହାଇବୁରୁ ତାଙ୍କର ବାପା ଭଦ୍ର ହାଇବୁରୁ କିଛିଦିନ ପୂର୍ବରୁ ମୃତ୍ୟୁ ବରଣ କରିଥିଲେ। ବନ୍ଧୁ ବାନ୍ଧବ ଙ୍କୁ ଶୁଦ୍ଧି କ୍ରିୟା ଖବର ଦେବାକୁ ସାଧୁ ନିଜ ପୋଲସର ବାଇକ ନମ୍ବର ଓଡ଼ି ୩୪ ୟୁ ୪୧୮୮ ଯୋଗେ କରଞ୍ଜିଆ ଆଡକୁ ଯାଉଥିଲେୟହାତୀଗୋଡ଼ା ପଟୁ ଏକ ଟ୍ରାକ୍ଟର ଅଖାପଲାଣ ଛକ ଅତିକ୍ରମ କରି କେନ୍ଦୁଜିଆଣି ଆଡକୁ ଯିବା ପାଇଁ ମୁଖ୍ୟ ରାସ୍ତା କୁ ଯିବା ବେଳେ ଠାକୁରମୁଣ୍ଡା ପଟୁ ବାଇକ ରେ ଯାଉଥିବା ସାଧୁ ଙ୍କ ବାଇକ ଟ୍ରାକ୍ଟର ପଛ ପଟେ ଧକ୍କା ହୋଇ ସାଧୁ ପ୍ରାୟ ୧୦ ଫୁଟ ଦୂରକୁ ଛିଟିକି ପଡ଼ିଥିଲେ ।ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ ।କିନ୍ତୁ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଘଟଣାସ୍ଥଳ କୁ ଠାକୁରମୁଣ୍ଡା ଥାନା ପୋଲିସ ଯାଇ ଦୁର୍ଘଟଣା ର ତଦନ୍ତ କରୁଛି ।

## ବାଦାମ ପାହାଡ଼ ରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ୨୧ ଜଣ ଯକ୍ଷ୍ମା ରୋଗୀଙ୍କୁ ମାଗଣାରେ ଖାଦ୍ୟ ପୁଡ଼ିଆ ବଣ୍ଟନ



ରାଇରଙ୍ଗପୁର(ମହାଭାରତ): ସୋମବାର ଦିନ ମୟୂରଭଞ୍ଜ ଜିଲ୍ଲାର କୁସୁମି ବ୍ଲକ ଅନ୍ତର୍ଗତ ବାଦାମପାହାଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ପୁଡିଆ ବଣ୍ଟନ କାର୍ଯକ୍ରମ ର ଆୟୋଜନ କରାଯାଇଥିଲା । ଏହି କାର୍ଯକ୍ରମ ଭୁବନେଶ୍ୱର ର କଳିଙ୍ଗ ନେଟୱର୍କ ଫର୍ ପିପଲ ଲିଭିଂ ୱିଥ ଏଚ ଆଇ ଭି ଏଡ଼ସ ନାମକ ଏକ ସଂସ୍ଥା ୨୧ ଜଣ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପୁଡିଆ ବଣ୍ଟନ କରିଥିଲେ ।ଏହି ସଂସ୍ଥା ୨୧ ଜଣ ଯକ୍ଷ୍ମା ରୋଗୀ ପୁରା ଆରୋଗ୍ୟ ହେବା ପର୍ଯ୍ୟନ୍ତ ପୁଷ୍ଟିକର ଖାଦ୍ୟ ପୁଡିଆ ବଣ୍ଟନ କରିବେ । ଏହି କାର୍ଯକ୍ରମ ରେ ବାଦାମପାହାଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ଅଧିକାରୀ ଡାକ୍ତର ରିତେଶ ଚୈତନ ଙ୍କ ତତ୍ତ୍ୱାବଧାନରେ ବି ପି ଏମ ନିରାକାର ନାୟକ, ବରିଷ୍ଠ ଯକ୍ଷ୍ମା ତାଦରଦକାରି ରୋହିତ କୁମାର ବାରିକ୍, ବାମ ସାଲଖୁ ମାଝୀ ଓ ଏଚ ଆଇ ଭି ଏଡ଼ସ ର ଆଉ ଜଣେ କର୍ମଚାରୀ ନିଲୟ କୁମାର ମହାନ୍ତ ଉପସ୍ଥିତ ରହି ରୋଗୀ ମାନଙ୍କୁ ପୁଷ୍ଟିକର ଖାଦ୍ୟ ପୁଡିଆ ବଣ୍ଟନ କରିଥିଲେ।

## ଦେଶୀ ମଦ ଜବତ, ୩ ଗିରଫ

ଦଶପଲ୍ଲା(ମହାଭାରତ) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଭୋଗାଡି ପଞ୍ଚାୟତ ଅଧିନସ୍ଥ ପୁଟୁବାରୀ ଗ୍ରାମର ନିରଞ୍ଜନ ମାଝୀ ଙ୍କ ଠାରୁ ୩୨ଲିଟର, ନାରାୟଣ ମାଝୀ ଙ୍କ ଠାରୁ ୩୦ଲିଟର ଏବଂ ଚନ୍ଦନ ମାଝିଙ୍କ ଠାରୁ ୧୨ଲିଟର ଦେଶୀ ମଦ ଜବତ କରାଯିବା ସହିତ ତିନିଜଣ ଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗୀୟ ଅଧିକାରୀ ଭବାନୀ ଶଙ୍କର ବେହେରା ସୂଚନା ଦେଇଛନ୍ତି ।ଏହି ଚଢାଉ ସମୟରେ ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରାଙ୍କ ସମେତ କନେଷ୍ଟବଳ ପ୍ରଦୀପ୍ତ କୁମାର ନାଏକ, ପ୍ରହଲ୍ଲାଦ ପ୍ରଧାନ ଓ ଲକ୍ଷ୍ମୀ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

# ଅଦିନିଆ ବର୍ଷାରେ ଭାଙ୍ଗିଲା ନୂତନ ନଦୀ ବନ୍ଧ



ଅସ୍ତରଙ୍ଗ( ମହାଭାରତ) : ନଦୀ ବନ୍ଧ ସୁରକ୍ଷା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ବେୟ ଅଟକଳ କରିବା ସହିତ ବିଭିନ୍ନ ସ୍ଥାନରେ ଅନେକ ଯୋଜନା କୁ ନଦୀ ବନ୍ଧ ସହିତ ଅନ୍ତର୍ଭୁକ୍ତ କରି ଏହି କାର୍ଯ୍ୟ କୁ ଜଳପ୍ରକଳ୍ପ ବିଭାଗ ମାଧ୍ୟମ ରେ ଟେଣ୍ଡର କରି କିଛି ଠିକାସଂସ୍ଥା କୁ ପ୍ରଦାନ କରନ୍ତି। ମାତ୍ର ପ୍ରକୃତ ରେ ଉକ୍ତ ଠିକାସଂସ୍ଥା ଏହି କାର୍ଯ୍ୟ କୁ ସଠିକ ଭାବେ କରୁଛି କି ନାହିଁ ତାହାକୁ ବିଭାଗ ତଦାରଖ କରୁନାହିଁ। ଯଦି ବିଭାଗ ଉକ୍ତ କାର୍ଯ୍ୟ କୁ ସଠିକ ଭାବେ ତଦାରଖ କରିଥାନ୍ତା ତାହେଲେ ଆଜି ଅସ୍ତରଙ୍ଗ ବ୍ଲକ ବଳଭଦ୍ରପୁର ରୁ ସଅନ ପର୍ଯ୍ୟନ୍ତ ହୋଇଥିବା ନଦୀ ବନ୍ଧ ଅଦିନିଆ ବର୍ଷା ରେ ଭାଙ୍ଗିନଥାନ୍ତା,ବଳଭଦ୍ରପୁର ରୁ ସଅନ ପର୍ଯ୍ୟନ୍ତ ପାଖାପାଖି ୨ କିଲୋମିଟର ଯାହା ମାତ୍ର ୧ମାସ ତଳେ ନିର୍ମାଣ କରାଯାଇଛି। ଏହି ନଦୀ ବନ୍ଧ ଯାହା ନଦୀ ତଟ ଅଞ୍ଚଳ ର ସୁରକ୍ଷା ବନ୍ଧ ଭାବେ ପରିଚିତ ମାତ୍ର ଗତକାଲି କାଳବୈଶାଖୀ ପ୍ରଭାବ ରେ ହୋଇଥିବା ଅଦିନିଆ ବର୍ଷା ଯୋଗୁ ଏହିଭଳି ଅବସ୍ଥା ସାମ୍ନା କୁ ଆସିଛି। ଯାହା ଏହି ନଦୀ ବନ୍ଧ କେତେ ସୁରକ୍ଷିତ ଯାହାକୁ ନେଇ ବୁଦ୍ଧିଜୀବୀ ମହଲ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶୁଣିବାକୁ ମିଳୁଛି ଏହା ହାରାହାରି ୫୦ ଲକ୍ଷ ଟଙ୍କା ର କାମ, ନଦୀ ବନ୍ଧ ରେ ପଥର ସୋଲିଙ୍ଗ ସହ ନାଳି ମରମ୍ ପକାଯାଇ ଏହି ବନ୍ଧ ନିର୍ମାଣ କରାଯାଇଛି। ସ୍ଥାନୀୟ ଲୋକ ଙ୍କ କହିବା ମୁତାବକ ଏହି ଅଞ୍ଚଳ ଏକ ଲୁଣା ମୃତ୍ତିକା ଯୁକ୍ତ, ବନ୍ଧ କାର୍ଯ୍ୟ ହେବାବେଳେ ଠିକାସଂସ୍ଥା ଏହି ଅଞ୍ଚଳ ରୁ ପଙ୍କୁଆ ଲୁଣା ମାଟି ଉଠାଇ ଏହି ବନ୍ଧ ନିର୍ମାଣ କରିଛନ୍ତି, ଯେତିକି ଉଚ୍ଚତା ରେ ନାଳି ମରମ୍ ପଡିବା କଥା ସେତିକି ଉଚ୍ଚତା ରୁ କମ ବ୍ୟବଧାନ ରେ ଏହି ମାଟି ପଡିଛି, ଯେଉଁ ପଥର ସୋଲିଙ୍ଗ କରାଯାଇଛି ଏହା ୨ ନମ୍ବର ଆଉ ଧଳା ପଥର ୭୦% ଲଗାଯାଇଛି। ଯାହା ଆଖିକୁ ସୁନ୍ଦର ହେଇପାରେ ମାତ୍ର ମୂଳଦୁଆ ସମ୍ପୂର୍ଣ୍ଣ ନିମ୍ନମାନର, ଯାହାକି ଫଳରେ ନିର୍ମାଣ ହୋଇଥିବା ଏହି ବନ୍ଧ ଅଦିନିଆ ବର୍ଷା ରେ ଫାଟି ଆଁ ମେଲା କରିବା ସହିତ ବନ୍ଧ ସଂଯୋଗୀ କରଣ ପିଲାର ମଧ୍ୟ ଭାଙ୍ଗି ଯାଇଛି,ଅସ୍ତରଙ୍ଗ ଉପକୂଳ ଅଞ୍ଚଳ ଏକ ପ୍ରାକୃତିକ ଦୁର୍ବିପାକ ବା ସୁନାମି ପ୍ରପୀଡ଼ିତ ଅଞ୍ଚଳ ବୋଲି ଘୋଷଣା ହୋଇଛି, ପ୍ରତ୍ୟେକ ବର୍ଷ ଏହି ଅଞ୍ଚଳ ରେ ସାମୁଦ୍ରିକ ବାତ୍ୟା ବନ୍ୟା ହେଇ ସାଧାରଣ ଲୋକ ଙ୍କ ଧନ ଜୀବନ କୁ ନଷ୍ଟ କରେ, ସେଥିପାଇଁ ଲୋକ ଙ୍କୁ ସୁରକ୍ଷା ଦେବାଲାଗି ସରକାର ନଦୀ ବନ୍ଧ ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ଅର୍ଥ ଅଟକଳ କରୁଛନ୍ତି ମାତ୍ର ଠିକାଦାର ଓ ବିଭାଗ ର ମଧୁଚନ୍ଦ୍ରିକା ପାଇଁ ସାମ୍ନା କୁ ଆସିଛି ଏହି ଅନ୍ଧାରୁଆ କାମ ର ନଗ୍ନ ଦୃଶ୍ୟ, ଏଥିରୁ ସ୍ପଷ୍ଟ ଜଣାପଡୁଛି ସରକାର ଙ୍କ ଅର୍ଥ କୁ କିପରି ବିଭାଗ ଓ ଠିକାସଂସ୍ଥା ହରିଲୁଟ କରୁଛନ୍ତି, ବଳଭଦ୍ରପୁର ରୁ ସଅନ ଏହି ରାସ୍ତା ଆଜି ପ୍ରମାଣିତ କରୁଛି ଏହି କାର୍ଯ୍ୟ କୁ କେତେ ନିମ୍ନ ମାନର। ଯାହାକି ଫଳରେ ଉଚ୍ଚସ୍ତରୀୟ ତଦନ୍ତ ସହିତ ଭିଜିଲାନ୍ସ ତଦନ୍ତ ଲାଗି ବୁଦ୍ଧିଜୀବୀ ମହଲ ରେ ଦାବୀ କରାଯାଇଛି ।



# ଏଇ ପୃଥିବୀରେ...



ପ୍ରତିଟି ଖବର ହାତ ପାହାନ୍ତାରେ




## ୨୫ ଜଣଙ୍କୁ ବିବାହ କରି ଲୁଟ

ଜୟପୁର : ଅନୁରାଧା ପାସ୍ୱାନ, 'ଚୋରଣି କନ୍ୟା' ନାମରେ ପରିଚିତ, ୨୫ ଜଣ ନିରୀହ ବରଙ୍କୁ ଠକି ଲକ୍ଷ ଲକ୍ଷ ଟଙ୍କାର ଅଳଙ୍କାର ଓ ନଗଦ ଟଙ୍କା ନେଇ ଫେରାର ହେବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେ ନୂଆ ନାମ, ନୂଆ ସହର ଓ ନୂଆ ପରିଚୟ ନେଇ ପୁରୁଷମାନଙ୍କୁ ମିଥ୍ୟା ବିବାହରେ ଫସାଇ, ଆଦର୍ଶ ବଧୂ ଓ ପରିପୂର୍ଣ୍ଣ ବୋହୂ ଭୂମିକା ଖେଳି ଅଳଙ୍କାର ଓ ନଗଦ ଟଙ୍କା ନେଇ ପଳାଇଥାନ୍ତି। ସାୱାଇ ମାଧୋପୁର ପୋଲିସ ପାସ୍ୱାନଙ୍କ ବିରୁଦ୍ଧରେ ଏକ ଚାଲାକି ଖେଳ ଖେଳି ତାଙ୍କୁ ମିଥ୍ୟା ବିବାହରେ ଫସାଇ ଗିରଫ କରିଛି। ସେ ଏକା। ସେ ଗରିବ। ସେ ଅସହାୟ। ତାଙ୍କର ଜଣେ ବେକାର ଭାଇ ଅଛନ୍ତି। ସେ ବିବାହ କରିବାକୁ ଚାହାଁନ୍ତି, କିନ୍ତୁ ଆର୍ଥିକ ସଙ୍କଟ ତାଙ୍କୁ ଜୀବନରେ ନୂଆ ଅଧ୍ୟାୟ ଆରମ୍ଭ କରିବାରେ ବାଧା ଦେଉଛି। ସେ ହେଉଛନ୍ତି ଅନୁରାଧା ପାସ୍ୱାନ, ୩୨ ବର୍ଷ, ଯିଏ ପଡ଼ୋଶୀର ସୁନ୍ଦରୀ ନିରୀହ ବଧୂ ଭାବରେ ନିଜକୁ ଉପସ୍ଥାପନ କରୁଛନ୍ତି। କିନ୍ତୁ ସେ ଏକ ମିଥ୍ୟା ବିବାହ ଗ୍ୟାଙ୍ଗର ନେତ୍ରୀ, ଯିଏ ଲୋକଙ୍କ ବିଶ୍ୱାସ ଓ ଟଙ୍କା ଠକିବା ପାଇଁ ପରିଚିତ। ମିସ୍ ପାସ୍ୱାନଙ୍କ ଗ୍ୟାଙ୍ଗ ସଦସ୍ୟମାନେ ତାଙ୍କ ଫଟୋ ଓ ପ୍ରୋଫାଇଲ ସମ୍ଭାବ୍ୟ ବରଙ୍କୁ ଦେଖାଇ ଏକ ଆଦର୍ଶ ଜୋଡ଼ି ଭାବରେ ପ୍ରସ୍ତାବ ଦିଅନ୍ତି। ମଧ୍ୟସ୍ଥି, ଯିଏ ମୂଳତଃ ଗ୍ୟାଙ୍ଗର ଜଣେ ସଦସ୍ୟ, ଏହି ବିବାହ ନିର୍ଦ୍ଧାରଣ ପାଇଁ ୨ ଲକ୍ଷ ଟଙ୍କା ଚାର୍ଜ କରନ୍ତି। ଚୁକ୍ତି ସ୍ଥିର ହେବା ପରେ, ଏକ ବିବାହ ସମ୍ମତି ପତ୍ର ପ୍ରସ୍ତୁତ କରାଯାଏ। ଦମ୍ପତି ମନ୍ଦିର କିମ୍ବା ଘରେ ରୀତିନୀତି ଅନୁସାରେ ଶପଥ ଗ୍ରହଣ କରନ୍ତି। ଏବଂ ତା'ପରେ ଆରମ୍ଭ ହୁଏ ନାଟକ। ମିସ୍ ପାସ୍ୱାନ ବର ଓ ତାଙ୍କ ଶାଶୁଘର ଲୋକଙ୍କ ସହ ନିଷ୍ପାପ ଓ ସରଳ ଭାବରେ ଆଚରଣ କରନ୍ତି। ସେମାନଙ୍କ ବିଶ୍ୱାସ ଜିଣିବା ପାଇଁ ସେ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ସହ ଏକ ବନ୍ଧନ ସ୍ଥାପନ କରନ୍ତି। କିଛି ଦିନ ମଧ୍ୟରେ, ସେ ତାଙ୍କ ଯୋଜନାର ଅନ୍ତିମ ଅଂଶ କାର୍ଯ୍ୟକାରୀ କରନ୍ତି – ଖାଦ୍ୟରେ ନିଶା ମିଶାଇ ଅଳଙ୍କାର, ନଗଦ ଟଙ୍କା ଓ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷ ନେଇ ପଳାଇବା। ବିଷ୍ଣୁ ଶର୍ମା, ୨୫ ଜଣ ଶିକାର ମଧ୍ୟରୁ ଜଣେ, ବିବାହ ପାଇଁ ଋଣ ନେଇଥିଲେ। ଏପ୍ରିଲ ୨୦ରେ, ସାୱାଇ ମାଧୋପୁରର ବାସିନ୍ଦା ବିଷ୍ଣୁ ଶର୍ମା ମଧ୍ୟପ୍ରଦେଶର ଅନୁରାଧା ପାସ୍ୱାନଙ୍କୁ ବିବାହ କରିଥିଲେ। ହିନ୍ଦୁ ରୀତିନୀତି ଅନୁସାରେ ବନ୍ଧୁ ଓ ପରିବାର ଉପସ୍ଥିତିରେ ବିବାହ ସମ୍ପନ୍ନ ହୋଇଥିଲା। ଏହି ବିବାହ ଦଲାଲ ପପୁ ମୀନାଙ୍କ ମାଧ୍ୟମରେ ସ୍ଥିର ହୋଇଥିଲା, ଯାହା ପାଇଁ ବିଷ୍ଣୁ ତାଙ୍କୁ ୨ ଲକ୍ଷ ଟଙ୍କା ଦେଇଥିଲେ। ବିବାହର ଦୁଇ ସପ୍ତାହ ମଧ୍ୟରେ, ମିସ୍ ପାସ୍ୱାନ ୧.୨୫ ଲକ୍ଷ ଟଙ୍କାର ଅଳଙ୍କାର, ୩୦,୦୦୦ ଟଙ୍କା ନଗଦ ଓ ୩୦,୦୦୦ ଟଙ୍କାର ଏକ ମୋବାଇଲ ଫୋନ ନେଇ ପଳାଇଥିଲେ। "ମୁଁ ଏକ ହାତଗାଡ଼ି ଚଳାଇ ଜୀବିକା ନିର୍ବାହ କରୁଛି ଓ ଋଣ ନେଇ ବିବାହ କରିଥିଲି। ମୁଁ ମଧ୍ୟ ଏକ ମୋବାଇଲ ଋଣରେ ନେଇଥିଲି, ସେ ତାହା ମଧ୍ୟ ନେଇଗଲେ। ମୁଁ କେବେ ଭାବି ନଥିଲି ଯେ ସେ ମୋତେ ଠକିବେ," ଶର୍ମା କହିଛନ୍ତି। ମିସ୍ ପାସ୍ୱାନ ତାଙ୍କ ଘର ଛାଡ଼ି ଚାଲିଯିବା ରାତିକୁ ମନେ ପକାଇ ଶର୍ମା କହିଛନ୍ତି, ସେ କାମରୁ ରାତିରେ ଡେରିରେ ଫେରିଥିଲେ ଓ ରାତ୍ରିଭୋଜନ ପରେ ଶୀଘ୍ର ଶୋଇପଡ଼ିଥିଲେ। "ମୁଁ ସାଧାରଣତଃ ବେଶୀ ଶୁଏ ନାହିଁ, କିନ୍ତୁ ସେହି ରାତିରେ ମୁଁ ଶିଶୁ ଭଳି ଶୋଇପଡ଼ିଥିଲି, ଯେମିତି କେହି ମୋତେ ନିଦ୍ରା ଔଷଧ ଦେଇଥିଲା," ସେ କହିଛନ୍ତି। ଶର୍ମାଙ୍କ ମା' ମଧ୍ୟ ଏହି ଘଟଣାରେ ଚିନ୍ତାରେ ପଡ଼ିଥିଲେ। ଏହା ପରେ, ଶର୍ମା ପରିବାର ପୁଲିସରେ ଅଭିଯୋଗ ଦାଖଲ କରିଥିଲେ। ବିଷ୍ଣୁଙ୍କ ଦେଇଥିବା ସୂଚନା ଆଧାରରେ, ସାୱାଇ ମାଧୋପୁର ପୋଲିସ ମିସ୍ ପାସ୍ୱାନଙ୍କ ପାଇଁ ଏକ ଜାଲ ପକାଇଥିଲେ। ଜଣେ କନେଷ୍ଟବଲ ସମ୍ଭାବ୍ୟ ବର ଭାବରେ ଅଭିନୟ କରିଥିଲେ, ଯିଏ ଦଲାଲଙ୍କ ପାଇଁ ଗ୍ରାହକ ଥିଲେ, ଯିଏ ଅନେକ ମହିଳାଙ୍କ ଫଟୋ ଦେଖାଇଥିଲେ। "ତଦନ୍ତ ପରେ, ସମସ୍ତ ଦଲିଲ ଓ ବିବାହ ଚୁକ୍ତିଗୁଡ଼ିକ ମିଥ୍ୟା ବୋଲି ଜଣାପଡ଼ିଥିଲା। ଆମ ଦଳରୁ ଆମେ ଜଣେ କନେଷ୍ଟବଳକୁ ବର ଭାବରେ ପ୍ରସ୍ତୁତ କରି ସେହି ମହିଳାଙ୍କୁ ବିବାହରେ ଫସାଇଥିଲୁ," ଜଣେ ପୁଲିସ ଅଧିକାରୀ କହିଛନ୍ତି। ମିସ୍ ପାସ୍ୱାନଙ୍କୁ ଭୋପାଳରେ ଗିରଫ କରାଯାଇଛି।

## ଭାରତର ଆକ୍ସନ ପରେ ବ୍ୟାକଫୁଟକୁ ଆସିଲା ବାଂଲାଦେଶ



ନୂଆଦିଲ୍ଲୀ/ଢାକା : ଭାରତ ସ୍ଥଳପଥ ଦେଇ ବାଂଲାଦେଶୀ ରପ୍ତାନି ଉପରେ କଟକଣା ଲଗାଇବା ପରେ, ବାଂଲାଦେଶର ଅନ୍ତରୀଣ ସରକାର କହିଛନ୍ତି ଯେ ସେ ଭାରତ ସହିତ ସମସ୍ତ ବାଣିଜ୍ୟ ସମସ୍ୟାର ସମାଧାନ କରିବାକୁ ଚାହାଁନ୍ତି। ମହମ୍ମଦ ୟୁନୁସଙ୍କ ପରାମର୍ଶଦାତା କହିଛନ୍ତି ଯେ ବାଂଲାଦେଶ ଭାରତ ସହିତ ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁଛି। ସମ୍ପ୍ରତି, ଭାରତ ବାଂଲାଦେଶରୁ ସଡ଼କ ପଥରେ ପ୍ରସ୍ତୁତ ପୋଷାକ, ଫଳ, ପାନୀୟ, ଖାଦ୍ୟ, ଚିପ୍ସ, କପା ଇତ୍ୟାଦି ଆମଦାନୀ ଉପରେ ନିଷେଧାଦେଶ ଜାରି କରିଥିଲା। ପୂର୍ବରୁ, ବାଂଲାଦେଶ ଭାରତରୁ ସ୍ଥଳପଥ ଦେଇ ସୂତା ଆମଦାନୀ ନିଷେଧ କରିଥିଲା। ଭାରତ ବାଂଲାଦେଶରୁ ତୃତୀୟ ଦେଶକୁ ସାମଗ୍ରୀ ରପ୍ତାନି ପାଇଁ ଟ୍ରାନ୍ସ-ସିପମେଣ୍ଟ ସୁବିଧାକୁ ମଧ୍ୟ ସ୍ଥଗିତ କରିଥିଲା। ତେଣୁ, ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ପାରସ୍ପରିକ ବାଣିଜ୍ୟ ପ୍ରତିବନ୍ଧକ ଲଗାଯାଉଛି। ଭାରତ ଦ୍ୱାରା ଲାଗୁ କରାଯାଇଥିବା ସଦ୍ୟତମ ପ୍ରତିବନ୍ଧକ ସମ୍ପର୍କରେ, ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ବାଣିଜ୍ୟ ପରାମର୍ଶଦାତା ଶେଖ ବଶିରୁଦ୍ଦିନ କହିଛନ୍ତି ଯେ ଆମେ ଏପର୍ଯ୍ୟନ୍ତ ଭାରତର କାର୍ଯ୍ୟାନୁଷ୍ଠାନ ବିଷୟରେ ଆନୁଷ୍ଠାନିକ ଭାବରେ କିଛି ଜାଣି ନାହୁଁ। ଯଦି କୌଣସି ସମସ୍ୟା ଉପୁଜେ, ତେବେ ଉଭୟ ପକ୍ଷ ଆଲୋଚନା କରିବେ ଏବଂ ସମାଧାନ କରିବାକୁ ଚେଷ୍ଟା କରିବେ। ଏନାମୁଲ ହକ ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ବାଂଲାଦେଶୀ ଅଭିନେତ୍ରୀ ନୁସରତ ଫାରିଆଙ୍କୁ ଜେଲ ପଠାଇ ଦିଆଯାଇଛି। ସେ ଏକ ଚଳଚ୍ଚିତ୍ରରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଭୂମିକାରେ ଅଭିନୟ କରିଥିଲେ। ରବିବାର ଫାରିଆ ଥାଇଲ୍ୟାଣ୍ଡ ଯାତ୍ରା କରୁଥିବା ସମୟରେ ଢାକା ବିମାନବନ୍ଦରରେ ତାଙ୍କୁ ଅଟକ ରଖାଯାଇଥିଲା। ଜୁଲାଇ ୨୦୨୪ ଆନ୍ଦୋଳନ ସହ ଜଡିତ ଏକ ମାମଲାରେ ତାଙ୍କୁ ଗିରଫ କରାଯାଇଥିବା ଦର୍ଶାଯାଇଥିଲା।

## ପୁଣି ଫେରିଲାଣି କରୋନା: ୨ ମୃତ

ନୂଆଦିଲ୍ଲୀ : ସାରା ବିଶ୍ୱରେ ପୁଣି ଆତଙ୍କ ଖେଳାଇଲାଣି କରୋନା ଭାଇରସ । କିଛି ବର୍ଷର ବିରତି ପରେ ପୁଣି ସାରା ବିଶ୍ୱକୁ କବଳିତ କରିବାକୁ ଯାଉଛି ଏହି ଭାଇରସ । ସିଙ୍ଗାପୁର, ମାଲେସିଆ ଓ କିଛି ଦକ୍ଷିଣ ଦେଶରେ ଏବେ ତାଣ୍ଡବ ରଚୁଛି ଏହି ମୃତ୍ୟୁର ଭାଇରସ । ଗତ କିଛି ଦିନ ହେବ ପୁଣି ଥରେ କରୋନା ଭାଇରସ୍ ମୁଣ୍ଡ ଟେକିଛି । ତେବେ ଭାରତରେ ବର୍ତ୍ତମାନ ୨୦୦ରୁ ଅଧିକ ଆକ୍ଟିଭ କେସ୍ ରହିଛି । ୨୦୨୦ ମସିହାରେ କରୋନା ଭାଇରସ୍ ପୂରା ବିଶ୍ୱକୁ ଗ୍ରାସ କରିଥିବା ବେଳେ ଧୀରେ ଧୀରେ ତା'ର ପ୍ରଭାବ ଶୂନ୍ୟ ହୋଇଥିଲା । ଏବେ ଭାରତରେ ବି କରୋନା ଆକ୍ରାନ୍ତ ଚିହ୍ନଟ ହୋଲେଣି । ମୁମ୍ବାଇର କେଇଏମ୍ ହସ୍ପିଟାଲରେ ଦୁଇ ଜଣ କୋଭିଡ୍-୧୯ ପଜିଟିଭ୍ ମୃତ୍ୟୁ ରିପୋର୍ଟ ହୋଇଛି । ଉଭୟ ରୋଗୀଙ୍କ ସ୍ୱାସ୍ଥ୍ୟଗତ ସ୍ଥିତି ଗୁରୁତର ଥିଲା । ଜଣେ ରୋଗୀଙ୍କ ମୁଖ କର୍କଟ ରୋଗ ଥିଲା, ଅନ୍ୟ ଜଣେ ନେଫ୍ରୋଟିକ୍ ସିଣ୍ଡ୍ରୋମ ବା କିଡନୀ ରୋଗରେ ପୀଡିତ ଥିଲେ । ଉଭୟଙ୍କ ମୃତ୍ୟୁ କୋଭିଡ୍-୧୯ ନୁହେଁ ବରଂ ପୂର୍ବ ସ୍ଥିତି ଯୋଗୁଁ ହୋଇଛି ବୋଲି ଜଣାପଡିଛି । ମୁମ୍ବାଇରେ ଦୁଇ କରୋନା ଆକ୍ରାନ୍ତଙ୍କ ପରେ ପ୍ରତିକ୍ରିୟା ରଖିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । କହିଛନ୍ତି, ଏହା କୋଭିଡର ନୂଆ ଭାରିଆଣ୍ଟ ନୁହେଁ । ଏହା ଓମିକ୍ରନର ସବଭାରିଆଣ୍ଟ । ସୂଚନାଯୋଗ୍ୟ, ୨୦୨୦ରେ ସମଗ୍ର ଭାରତରେ ତାଣ୍ଡବ ରଚିଥିଲା କରୋନା। ଏହି ଭାଇରସ ଯୋଗୁଁ ଅନେକଙ୍କ ଜୀବନ ଚାଲିଯାଇଥିଲା ।

## ଭୁଲ ରାୟ ପାଇଁ କ୍ଷମା ମାଗିଲେ ସୁପ୍ରିମକୋର୍ଟ ବିଚାରପତି

ନୂଆଦିଲ୍ଲୀ : ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ଅଭୟ ଏସ ଓକା ଭୁଲ ରାୟ ପାଇଁ କ୍ଷମା ମାଗିଛନ୍ତି ସୁପ୍ରିମକୋର୍ଟ ବିଚାରପତି। ରୋଇ ହିଂସା ମାମଲାରେ ଦେଇଥିବା ଭୁଲ ରାୟକୁ ସେ ମାନିଛନ୍ତି। ସେ କହିଛନ୍ତି, ବିଚାରପତିମାନେ ମଧ୍ୟ ମଣିଷ ଏବଂ ନିଷ୍ପତ୍ତି ଦେବା ସମୟରେ ସେମାନେ ଭୁଲ କରିପାରନ୍ତି। ୨୦୧୬ ମସିହାରେ ବମ୍ବେ ହାଇକୋର୍ଟରେ ବିଚାରପତି ଥିବାବେଳେ ସେ ଘରୋଇ ହିଂସା ଆଇନର ବ୍ୟାଖ୍ୟା କରିବାରେ ଭୁଲ ରାୟ ଦେଇଥିଲେ। ବିଚାରପତିମାନଙ୍କ ପାଇଁ ଶିଖିବା ପ୍ରକ୍ରିୟା କେବେ ଶେଷ ହୁଏ ନାହିଁ ଏବଂ ସେମାନେ ସେମାନଙ୍କର ଭୁଲ ସଂଶୋଧନ କରିବାର ଦାୟିତ୍ୱ ନେବା ଉଚିତ। ଘରୋଇ ହିଂସା ଆଇନ ଅନୁଯାୟୀ, ଯେକୌଣସି ପୀଡିତା ମହିଳା କ୍ଷତିପୂରଣ କିମ୍ବା ଅନ୍ୟାନ୍ୟ ସହାୟତା ପାଇଁ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିପାରିବେ। ସୁପ୍ରିମକୋର୍ଟ ତାଙ୍କ ନିଷ୍ପତ୍ତିରେ କହିଛନ୍ତି ଯେ, ଫୌଜଦାରୀ କାର୍ଯ୍ୟବିଧି ସଂହିତା (ଉକ୍ବଚଉ)ର ଧାରା ୪୮୨ ଅନୁଯାୟୀ, ଏପରି ଆବେଦନଗୁଡ଼ିକୁ ଖାରଜ କରିବାର ଅଧିକାର ହାଇକୋର୍ଟର ଅଛି। କିନ୍ତୁ ସୁପ୍ରିମକୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ହାଇକୋର୍ଟ ଏହି କ୍ଷମତାକୁ ବହୁତ ଭାବିଚିନ୍ତି ଏବଂ ସତର୍କତାର ସହିତ ବ୍ୟବହାର କରିବା ଉଚିତ। ଯେତେବେଳେ ମାମଲାଟି ସମ୍ପୂର୍ଣ୍ଣ ବେଆଇନ ହୋଇଥାଏ କିମ୍ବା ଆଇନ ପ୍ରକ୍ରିୟାର ଅପବ୍ୟବହାର କରାଯାଏ,ସେତେବେଳେ ହିଁ ହସ୍ତକ୍ଷେପ କରାଯିବା ଉଚିତ। ଜଷ୍ଟିସ ଓକା କହିଛନ୍ତି, ୨୦୧୬ ମସିହାରେ ବମ୍ବେ ହାଇକୋର୍ଟରେ ଏକ ରାୟରେ ସେ କହିଥିଲେ ଯେ ଘରୋଇ ହିଂସା ଆଇନ ଅନୁଯାୟୀ ଆବେଦନକୁ ଖାରଜ କରିବା ପାଇଁ ଉକ୍ବଚଉର ଧାରା ୪୮୨ ବ୍ୟବହାର କରାଯାଇପାରିବ ନାହିଁ। କିନ୍ତୁ ପରେ ବମ୍ବେ ହାଇକୋର୍ଟର ପୂର୍ଣ୍ଣ ଖଣ୍ଡପୀଠ ଏହି ମତକୁ ଭୁଲ ଘୋଷଣା କରିଥିଲେ। ଆମର ଭୁଲକୁ ସ୍ୱୀକାର କରିବା ଏବଂ ସେଗୁଡ଼ିକୁ ସଂଶୋଧନ କରିବା ଆମର କର୍ତ୍ତବ୍ୟ। ବିଚାରପତିମାନଙ୍କ ପାଇଁ ମଧ୍ୟ ଶିକ୍ଷା ଏକ ନିରନ୍ତର ପ୍ରକ୍ରିୟା। ଏହି ଆଇନ ସମ୍ପର୍କରେ, ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଥିଲେ ଯେ ମହିଳାମାନଙ୍କୁ ନ୍ୟାୟ ଦେବା ପାଇଁ ଘରୋଇ ହିଂସା ଆଇନ ତିଆରି କରାଯାଇଛି। ଯଦି ହାଇକୋର୍ଟ ଚିନ୍ତା ନକରି ଏପରି ଆବେଦନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଚାଲିବେ, ତେବେ ଏହି ଆଇନର ଉଦ୍ଦେଶ୍ୟ ହିଁ ନଷ୍ଟ ହୋଇଯିବ। ମହିଳାଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ କୋର୍ଟ ହାଇକୋର୍ଟଙ୍କୁ ଏପରି ମାମଲାରେ ସଂଯମତା ଅବଲମ୍ବନ କରିବାକୁ ଏବଂ ହସ୍ତକ୍ଷେପ ଏଡାଇବାକୁ ନିବେଦନ କରିଥିଲେ। ଜଷ୍ଟିସ ଓକାଙ୍କ ଏହି ପଦକ୍ଷେପ ନ୍ୟାୟିକ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଦାୟିତ୍ୱକୁ ପ୍ରୋତ୍ସାହିତ କରେ। ସେ ନିଜର ଭୁଲ ସ୍ୱୀକାର କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି,ଆଇନର ଉଦ୍ଦେଶ୍ୟ ପୂରଣ ହେବା ଏବଂ ମହିଳାମାନେ ନ୍ୟାୟ ପାଇବା ପାଇଁ ହାଇକୋର୍ଟ ସତର୍କ ରହିବା ଉଚିତ। ଏହି ନିଷ୍ପତ୍ତି ଘରୋଇ ହିଂସା ବିରୋଧରେ ଲଢ଼ିବାରେ ଏକ ବଡ଼ ପଦକ୍ଷେପ।

## ପାକିସ୍ତାନର ନ୍ୟୁକ୍ଲିୟର ସିଲ୍ଡକୁ ନଷ୍ଟ କରିଛି ଭାରତ

ନୂଆଦିଲ୍ଲୀ : 'ଅପରେଶନ ସିନ୍ଦୂର' କେବଳ ଭାରତର ରଣନୈତିକ କ୍ଷମତାକୁ ପ୍ରଦର୍ଶନ କରିନଥିଲା ବରଂ ବିଶ୍ୱ ସ୍ତରରେ ଦେଶର ପ୍ରତିଛବିକୁ ମଧ୍ୟ ମଜବୁତ କରିଥିଲା। 'ଓଇଘଝ ଗବଶ୍ୱଶ୍ୱରକ୍ୱ' ଦ୍ୱାରା କରାଯାଇଥିବା ଏକ ସଦ୍ୟତମ ସର୍ଭେ ଅନୁଯାୟୀ, ୭୩ ପ୍ରତିଶତ ଲୋକ ବିଶ୍ୱାସ କରନ୍ତି ଯେ ଏହି ଅପରେଶନ ଭାରତର ଅନ୍ତର୍ଜାତୀୟ ପ୍ରତିଛବିକୁ ଆହୁରି ମଜବୁତ କରିଛି। ସେହି ସମୟରେ, ଏହି ଅପରେଶନ ପରେ, ପ୍ରଧାନମନ୍ତ୍ରୀ ମୋଦି ଆହୁରି ଶକ୍ତିଶାଳୀ ନେତା ଭାବରେ ଉଭା ହୋଇଛନ୍ତି। ଓଇଘଝ ପରିପକ୍ୱତା ମୋଟ ୭,୪୬୩ ଜଣଙ୍କ ଉପରେ ସର୍ଭେ କରିଥିଲା, ଯେଉଁଥିରେ ୪,୭୦୨ ପୁରୁଷ ଏବଂ ୨,୭୬୧ ମହିଳା ଥିଲେ। ଲୋକଙ୍କୁ ପଚରାଯାଇଥିଲା ଯେ 'ଅପରେଶନ ସିନ୍ଦୂର' ଯୋଗୁଁ ବିଶ୍ୱରେ ଭାରତର ପ୍ରତିଛବି ଆହୁରି ମଜବୁତ ହୋଇଛି କି ? ଏହି ପ୍ରଶ୍ନର ଉତ୍ତରରେ, ୭୩ ପ୍ରତିଶତ ଲୋକ ସହମତ ହୋଇଥିଲେ ଯେ ଏହି ଅପରେଶନ ଭାରତର ଅନ୍ତର୍ଜାତୀୟ ପ୍ରତିଛବିକୁ ଆହୁରି ମଜବୁତ କରିଛି, ଯେତେବେଳେ ୧୬ ପ୍ରତିଶତ ଲୋକ କହିଛନ୍ତି ଯେ ଏହାର ପ୍ରଭାବ କିଛି ପରିମାଣରେ ସକାରାତ୍ମକ ଥିଲା। ଅନ୍ୟପକ୍ଷରେ, ୧୯ ପ୍ରତିଶତ ଲୋକ ଅନୁଭବ କରିଛନ୍ତି ଯେ ଏହି ଅପରେଶନର ଭାରତର ପ୍ରତିଛବି ଉପରେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ିନାହିଁ ଏବଂ ୨ ପ୍ରତିଶତ ଲୋକ ଏହି ପ୍ରସଙ୍ଗରେ ଅନିଶ୍ଚିତ ଥିଲେ। ସର୍ଭେ ଅନୁଯାୟୀ, ୬୯ ପ୍ରତିଶତ ଲୋକ ବିଶ୍ୱାସ କରନ୍ତି ଯେ ଏହି ଅପରେଶନ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଶ୍ୱସ୍ତରୀୟ ପ୍ରତିଛବିକୁ ଆହୁରି ମଜବୁତ କରିଛି, ଯେତେବେଳେ ୨୬ ପ୍ରତିଶତ ଲୋକ କହିଛନ୍ତି ଯେ ତାଙ୍କ ପ୍ରତିଛବିରେ କୌଣସି ପରିବର୍ତ୍ତନ ହୋଇନାହିଁ, ଏବଂ ୫ ପ୍ରତିଶତ ଏହା ବିଷୟରେ ଅନିଶ୍ଚିତ। 'ଅପରେଶନ ସିନ୍ଦୂର' ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତା ଉପରେ ପ୍ରଭାବ ବିଷୟରେ, ୭୪ ପ୍ରତିଶତ ଲୋକ କହିଛନ୍ତି ଯେ ଲୋକପ୍ରିୟତା ବୃଦ୍ଧି ପାଇଛି। ୧୧ ପ୍ରତିଶତ ଲୋକ ବିଶ୍ୱାସ କରନ୍ତି ଯେ ଲୋକପ୍ରିୟତା ଉପରେ କୌଣସି ପ୍ରଭାବ ପଡ଼ିନାହିଁ, ଯେତେବେଳେ ୧୦ ପ୍ରତିଶତ ଲୋକ ବିଶ୍ୱାସ କରନ୍ତି ଯେ ଲୋକପ୍ରିୟତା ହ୍ରାସ ପାଇଛି। ଏହା ବ୍ୟତୀତ, ୫ ପ୍ରତିଶତ ଲୋକ ଜାଣି ନାହାଁନ୍ତି କିମ୍ବା କହିପାରିବେ ନାହିଁ ଭଳି ପରିସ୍ଥିତିରେ ଥିଲେ।

## ହାଫିଜ ସୟିଦ ଓ ଅନ୍ୟ ଆତଙ୍କୀଙ୍କୁ ହସ୍ତାନ୍ତର କର: ଭାରତୀୟ କୂଟନୀତିଜ୍ଞ

ନୂଆଦିଲ୍ଲୀ : ଇସ୍ରାଏଲରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଜେ.ପି. ସିଂହ ଆଦଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଅନ୍ତର୍ଜାତୀୟ ସ୍ତରରେ ମେଣ୍ଟ କରିବାକୁ ଦାବି କରିଛନ୍ତି। ଏହା ସହିତ ପାକିସ୍ତାନ ପାଳୁଥିବା ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ହାଫିଜ ସୟିଦ, ସାଜିଦ ମିର ଏବଂ ଜାକିର ରହମନ ଲାଖଭୀଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବାକୁ ଦାବି କରିଛନ୍ତି। ଭାରତରେ ଘଟିଥିବା ୨୬/୧୧ ମୁମ୍ବଇ ଆତଙ୍କୀ ଆକ୍ରମଣର ମାଷ୍ଟରମାଇଣ୍ଡ ତହଉର ରାଣାକୁ ଯେପରି ଆମେରିକା ପ୍ରତ୍ୟର୍ପଣ କଲା, ପାକିସ୍ତାନ ସେପରି କରୁ ବୋଲି ସେ କହିଛନ୍ତି। ଅପରେସନ 'ସିନ୍ଦୂର'ର ଉଦାହରଣ ଦେଇ ଆତଙ୍କବାଦ ବିରୋଧରେ ଆରମ୍ଭ ହୋଇଥିବା ଏହି ଅପରେସନ ଏବେ ସୁଦ୍ଧା ସରିନାହିଁ ବୋଲି ପାକିସ୍ତାନକୁ ସେ ଚେତାଇ ଦେଇଛନ୍ତି। ସିଂହ ଆହୁରି କହିଛନ୍ତି, ଯେତେବେଳେ ଅମେରିକା ଏଭଳି ଦୋଷୀମାନଙ୍କୁ ପ୍ରତ୍ୟର୍ପଣ କରିପାରୁଛି, ତେବେ ପାକିସ୍ତାନ କାହିଁକି କରିପାରିବ ନାହିଁ। ସେମାନଙ୍କୁ ପାକ୍ ହସ୍ତାନ୍ତର କରିବା ଦରକାର, ଯାହାଫଳରେ ସବୁକିଛିର ଅନ୍ତ ହୋଇପାରିବ।

## ରାଜଧାନୀ ଏକ୍ସପ୍ରେସକୁ ଲାଇନଚ୍ୟୁତ କରିବାକୁ ଷଡଯନ୍ତ୍ର ବିଫଳ



ଉତ୍ତର ପ୍ରଦେଶ : ଟ୍ରେନ ଦୁର୍ଘଟଣା ଘଟାଇବାକୁ ବଡ଼ ଷଡ଼ଯନ୍ତ୍ର । ଅଳ୍ପକେ ଟଳିଲା ଦୁର୍ଘଟଣା । ବଞ୍ଚିଗଲା ଶତାଧିକ ଯାତ୍ରୀଙ୍କ ଜୀବନ । ଉତ୍ତର ପ୍ରଦେଶ ହାର୍ଦ୍ଦୋଇ ଜିଲ୍ଲାରେ ଦୁଇଟି ଏକ୍ସପ୍ରେସ ଟ୍ରେନକୁ ଡିରେଲ କରିବାକୁ ହୋଇଥିଲା ଷଡଯନ୍ତ୍ର । ଟ୍ରେନ ଲାଇନ ଉପରେ କାଠ ପଟା ଏବଂ ଆର୍ଥିଂ ତାର ରଖି ଲାଇନଚ୍ୟୁତ କରିବାକୁ ଉଦ୍ୟମ କରାଯାଇଥିଲା । ତେବେ ଦୁର୍ଘଟଣା ଅଳ୍ପକେ ଟଳି ଯାଇଥିଲା । ଠିକ ସମୟରେ ଟ୍ରେନ୍ ଡ୍ରାଇଭରଙ୍କ ନଜର ପଡ଼ିବାରୁ ଟ୍ରେନର ଗତିକୁ ନିୟନ୍ତ୍ରଣକୁ ଆଣିଥିଲେ । ଫଳରେ ଦୁର୍ଘଟଣା ଟଳି ଯାଇଥିଲା । ରାଜଧାନୀ ଏକ୍ସପ୍ରେସ ୨୦୫୦୪ ଓ କାଠଗୋଦାମ ଏକ୍ସପ୍ରେସ ୧୫୦୪୪କୁ ଡିରେଲ କରିବାକୁ ଷଡ଼ଯନ୍ତ୍ର ହୋଇଥିଲା । ତେବେ ସନ୍ଧ୍ୟା ୫.୪୫ ମିନିଟରେ ଏଭଳି ଷଡଯନ୍ତ୍ର ରଚାଯାଇଥିଲା । ହାର୍ଦୋଇ – ଲକ୍ଷ୍ନୌ ରେଳ ରୁଟ୍ ର ଦାଲେନଗର ଓ ଉମରତାଲି ଷ୍ଟେସନ୍ ଭିତରେ ଟ୍ରେନ ଡିରେଲ ପାଇଁ ଉଦ୍ୟମ ହୋଇଥିଲା । ଟ୍ରେନ ଲାଇନର ଡାଉନ ଟ୍ରାକରେ କାଠ ରଖାଯାଇଥିଲା । ତେବେ ଲୋକ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଅନେକ ଜୀବନ ବଞ୍ଚିଯାଇଛି । ସୂଚନା ମିଳିବା ପରେ ରେଳବାଇ ଅଧିକାରୀ, ଜିଆରପି ଏବଂ ଆରପିଏଫ ଟିମ୍ ପହଞ୍ଚି ଯାଞ୍ଚ ଆରମ୍ଭ କରୁଛି । ଏନେଇ କାହାକୁ ଗିରଫ କରାଯାଇନାହିଁ ।

## ଅପରେସନ ସିନ୍ଦୂର: ବାୟୁସେନା ଜାରି କଲା ନୂଆ ଭିଡିଓ

ନୂଆଦିଲ୍ଲୀ : ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢିବାରେ ଲାଗିଛି । ପହଲଗାମ ଆତଙ୍କୀ ଆକ୍ରମଣ ପର ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଏବେ ଭାରତୀୟ ବାୟୁସେନା ଏକ ଭିଡିଓ ଜାରି କରିଛି । ଭିଡିଓରେ ବାୟୁସେନାର ପରାକ୍ରମ ଦେଖିବାକୁ ମିଳିଛି। ଏୟାରଫୋର୍ସର ଯବାନ ଆକାଶରେ ଶୌର୍ଯ୍ୟ ଦେଖାଇଛନ୍ତି । ଭିଡିଓରେ ଦେଖିବାକୁ ମିଳିଛି, କିଭଳି ବାୟୁବୀର ପରାକ୍ରମ ଦେଖାଉଛନ୍ତି, ଯାହାକୁ କେହି ରୋକି ପାରିବେନି, ଯାହା ସହିତ କାହାକୁ ତୁଳନା କରାଯାଇପାରିବ ନାହିଁ । ପହଲଗାମରେ ଆତଙ୍କୀ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୂର ଜରିଆରେ ପାକିସ୍ତାନ ଏବଂ ପିଓକେରେ ଥିବା ୯ଟି ଆତଙ୍କୀ ଶିବିର ଉପରେ ଷ୍ଟ୍ରାଇକ କରିଥିଲା । ଏଥିରେ ଅତିକମରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ । ଅପରେସନ ସିନ୍ଦୂରର ସଫଳତା ପରେ ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧିତ କରି ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇଥିଲେ । ଯଦି ଆତଙ୍କବାଦୀଙ୍କୁ ଶରଣ ଦେବା ପାକିସ୍ତାନ ବନ୍ଦ ନ କରେ, ତେବେ ଏହାର ପରିଣାମ ଭୟଙ୍କର ହେବ । ଅପରେସନ ସିନ୍ଦୂର ପରେ ଭାରତ ତରଫରୁ ୭ଟି ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ଟଘଝଉ ସଦସ୍ୟଙ୍କ ସହ ସମଗ୍ର ବିଶ୍ୱ ବୁଲିବେ । ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ବାର୍ତ୍ତା ନେଇ ସାରା ବିଶ୍ୱ ବୁଲିବେ ଭାରତର ସାଂସଦ । ଏହି ଦଳର ସଦସ୍ୟମାନେ ପାକିସ୍ତାନର ଆତଙ୍କୀ ପ୍ରୀତି ସହ ଅପରେସନ ସିନ୍ଦୂର ବାବଦରେ ବିଶ୍ୱର ବଡ ବଡ ଦେଶକୁ ଗସ୍ତ କରି ବଖାଣିବେ । ବିଦେଶ ଗସ୍ତ ପାଇଁ ୭ଟି ସର୍ବଦଳୀୟ ପ୍ରତିନିଧି ଦଳ ଗଠନ ହୋଇଛି । ପ୍ରତି ଦଳର ନେତୃତ୍ୱ ନେବେ ୭ ଜଣ ବରିଷ୍ଠ ସାଂସଦ । ତେବେ କଂଗ୍ରେସର ଶଶୀ ଥରୁର, ବିଜେପିର ରବି ଶଙ୍କର ପ୍ରସାଦ ଏବଂ ବୈଜୟନ୍ତ ପଣ୍ଡା, ଜେଡିୟୁର ସଞ୍ଜୟ କୁମାର ଝା, ଡିଏମକେର କାନିମୋଝୀ କରଣାନିଧି, ଏନସିପିର ସୁପ୍ରିୟା ସୋଲେ ଏବଂ ଶିବସେନାର ଶ୍ରୀକାନ୍ତ ଏକନାଥ ସିନ୍ଦେ ପ୍ରତି ଦଳର ନେତୃତ୍ୱ ନେବେ ।



## ମଦ୍ରାସା ପାଠ୍ୟକ୍ରମରେ ସାମିଲ ହେବ 'ଅପରେସନ ସିନ୍ଦୂର'







ନୂଆଦିଲ୍ଲୀ : ନୂଆ ପାଠ୍ୟକ୍ରମରେ 'ଅପରେସନ୍ ସିନ୍ଦୂର' ଉପରେ ଏକ ସମ୍ପୂର୍ଣ୍ଣ ଅଧ୍ୟାୟ ଯୋଡାଯିବ । ଯେଉଁଥିରେ ଭାରତୀୟ ସେନାର ସାହସିକତା ଏବଂ ଦେଶ ପ୍ରତି ସମର୍ପଣର ପ୍ରେରଣାଦାୟକ କାହାଣୀ ରହିବ । ଏନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି ଉତ୍ତରାଖଣ୍ଡ ସରକାର । ରାଜ୍ୟର ୪୫୧ଟି ପଞ୍ଜିକୃତ ମଦ୍ରାସାରେ ବର୍ତ୍ତମାନ ୫୦ ହଜାରରୁ ଅଧିକ ଛାତ୍ର ଅଧ୍ୟୟନ କରୁଛନ୍ତି । ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଦେଶପ୍ରେମରେ ପରିପୂର୍ଣ୍ଣ ଇତିହାସ ସହିତ ପରିଚିତ ହେବେ ଛାତ୍ର । ଏହାଦ୍ୱାରା ଶିକ୍ଷା ସହିତ ଜାତୀୟତାବାଦ ଏବଂ ସାମରିକ ଗର୍ବକୁ ଯୋଡ଼ିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି ବିବେଚନା କରାଯାଉଛି । ଉତ୍ତରାଖଣ୍ଡର ମଦ୍ରାସାର ଛାତ୍ରମାନେ ଏହି ଅଧ୍ୟାୟ ବିଷୟରେ ବିସ୍ତାର ଭାବରେ ପଢ଼ିବେ । ସରକାରୀ ତଥ୍ୟ ଅନୁଯାୟୀ, ରାଜ୍ୟରେ ୪୫୧ଟି ମଦ୍ରାସା ଶିକ୍ଷା ପରିଷଦ ସହିତ ପଞ୍ଜିକୃତ ରହିଛି । କିନ୍ତୁ ପ୍ରାୟ ୫୦୦ ମଦ୍ରାସା ପଞ୍ଜିକରଣ ବିନା ଚାଲୁଛି । ଅପରେସନ ସିନ୍ଦୂର ଜରିଆରେ ଭାରତୀୟ ସେନା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଥିଲା । ମେ ୬ ଏବଂ ୭ ରାତିରେ.ବିଶ୍ୱ ସମ୍ମୁଖରେ ଆତଙ୍କବାଦ ବିରୋଧରେ ନିଜର ମତ ସ୍ପଷ୍ଟ କରିଛି ଭାରତ । ଏହି ଅପରେସନ୍ ଅଧୀନରେ ଭାରତୀୟ ବାୟୁସେନା ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ଚକ୍କକ)ର ମୋଟ ୯ଟି ସ୍ଥାନରେ ଏୟାର ଷ୍ଟ୍ରାଇକ କରିଥିଲା । ଏହି ସମସ୍ତ ଆଡ୍ଡାଗୁଡ଼ିକ ଜୈଶ-ଏ-ମହମ୍ମଦ, ଲସ୍କର-ଏ-ତଇବା ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ଭାରତ ବିରୋଧୀ ଆତଙ୍କବାଦୀ ସଂଗଠନ ସହିତ ଜଡିତ ଥିଲା । ଏହି ଅପରେସନରେ ୧୦୦ରୁ ଅଧିକେ ଆତଙ୍କବାଦୀ ନିହତ ହୋଇଥିଲେ। ଏହି ସମସ୍ତ ଆତଙ୍କବାଦୀ ଗୋଷ୍ଠୀ ଭାରତ ବିରୁଦ୍ଧରେ ଆତଙ୍କବାଦୀ ଆକ୍ରମଣ ଯୋଜନା କରୁଥିଲେ । ସେମାନଙ୍କୁ ଏହି ଘାଟିଗୁଡ଼ିକରୁ ତାଲିମ, ଅସ୍ତ୍ରଶସ୍ତ୍ର ଦିଆଯାଉଥିଲା ।

## ବୁଡିଲା ପୁଣେ ବିମାନବନ୍ଦର, ଯାତ୍ରୀ ହନ୍ତସନ୍ତ



ପୁଣେ : ପୁଣେରେ ଏକ ଘଣ୍ଟା ଧରି ଲାଗି ରହିଛି ବର୍ଷା । ଅଦିନିଆ ବର୍ଷାରେ ପ୍ରଭାବିତ ହୋଇଛି ଅନ୍ତର୍ଜାତୀୟ ବିମାନବନ୍ଦର । ଯାହାଫଳରେ ବିମାନବନ୍ଦରର ଏକ୍ସିଟ୍ ଦ୍ୱାର ସାମ୍ନାରେ ପାଣି ଜମି ରହିଛି । ତେଣୁ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅଦିନିଆ ବର୍ଷାରେ ଯଦି ଏପରି ପରିସ୍ଥିତି ସୃଷ୍ଟି ହୋଇଛି ତେବେ ମୌସୁମୀ ଆସିଲେ କ'ଣ ହେବ ସେ ନେଇ ପ୍ରଶ୍ନ ଉଠୁଛି । ସୂଚନାନୁଯାୟୀ, ପୁଣେରେ ଲଗାଣ ବର୍ଷା ଯୋଗୁଁ ପରିସ୍ଥିତି ଖରାପ ହୋଇ ରହିଛି । ମାତ୍ର ଏକ ଘଣ୍ଟାର ବର୍ଷାରେ ପୁଣେର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସମସ୍ୟା ସୃଷ୍ଟି ହୋଇଛି । ଏପରି ପରିସ୍ଥିତି ସୋମବାର ରାତି ପ୍ରାୟ ୯.୪୫ ମିନିଟରୁ ଆରମ୍ଭ ହୋଇ ଗୋଟିଏ ଘଣ୍ଟା ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା । ଲୋହଗାଓଁରେ ସର୍ବାଧିକ ୩୯.୮ମିମିର ବର୍ଷା ହୋଇ ରେକର୍ଡ ଭାଙ୍ଗିଛି । ଯାହାଫଳରେ ପୁଣେର ବିମାନବନ୍ଦରରେ ପାଣି ଜମା ହୋଇ ରହିଥିଲା । ଫଳରେ ଯାତ୍ରୀମାନଙ୍କୁ ସମସ୍ୟାର ସାମ୍ନା କରିବାକୁ ପଡିଥିଲା । ପାଣିପାଗ ବିଭାଗ ସୂଚନାନୁଯାୟୀ, ପ୍ରତି ଘଣ୍ଟାରେ ୩୦ରୁ୪୦ କିଲୋମିଟରର ପବନ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି । ଏପରି ସ୍ଥିତିରେ ଆଜି ଲଗାତାର ବର୍ଷା ହେବାର ସୂଚନା ଦେଇଛନ୍ତି । ମେ ୨୧ରୁ ମେ ୨୫ ଅପରାହ୍ଣରୁ ସନ୍ଧ୍ୟା ପର୍ଯ୍ୟନ୍ତ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଅନ୍ୟପଟେ ପୁଣେର ଲୋହଗାଓଁରେ ୩୯.୮ମିମି, ମାଲିନରେ ୩୧.୦ମିମି, ହୱେଲୀରେ ୧୬.୫ମିମି, ବାରାମତୀରେ ୧୪.୫ମିମି, ଲୱ୍ୱସାରେ ୧୩.୫ମିମି, ଲୱ୍ୱଲେରେ ୧୩.୦ମିମି, ହଡପସରରେ ୧୨.୫ମିମି, ୱଡଗାଓଁଶେରୀରେ ୧୧.୦ମିମି, ପୁରନ୍ଦରରେ ୬.୫ମିମି, ବଲ୍ଲାଲବାଡ଼ୀରେ ୫.୫ମିମି, ଗିରିବନରେ ୫.୦ମିମି, ନାରାୟଣଗାଓଁରେ ୪.୫ମିମି, ଘମଘେରେ, ତଲେଗାଓଁ ଏବଂ ରାଜଗୁରୁନଗରରେ ୪.୦ମିମି, ନିମିମଗିରି, ଏନଡିଏ ଏବଂ ଲୋନାୱ୍ୱାଲାରେ ୨.୦ମିମି, ଭୋର ଏବଂ ଦୁଦୁଲଗାଓଁରେ ୧.୦ମିମି, ଦୌଣ୍ଡରେ ୦.୫ମିମିର ବର୍ଷା ଲାଗି ରହିଥିଲା ।

# ରୋହିତ ଶର୍ମାଙ୍କୁ ଇଂଲଣ୍ଡ ଗସ୍ତରେ ନେବାକୁ ଚାହୁଁଥିଲା

ନୂଆଦିଲ୍ଲୀ: ରୋହିତ ଶର୍ମା ଅଚାନକ କାହିଁକି ଟେଷ୍ଟରୁ ନେଲେ ଅବସର ? କଣ ବିସିସିଆଇ ତାଙ୍କୁ ସନ୍ନ୍ୟାସ ନେବା ପାଇଁ କହିଥିଲା ? ରିପୋର୍ଟ କହୁଛି। ବିସିସିଆଇ ରୋହିତଙ୍କୁ ସ୍ପଷ୍ଟ ଶବ୍ଦରେ ଜଣାଇ ଦେଇଥିଲା ଯେ, ଟେଷ୍ଟ ଟିମ୍‌ରେ ଆପଣଙ୍କ ଆଉ କୌଣସି ଭୂମିକା ନାହିଁ। ଏବେ ଆଉ ଏକ ନ୍ୟୁଜ ରିପୋର୍ଟରେ ଦାବି କରାଯାଇଛି ଯେ, ରୋହିତ ଶର୍ମା ଇଂଲଣ୍ଡ ଗସ୍ତରେ ଯିବାକୁ ଚାହୁଁଥିଲେ। ସେ ମହେନ୍ଦ୍ର ସିଂ ଧୋନୀଙ୍କ ପରି ଅବସର ନେବାକୁ ପ୍ରସ୍ତାବ ରଖିଥିଲେ, ମାତ୍ର ବିସିସିଆଇ ତାଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଥିଲା। ଏହା ପରେ ହିଟମ୍ୟାନଙ୍କୁ ବାଧ୍ୟ ହୋଇ ଟେଷ୍ଟରୁ ସନ୍ନ୍ୟାସ ଘୋଷଣା କରିବାକୁ ପଡ଼ିଲା।

ସ୍କାଇ ନ୍ୟୁଜର ରିପୋର୍ଟ ମୁତାବକ, ରୋହିତ ଶର୍ମା ଇଂଲଣ୍ଡ ଗସ୍ତ କରିବାକୁ ଚାହୁଁଥିଲେ ଏହି ଗସ୍ତରେ ଭାରତ ଘରୋଇ ଦଳ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ ଏହି ସିରିଜ୍‌ର ମଧ୍ୟ ଭାଗରେ ରୋହିତ ଟେଷ୍ଟରୁ ସନ୍ନ୍ୟାସ ଘୋଷଣା କରିବାକୁ ଚାହୁଁଥିଲେ। ଏହା ପୂର୍ବରୁ ମହେନ୍ଦ୍ର ସିଂ ଧୋନୀ ୨୦୧୪ରେ ଅଷ୍ଟ୍ରେଲିଆ ଗସ୍ତରେ ସିରିଜ୍ ମଝିରେ ହିଁ ଟେଷ୍ଟରୁ ସନ୍ନ୍ୟାସ ଘୋଷଣା କରିଥିଲେ ହେଲେ ବିସିସିଆଇ ରୋହିତ ଶର୍ମାଙ୍କ ଧୋନୀଙ୍କ ପରି ଅବସର ପ୍ରସ୍ତାବକୁ ଖାରଜ କରି ଦେଇଥିଲା।

ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ଚୟନକର୍ତ୍ତା ସିରିଜ୍‌ରେ ନିରନ୍ତରତା ଚାହୁଁଥିଲେ ରୋହିତ ଶର୍ମାଙ୍କୁ କୁହାଯାଇଥିଲା ଯେ, ଇଂଲଣ୍ଡ ଗସ୍ତରେ ଆପଣ କେବଳ ଜଣେ ଖେଳାଳି ହିସାବରେ ଯାଇ ପାରିବେ, କିନ୍ତୁ ଅଧିନାୟକ ଭାବେ ନୁହେଁ ବୋର୍ଡର ଏହି ଆଭିମୁଖ୍ୟ ପରେ ରୋହିତ ଶର୍ମା ଟେଷ୍ଟରୁ ସନ୍ନ୍ୟାସ ନେବାକୁ ଘୋଷଣା କରିଥିଲେ।



ରୋହିତ ଶର୍ମା ୬୭ଟି ଟେଷ୍ଟ ଖେଳି ୧୧୬ ଇନିଂସରେ ୪୦.୫୭ ହାରରେ ମୋଟ୍ ୪୩୦୧ ରନ କରିଛନ୍ତି ଏଥିରେ ୧୨ ଶତକ ଓ ୧୮ ଅର୍ଦ୍ଧଶତକ ସାମିଲ ଏହା ପୂର୍ବରୁ ରୋହିତ ୨୦୨୪ରେ ଟି-୨୦ ବିଶ୍ୱକପ୍ ଜିତିବା ପରେ କ୍ରିକେଟ୍‌ର ସବୁଠୁ ଛୋଟ ଫର୍ମାଟ୍‌ରୁ ସନ୍ନ୍ୟାସ ଘୋଷଣା କରିଥିଲେ ତାଙ୍କ ସହିତ ବିରାଟ କୋହଲି ଓ ରବୀନ୍ଦ୍ର ଜାଡ଼େଜା ମଧ୍ୟ ଟି-୨୦ ଅନ୍ତର୍ଜାତୀୟରୁ ଅବସର ଘୋଷଣା କରିଥିଲେ। ରୋହିତଙ୍କ ଟେଷ୍ଟରୁ ସନ୍ନ୍ୟାସ ଘୋଷଣାର ୫ ଦିନ ପରେ ବିରାଟ କୋହଲି ମଧ୍ୟ ଏହି ଫର୍ମାଟ୍‌କୁ ଅଲବିଦା କହିଛନ୍ତି।

କେବଳ ସେତିକି ନୁହେଁ ବିରାଟ କୋହଲିଙ୍କୁ ନେଇ ନାନା କଥା ଉଠିଛି। ତାଙ୍କର ଅବସରକୁ ସାଥୀ ଖେଳାଳିଙ୍କଠାରୁ ଆରମ୍ଭ କରି ପ୍ରତିପକ୍ଷ, ପ୍ରଶଂସକ ଏବଂ ପୂର୍ବତନ କ୍ରିକେଟ୍‌ରମାନେ କୋହଲିଙ୍କ ଏହି ନିଷ୍ପତ୍ତିରେ ବିସ୍ମୟ ପ୍ରକଟ କରିଥିଲେ ମଧ୍ୟ ପରବର୍ତ୍ତୀ ଜୀବନ ପାଇଁ ଶୁଭକାମନା ଜଣାଇଥିଲେ। ଅନ୍ୟପକ୍ଷରେ ଗୁରୁତ୍ୱପୂର୍ଣ୍ଣ ଇଂଲଣ୍ଡ ଗସ୍ତ ପୂର୍ବରୁ କୋହଲି ଏମିତି ଅବସର ଘୋଷଣା କରିବା ନେଇ ନାନା ତର୍କବିତର୍କ ଆରମ୍ଭ ହୋଇଯାଇଥିଲା। ୩୬ ବର୍ଷୀୟ କୋହଲି ପୂର୍ବରୁ ଟ୍ୱେଣ୍ଟି-୨୦ରୁ ଅବସର ନେଇ ସାରିଛନ୍ତି ଟେଷ୍ଟ୍ ଛାଡ଼ିବା ପରେ ଆଗାମୀ ସମୟରେ ପ୍ରଶଂସକ ତାଙ୍କୁ କେବଳ ଏକଦିବସୀୟ କ୍ରିକେଟ୍ ଖେଳୁଥିବାର ଦେଖିବାକୁ ପାଇବେ।ତେବେ ହଠାତ କୋହଲି କାହିଁକି ଏଭଳି ନିଷ୍ପତ୍ତି ନେଲେ ସେ ନେଇ ଅନେକ ଚର୍ଚ୍ଚା ଚାଲିଥିବା ବେଳେ ଏବେ ତାହାର କାରଣ ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, କୋହଲି ଏକ ନୂତନ ଚ୍ୟାଲେଞ୍ଜ ଚାହୁଁଥିଲେ, ଏହି ପରିବର୍ତ୍ତନର ପର୍ଯ୍ୟାୟରେ ଅଧିନାୟକ ଭୂମିକାକୁ ଫେରି ଦଳକୁ ସମ୍ଭାଳିବାର ସୁଯୋଗ ଚାହୁଥିଲେ। କିନ୍ତୁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ଯୋଜନା କିଛି ଅଲଗା ଥିଲା।ବିସିସିଆଇ ବିରାଟଙ୍କ ପରିବର୍ତ୍ତେ ଯୁବ କ୍ରିକେଟରଙ୍କୁ ଅଧିନାୟକତ୍ୱ ଦେବାକୁ ଚାହୁଁଥିବା ଜାଣିବାକୁ ପାଇଥିଲେ। ବିରାଟ ଏହା ପରେ ବର୍ତ୍ତମାନର ପରିଚାଳନା କମିଟି ଅଧୀନରେ, ସେ ଚାହୁଁଥିବା ସ୍ୱାଧୀନତା, ପରିବେଶ ଏବଂ ଉତ୍ସାହ ତାଙ୍କୁ ମିଳୁନଥିବାରୁ ସେ ଅବସର ନେବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଚର୍ଚ୍ଚା ହେଉଛି।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୦୯ | ୦୩ | ୧୮ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୦୮ | ୦୩ | ୧୭ |
| ପଞ୍ଜାବ କିଙ୍ଗ୍‌ସ | ୧୨ | ୦୮ | ୦୩ | ୧୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୦୭ | ୦୫ | ୧୪ |
| ଦିଲ୍ଲୀ କ୍ୟାପିଟାଲ୍ | ୧୨ | ୦୬ | ୦୪ | ୧୩ |
| କୋଲକାତା ନାଇଟ୍ ରାଇଡର୍ସ | ୧୩ | ୦୫ | ୦୬ | ୧୨ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୨ | ୦୫ | ୦୭ | ୧୦ |
| ସନରାଇଜର୍ସ ହାଇଦ୍ରାବାଦ | ୧୨ | ୦୪ | ୦୭ | ୦୯ |
| ରାଜସ୍ଥାନ ରୟାଲ୍‌ସ | ୧୪ | ୦୪ | ୧୦ | ୦୮ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୧୩ | ୦୩ | ୦୯ | ୦୬ |

# ଲକ୍ଷ୍ନୌକୁ ବିଦାକଲା ହାଇଦ୍ରାବାଦ




ଲକ୍ଷ୍ନୌ, ୨୦।୫:: ଚଳିତ ଆଇପିଏଲ୍‌ରେ ଋଷଭ ପନ୍ତଙ୍କ ବିଫଳତା ଧାରା ଜାରି ରହିଛି। ସୋମବାର ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ସେ ମାତ୍ର ୭ ରନ୍ କରିବା ପରେ ଲକ୍ଷ୍ନୌର ପ୍ଲେ ଅଫ୍ ଆଶା ଏକପ୍ରକାର ମଉଳିଯିବା ଦ୍ୱାର ଦେଶରେ ରହିଛି। ପନ୍ତଙ୍କ ଲଜ୍ଜାଜନକ ବ୍ୟାଟିଂ ପାଇଁ ଲକ୍ଷ୍ନୌ ମାଲିକ ସଂଜୀବ ଗୋଏଙ୍କା ମ୍ୟାଚ୍ ନଦେଖି ଷ୍ଟାଡ଼ିୟମ୍ ବାଲ୍କୋନି ବାହାରକୁ ଚାଲିଯିବା ବେଶ୍ ଚର୍ଚ୍ଚିତ ହୋଇଛି।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ପାଇଁ ଦୁଇ ବିଦେଶୀ ଓପନର୍ ମିଚେଲ ମାର୍ସ ଓ ଐଡେନ ମାରକ୍ରମ ଦୃଢ଼ ମୂଳଦୁଆ ପକାଇଥିଲେ ଉଭୟ ପ୍ରଥମ ୱିକେଟ୍‌ରେ ମାତ୍ର ୧୦.୩ ଓଭରରେ ୧୧୫ ରନ୍ ଯୋଡ଼ିଥିଲେ ଦୁଇ ଜଣ ଯାକ ମଧ୍ୟ ଅର୍ଦ୍ଧଶତକୀୟ ପାଳି ଖେଳି ହାଇଦ୍ରାବାଦ ବୋଲରଙ୍କୁ ନୟାନ୍ତ କରିଥିଲେ ବିପଜ୍ଜନକ ମାର୍ସଙ୍କୁ ଆଉଟ୍ କରି ସ୍ପିନର୍ ହର୍ଷ ଦୁବେ ଉଭୟଙ୍କୁ ଅଲଗା କରିବା ପରେ କିନ୍ତୁ ହାଇଦ୍ରାବାଦର ଭାଗ୍ୟ ଉଦୟ ହୋଇଥିଲା ତା ସହିତ ଅଧିନାୟକ ଋଷଭ ପନ୍ତ ପୁଣି ଥରେ ବେପରୁଆ ଓ ବିସ୍ମୟକର ପାଳି ଖେଳି ନିରାଶ କରିଥିଲେ ତାଙ୍କ ସହ ଆୟୁଷ ବଡୋନି, ଅବଦୁଲ ସମଦ ଓ ଶାର୍ଦ୍ଦୁଳ ଠାକୁର ମଧ୍ୟ ଏକ ଅଙ୍କରେ ଅଟକି ଯାଇଥିଲେ। ଫଳରେ ଶେଷ ୯.୩ ଓଭରରେ ଦିଶାହୀନ ହୋଇ ରନ୍ ଗତିକୁ ଯେତିକି ବଢ଼ାଇବା କଥା ସେତିକି ବଢ଼ାଇ ପାରି ନଥିଲା ଲକ୍ଷ୍ନୌ ଅନ୍ୟତମ ବିଦେଶୀ ତାରକା ନିକୋଲାସ ପୂରନଙ୍କ ଉପଯୋଗୀ ୪୫ ରନ୍ ବଳରେ ହିଁ ଏହି ଦଳ ୨୦୦ ଟପିପାରିଥିଲା। ତେବେ ପୂରନ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇ ମାତ୍ର ୫ ରନ୍ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ ଯାହାର ରାଗ ସେ ଡ୍ରେସିଂ ରୁମ୍‌ରେ ନିଜ ଉପକରଣ ଫିଙ୍ଗି ଶୁଝାଇଥିଲେ। ଏହି କାରଣରୁ ବି ଏକଦା ଅଢ଼େଇ ଶହ ରନ୍ ଛୁଇଁବା ଆଶାରେ ଥିବା ଲକ୍ଷ୍ନୌ ୨୦୫ ରନ୍‌ରେ ଅଟକି ଯାଇଥିଲା । ସଂକ୍ଷିପ୍ତ ସ୍କୋର୍: ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୨୦ ଓଭରରେ ୨୦୫/୭ (ମିଚେଲ ମାର୍ସ ୬୫, ଐଡେନ ମାରକ୍ରମ ୬୧, ନିକୋଲାସ୍ ପୂରନ ୪୫, ଈଶାନ ମାଲିଙ୍ଗା ୨/୨୮)।

# ୧୫୦ ୱିକେଟ୍ କ୍ଲବରେ ହର୍ଷଲ

ଲକ୍ଷ୍ନୌ, ୨୦।୦୫: ସନ୍‌ରାଇଜର୍ସ ହାଇଦ୍ରାବାଦର ପେସ୍ ବୋଲର ହର୍ଷଲ ପଟେଲ ଆଇପିଏଲ୍‌ରେ ୧୫୦ ୱିକେଟ୍ କ୍ଲବ୍‌ରେ ସାମିଲ୍ ହୋଇଛନ୍ତି।ଲକ୍ଷ୍ନୌ ସୁପରଜାଏଣ୍ଟସ ବିପକ୍ଷ ମ୍ୟାଚ୍‌ରେ ସେ ଆଡେନ ମାରକ୍ରମଙ୍କୁ ଆଉଟ୍ କରି ଏହି ମାଇଲଖୁଣ୍ଟ ଛୁଇଁଛନ୍ତି । ଏଥିସହ ହର୍ଷଲ ଭାରତୀୟ ବୋଲର ଭାବେ ଦ୍ରୁତତମ ୧୫୦ ୱିକେଟ୍ ନେବାରେ ରେକର୍ଡ଼ ସ୍ଥାପନ କରିଛନ୍ତି। ପୂର୍ବରୁ ସ୍ପିନର ୟୁଜବେନ୍ଦ୍ର ଚହଲଙ୍କ ନାମରେ ଏହି ରେକର୍ଡ଼ ରହିଥିଲା। ସେ ୧୧୮ଟି ମ୍ୟାଚ୍ ଖେଳି ୧୫୦ ୱିକେଟ୍ ପୂରଣ କରିଥିଲେ। ହର୍ଷଲଙ୍କୁ ଏହି କ୍ଲବ୍‌ରେ ସାମିଲ୍ ହେବା ପାଇଁ ୧୧୪ଟି ଇନିଂସ୍ ଲାଗିଥିଲା ।

ଆଇପିଏଲ୍‌ରେ ଦ୍ରୁତତମ ୧୫୦ ୱିକେଟ୍ ରେକର୍ଡ଼ ମୁମ୍ବାଇ ଇଣ୍ଡିଆନ୍ସ ତଥା ଶ୍ରୀଲଙ୍କାର ପୂର୍ବତନ ପେସ୍ ବୋଲର ଲାସିଥ ମାଲିଙ୍ଗାଙ୍କ ନାମରେ ରହିଛି। ସେ ୧୦୫ଟି ମ୍ୟାଚ୍ ଖେଳି ଏହି ରେକର୍ଡ଼ ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଜରାଟ ଟାଇଟନ୍ସ ପକ୍ଷରୁ ଖେଳୁଥିବା ଆଫଗାନିସ୍ତାନ ସ୍ପିନର ରସିଦ ଖାନ (୧୨୨ଟି ମ୍ୟାଚ୍) ଓ ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର୍ ପେସ୍ ବୋଲର ଯଶପ୍ରୀତ ବୁମରା (୧୨୪ଟି ମ୍ୟାଚ୍) ଯଥାକ୍ରମେ ତାଲିକାରେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।




# ବଦଳିଲା ଆଇପିଏଲ୍ କାର୍ଯ୍ୟସୂଚୀ

## ଅହମ୍ମଦାବାଦରେ ଫାଇନାଲ

ନୂଆଦିଲ୍ଲୀ, ୨୦।୫: ଆଇପିଏଲ୍ ୨୦୨୫ରେ ପ୍ଲେଅଫ୍ ପାଇଁ ନୂଆ ଭେନ୍ୟୁ ଘୋଷଣା କରିଛି ବିସିସିଆଇ। ଏହାସହ ଫାଇନାଲ୍ ଖେଳାଯିବାକୁ ଥିବା ଷ୍ଟାଡିୟମ ମଧ୍ୟ ପରିବର୍ତ୍ତନ କରିଛି।କୋଲକାତାର ଇଡେନ୍ ଗାର୍ଡେନ୍ସ ପରିବର୍ତ୍ତେ। ଏବେ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ। କ୍ୱାଲିଫାୟାର ୧ ଓ ଏଲିମିନେଟର୍ ମ୍ୟାଚ୍ ପାଇଁ ଷ୍ଟାଡିୟମ ପରବର୍ତ୍ତନ କରାଯାଇଛି। ଦୁଇ ମୁକାବିଲା ନ୍ୟୁ ଚଣ୍ଡିଗଡ଼ର ମୁଲ୍ଲାନପୁର ଷ୍ଟାଡିୟମରେ ଖେଳାଯିବ। ପୂର୍ବରୁ ଏହି ଦୁଇ ମ୍ୟାଚ୍‌ର ଆୟୋଜନ ହାଇଦ୍ରାବାଦରେ ହୋଇଥାନ୍ତା।

ବିସିସିଆଇ ମଙ୍ଗଳବାର ଏକ ବୟାନରେ କହିଛି ଯେ ଅହମଦାବାଦର



ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଜୁନ୍ ୩ରେ ଆଇପିଏଲ୍ ଫାଇନାଲ୍ ଖେଳାଯିବ। କ୍ୱାଲିଫାୟାର-୨ ମଧ୍ୟ ଏହି ମୈଦାନରେ ଖେଳାଯିବ। ଅନ୍ୟପଟେ ମୁଲ୍ଲାନପୁରର ମହାରାଜ ଯାଦବେନ୍ଦ୍ର ସିଂହ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ମେ ୨୯ରେ କ୍ୱାଲିଫାୟାର-୧ ଓ ମେ ୩୦ରେ ଏଲିମିନେଟର୍ ମୁକାବିଲା ଖେଳାଯିବ। ଉଲ୍ଲେଖଯୋଗ୍ୟ ଯେ ପୂର୍ବ ଧାର୍ଯ୍ୟ ସୂଚୀ ଅନୁସାରେ ମେ ୨୫ରେ କୋଲକାତାରେ ଫାଇନାଲ୍ ଖେଳା ଯାଇଥାନ୍ତା। କ୍ୱାଲିଫାୟାର ୨ ମଧ୍ୟ ଏଠାରେ ଆୟୋଜନ ହୋଇଥାନ୍ତା ।

ମଙ୍ଗଳବାର ବିସିସିଆଇର ଦୀର୍ଘ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। କ୍ୱାଲିଫାୟାର ୧ ଓ ଏଲିମିନେଟର ମ୍ୟାଚ୍ ପାଇଁ ଷ୍ଟାଡିୟମ୍ ପରିବର୍ତ୍ତନ ପଛରେ ବର୍ଷା ପ୍ରମୁଖ କାରଣ ଦେଶରେ ଧୀରେ ଧୀରେ ମୌସୁମୀ ପ୍ରବେଶ କରୁଥିବାରୁ ଦକ୍ଷିଣ ଭାରତରେ ବର୍ଷା ଆରମ୍ଭ ହୋଇସାରିଛି ବର୍ଷା ଓ ଖରାପ ପାଗ କାରଣରୁ ଆରସିବି ଓ ହାଇଦ୍ରାବାଦ ମଧ୍ୟରେ ହେବାକୁ ଥିବା ମ୍ୟାଚକୁ ଲକ୍ଷ୍ନୌ ସ୍ଥାନାନ୍ତର କରାଯାଇଛି। ଏହି ମ୍ୟାଚ୍ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥାନ୍ତା।

# ଅକ୍ଟୋବରରେ ଭାରତ ଆସିବେ ମେସି

 କୋଚି, ୨୦।୫: ମହାନ ଫୁଟବଲ୍ ତାରକା ଲିଓନେଲ୍ ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ଫୁଟ୍‌ବଲ୍ ଦଳ ଆସନ୍ତା ଅକ୍ଟୋବର-ନଭେମ୍ବରରେ କେରଳ ଗସ୍ତ କରିବ। ଏଠାରେ ଆର୍ଜେଣ୍ଟିନା ଦଳ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଆର୍ଜେଣ୍ଟିନା ଆସିବା ନେଇ ଆଶଙ୍କା ସୃଷ୍ଟି ହୋଇଥିବା ସ୍ଥାନୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଥିଲେ ମଧ୍ୟ କେରଳ କ୍ରୀଡ଼ାମନ୍ତ୍ରୀ ଭି ଅବଦୁରଅହିମାନ ଏହାକୁ ଖଣ୍ଡନ କରିଛନ୍ତି। ଆର୍ଜେଣ୍ଟିନା ଓ ମେସି ପୂର୍ବନିର୍ଦ୍ଧାରିତ ସୂଚୀ ଅନୁସାରେ କେରଳ ଆସିବା ଏକପ୍ରକାର ନିଶ୍ଚିତ।

ଏଥିରେ ସନ୍ଦେହ ପ୍ରକଟ କରିବାର



କୌଣସି କାରଣ ନାହିଁ ।ପ୍ରସ୍ତାବିତ ମ୍ୟାଚ୍ ଲାଗି ପ୍ରାୟୋଜକ ମିଳି ସାରିଛନ୍ତି ।ପ୍ରସ୍ତୁତି ପର୍ବ ଦ୍ରୁତ ଗତିରେ ଚାଲିଛି ବୋଲି ମଧ୍ୟ ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ପୁଣି ଫେଲ୍ ହେଲେ ୨୭ କୋଟିର ଖେଳାଳି

ନୂଆଦିଲ୍ଲୀ, ୨୦।୫: ଆଜି ସନରାଇଜର୍ସ ହାଇଦ୍ରାବାଦକୁ ଭେଟିଛି ଲକ୍ଷ୍ନୌ ସୁପର ଜାଏଣ୍ଟ। ଏହି ମ୍ୟାଚରେ ପୁଣି ଫେଲ୍ ହୋଇଛନ୍ତି ଲକ୍ଷ୍ନୌର ଅଧିନାୟକ ତଥା ଚଳିତ ଆଇପିଏଲର



ସବୁଠାରୁ ଦାମୀ ଖେଳାଳି ଋଷଭ ପନ୍ତ। ଆଜିର ମ୍ୟାଚରେ ସେ ମାତ୍ର ୭ ରନ କରି ଆଉଟ ହୋଇଯାଇଛନ୍ତି ।ସେ ଆଉଟ ହେବା ପରେ ଏବେ ପୁଣି ତାଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଋଷଭ ପନ୍ତ ଏବେ ଯାଏଁ ଚଳିତ ଆଇପିଏଲରେ ୧୨ଟି ମ୍ୟାଚ ଖେଳି ମାତ୍ର ୧୩୫ ରନ କରିଛନ୍ତି । ସେ ଚେନ୍ନାଇ ବିପକ୍ଷରେ କେବଳ ୬୩ ରନ ମାରିଥିଲେ ନଚେତ ଅନ୍ୟ କୌଣସି ଦଳ ବିପକ୍ଷରେ ତାଙ୍କ ବ୍ୟାଟ୍ ଚାଲିନଥିଲା ଫ୍ରାଞ୍ଚାଇଜ ଯେଉଁ ଭରସା କରି ତାଙ୍କୁ ଏତେ ବଡ଼ ଦାୟିତ୍ୱ ଦେଇଥିଲା। ସେଥିରେ ସେ ସଫଳ ହୋଇପାରିନାହାନ୍ତି। ୨୭ କୋଟିରେ କିଣା ଯାଇଥିବା ଏହି ଖେଳାଳିଙ୍କ ପ୍ରଦର୍ଶନ ୨୭ ଟଙ୍କାର ନୁହେଁ ବୋଲି ଚର୍ଚ୍ଚା ହେଉଛି ।

# ରାଠି-ଅଭିଷେକ ଶର୍ମା ତୁ ତୁ ମେଁ ମେଁ



**ନୂଆଦିଲ୍ଲୀ, ୨୦।୫(ଏଜେନ୍ସି):** ୬୧ ତମ ମ୍ୟାଚ୍ ମ୍ୟାଚ୍‌ରେ ହାଇଦ୍ରାବାଦ ଲକ୍ଷ୍ନୌକୁ ୬ ୱିକେଟ୍‌ରେ ପରାସ୍ତ କରିଛି।ଲକ୍ଷ୍ନୌର ପ୍ଲେ-ଅଫ୍‌ରେ ପହଞ୍ଚିବାର ଆଶାକୁ ମଧ୍ୟ ଭାଙ୍ଗି ଦେଇଛି କିନ୍ତୁ ଏହି ମ୍ୟାଚ୍‌ର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି।ଯେଉଁଥିରେ ଦିଗବେଶ ସିଂହ ରାଠି ଏବଂ ଅଭିଷେକ ଶର୍ମାଙ୍କ ମଧ୍ୟରେ ପ୍ରବଳ କଥା କଟାକଟି ଦେଖିବାକୁ ମିଳିଛି ।

୨୦୬ ରନ ପିଛା କରି ହାଇଦ୍ରାବାଦ ତରଫରୁ ଅଭିଷେକ ଶର୍ମା ଝଡ଼ ଭଳି ବ୍ୟାଟିଂ କରୁଥିଲେ। ସେ ମାତ୍ର ୧୮ ବଲରେ ଅର୍ଦ୍ଧଶତ ସ୍କୋର କରିଥିଲେ ୪ଟି ଲଗାତାର ଛକା ମଧ୍ୟ ମାରିଥିଲେ। ଏହି ସମୟରେ ଦିଗବେଶ ସିଂହ ରାଠି ଇନିଂସଙ୍କ ୮ମ ଓଭର ବୋଲିଂ କରିବାକୁ ଆସିଥିଲେ ତାଙ୍କ ଓଭରରେ ଅଭିଷେକ ଶର୍ମା କ୍ୟାଚ୍ ଆଉଟ୍ ହୋଇଥିଲେ।ଏହା ପରେ ଅଭିଷେକଙ୍କୁ ଦେଖି ଦିଗବେଶ ରାଠି ତାଙ୍କ ପୁରୁଣା ଶୈଳୀରେ ଉତ୍ସବ ପାଳନ କରିଥିଲେ। ଏଥିରେ ଅଭିଷେକ ଶର୍ମା କ୍ରୋଧିତ ହୋଇଗଲେ। ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା ଅମ୍ପାୟାରଙ୍କୁ ହସ୍ତକ୍ଷେପ କରିବାକୁ ପଡିଥିଲା। ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଯାହା ଶୁଣିବାକୁ ମିଳିଛି ମ୍ୟାଚ୍ ପରେ ଉଭୟଙ୍କ ମଧ୍ୟରେ ପ୍ୟାଚ୍‌ଅପ୍ ସରିଛି। ସେପଟେ ଆଇପିଏଲ ଆଚରଣ ସଂହିତା ଉଲ୍ଲଂଘନ ପାଇଁ ଦିଗବେଶ ରାଠିଙ୍କୁ ଗୋଟିଏ ମ୍ୟାଚ୍ ପାଇଁ ବାସନ୍ଦ କରାଯାଇଛି।ଏହାସହ ୫୦% ଜରିମାନା ବି ଲାଗିଛି।ସେହିପରି ଅଭିଷେକ ଶର୍ମାଙ୍କୁ ମଧ୍ୟ ତାଙ୍କ ମ୍ୟାଚ୍ ଫିର ୨୫% ଫାଇନ ଏବଂ ୧ ଡିମେରିଟ୍ ପଏଣ୍ଟ ଦିଆଯାଇଛି।

# ତିନି ବର୍ଷ ପରେ ଟି-୨୦ ଦଳକୁ ଫେରିବେ କେଏଲ ରାହୁଲ ?

ନୂଆଦିଲ୍ଲୀ, ୨୦।୫(ଏଜେନସି): ଭାରତୀୟ କ୍ରିକେଟ୍ ଖେଳାଳି କେଏଲ ରାହୁଲ ଗତ କିଛି ମାସରେ ନିଜର ଦମଦାର ପ୍ରଦର୍ଶନରେ ସଭିଙ୍କ ଧ୍ୟାନ ଆକର୍ଷିତ କରିଛନ୍ତି ରାହୁଲ। ଆଇପିଏଲ୍ ୨୦୨୫ରେ ଦମଦାର ଫର୍ମରେ ଅଛନ୍ତି।ସେ ରବିବାର ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ ଦମଦାର ଶତକ ହାସଲ କରିଥିଲେ। ସେ ଚଳିତ ସଂସ୍କରଣରେ ୫୦୦ ରନ କରିବାର ନିକଟତର ହୋଇଛନ୍ତି। ତାଙ୍କର ଏହି ଦମଦାର ପ୍ରଦର୍ଶନ ଦେଖି ଆଗାମୀ ବାଂଲାଦେଶ ଗସ୍ତ ପାଇଁ ରାହୁଲଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିପାରେ।

କେଏଲ ରାହୁଲ ପ୍ରାୟ ଅଢେଇ ବର୍ଷ ପୂର୍ବେ ଭାରତ ପକ୍ଷରୁ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଇଂଲଣ୍ଡ ବିପକ୍ଷ ନଭେମ୍ବର ୧୦ରେ ଟି-୨୦ ବିଶ୍ବକପ୍ ସେମି ଫାଇନାଲ୍‌ରେ ସେ ୫ ରନ କରିଥିଲେ ଏହା ପରଠୁ ସେ ଟି-୨୦ ଦଳରୁ ବାହାରେ ଅଛନ୍ତି। ଏହି ମ୍ୟାଚ୍‌ରେ ଭାରତ ଇଂଲଣ୍ଡଠୁ ୧୦ ୱିକେଟ୍‌ରେ ହାରିଥିଲା ରାହୁଲ ୨୦୨୨ ଟି-୨୦ ବିଶ୍ୱକପ୍‌ରେ ୬ଟି ମ୍ୟାଚ୍‌ରେ ମାତ୍ର ୧୨୮ ରନ କରିଥିଲେ। କେଏଲ ରାହୁଲ ଗତ ୬ ମାସରେ ଦମଦାର ପ୍ରଦର୍ଶନ କରି ଦେଖାଇ ଦେଇଛନ୍ତି ଯେ, ତାଙ୍କ ନିକଟରେ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ଦକ୍ଷତା ରହିଛି। ରବିବାର ଅରୁଣ ଜେଟଲୀ ଷ୍ଟାଡିୟମରେ ରାହୁଲ ୬୦ ବଲ୍‌ରୁ ଶତକ ହାସଲ କରିଥିଲେ। ସେ ୬୫ ବଲରୁ ୧୪ ଚୌକା ଓ ୪ ଛକା ସହ ୧୧୨ ରନ କରିଥିଲେ ।ସେ ଦିଲ୍ଲୀ ପକ୍ଷରୁ ୧୧ଟି ମ୍ୟାଚ୍‌ରେ ୧୪୨.୧୬ ଷ୍ଟ୍ରାଇକ ରେଟ୍‌ରେ ୪୯୩ ରନ କରିଛନ୍ତି।କେଏଲ ରାହୁଲ ଭାରତ ପକ୍ଷରୁ ୭୨ ମ୍ୟାଚ୍‌ରୁ ୬୮ଟି ଇନିଂସ ଖେଳି ୩୭.୭୫ ଦମଦାର ହାରରେ ୨୨୬୫ ରନ କରିଛନ୍ତି ।

# ଲକ୍ଷ୍ନୌ ଖେଳାଳିଙ୍କୁ ଉତ୍ସାହ କଲେ ମାଲିକ

ନୂଆଦିଲ୍ଲୀ, ୨୦।୫: ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ପରାସ୍ତ ହୋଇ ଆଇପିଏଲ୍ ୨୦୨୫ର ପ୍ଲେଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି ଲକ୍ଷ୍ନୌ ସୁପର ଜାଏଣ୍ଟସ ଅଭିଷେକ ଶର୍ମାଙ୍କ ଧୂଆଁଧାର ଅର୍ଦ୍ଧଶତକ ଏବଂ ହେନରିକ କ୍ଲାସେନଙ୍କ ଦମଦାର ବ୍ୟାଟିଂ ବଳରେ ହାଇଦ୍ରାବାଦ ୬ ୱିକେଟ୍‌ରେ ଲକ୍ଷ୍ନୌକୁ ହରାଇଛି। ଲିଗ୍ ପର୍ଯ୍ୟାୟରେ ଆଉ ଦୁଇଟି ମ୍ୟାଚ୍ ବାକି ଥିଲେ ମଧ୍ୟ ପ୍ଲେ ଅଫ୍‌ରୁ ବିଦା ହୋଇ ସାରିଛି। ଲକ୍ଷ୍ନୌ ନିଜ ଦଳର ପ୍ରଦର୍ଶନକୁ ନେଇ ଏବେ ଫ୍ରାଞ୍ଚାଇଜର ମାଲିକ ସଞ୍ଜୀବ ଗୋଏଙ୍କା ପ୍ରତିକ୍ରିୟା ଦେଇଛନ୍ତି।



ସେ ସାମାଜିକ ଗଣମାଧ୍ୟମରେ ଭାବୁକଭରା ସନ୍ଦେଶ ଦେଇ ଲେଖିଛନ୍ତି, ସିଜିନର ଦ୍ୱିତୀୟ ପର୍ଯ୍ୟାୟ ଆମ ପାଇଁ କଠିନକର ରହିଲା। ମାତ୍ର ଏହି ସମୟରେ ଆମେ କିଛି ଦିଗରେ ଭଲ ପ୍ରଦର୍ଶନ କରିଛୁ, ଯେଉଁଥିରେ ଆମର ସାହସ ଓ ଉତ୍ସାହ ବଢିବ। ଏହା ଆମକୁ ଆଗକୁ ଯିବା ପାଇଁ ପ୍ରୋତ୍ସାହିତ କରିବ। ଏବେ ଆହୁରି ଦୁଇଟି ମ୍ୟାଚ୍ ବାକି ରହିଛି।ଚାଲନ୍ତୁ ଗୌରବର ସହିତ ଖେଳି ଭଲ ସ୍ମୃତି ସହ ସିଜିନର ସମାପନ କରିବା।

ଲକ୍ଷ୍ନୌ ସୁପର ଜାଏଣ୍ଟସ ପାଇଁ ଆଇପିଏଲ୍ ୨୦୨ର ଦ୍ୱିତୀୟ ପର୍ଯ୍ୟାୟ ବାସ୍ତବରେ କଠିନଭରା ଥିଲା ଏଲଏସଜି ସିଜିନର ପ୍ରଥମ ୬ଟି ମ୍ୟାଚ୍‌ରୁ ୪ଟି ଜିତିଥିଲା ମାତ୍ର ପରବର୍ତ୍ତୀ ୬ଟି ମ୍ୟାଚ୍‌ରୁ ଦଳ କେବଳ ଗୋଟିଏ ମ୍ୟାଚ୍ ଜିତି ପାରିଛି। ଲକ୍ଷ୍ନୌ ଗତ ଚାରୋଟି ମ୍ୟାଚ୍ ହାରି ପ୍ଲେ ଅଫ୍‌ରୁ ବିଦା ହୋଇଛି।ଏବେ ଦଳ ନିଜର ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଗୁଜରାଟ ଟାଇଟନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ଖେଳିବ।

ଲକ୍ଷ୍ନୌ ସୁପର ଜାଏଣ୍ଟସ ୨୦୨୨ ସଂସ୍କରଣରେ ଆଇପିଏଲ୍‌ରେ ପାଦ ଥାପିଥିଲା ୨୦୨୨ ଓ ୨୦୨୩ରେ ଦଳ ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା ହେଲେ ଦୁଇ ଥର ଏଲିମିନେଟରରେ ଦଳ ପରାଜିତ ହୋଇଥିଲା ଗତ ଦୁଇଟି ସିଜିନରେ ଦଳ ଅକଥ ପ୍ରୟାସ ପରେ ବି ପ୍ଲେ ଅଫ୍ ଯିବାରେ ବିଫଳ ହୋଇଛି ଉଲ୍ଲେଖନୀୟ ଆଇପିଏଲ୍ ୨୦୨୫ରେ ଲକ୍ଷ୍ନୌ ଦଳର ଅଧିନାୟକ ଋଷଭ ପନ୍ତ ଶୋଚନୀୟ ପ୍ରଦର୍ଶନ କରିଛନ୍ତି ସେ ୧୨ଟି ମ୍ୟାଚ୍‌ରେ ମାତ୍ର ୧୩୫ ରନ କରି ଦଳ ପରାଜୟର ମୁଖ୍ୟ କାରଣ ପାଲଟିଛନ୍ତି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ